
ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୧୨ ସେପ୍ଟେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 12 September 2025
Vol.No. 36 ■ No.242 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


# କିଏ ନେବ ନେପାଳ ନେତୃତ୍ୱ: ହୋଇପାରୁନି ସ୍ଥିର



ନୂଆଦିଲ୍ଲୀ,୧୧/୯ : ନେପାଳରେ ଅନ୍ତରୀଣ ସରକାର ଗଠନ ପାଇଁ ଜୋରଦାର ବିଚାର ବିମର୍ଶ ଜାରି ରହିଛି । ତେବେ କିଏ ଅନ୍ତରୀଣ ସରକାରର ନେତୃତ୍ୱ ନେବେ ଦୁଇଦିନ ହେଲା ସ୍ଥିର ହୋଇପାରୁନାହିଁ । ଏଥିପାଇଁ ନେପାଳ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତିଙ୍କ ସୁଶୀଳା କାର୍କି ଓ କାଠମାଣ୍ଡୁ ମେୟର ବାଲେନ୍ଦ୍ର ଶାହଙ୍କ ପରେ ନେପାଳ ଇଲେକ୍ଟ୍ରିସିଟି ବୋର୍ଡର ପୂର୍ବତନ ସିଇଓ କୁଲମନ ଘିସିଂ ନାଁ ଆଗରେ ରହିଛି । ଭାରତରେ ଶିକ୍ଷାଲାଭ କରିଥିବା କୁଲମାନଙ୍କ ସମୟରେ ନେପାଳରେ ବଡ଼ ବିଦ୍ୟୁତ୍ ସଂସ୍କାର ଆସିଥିଲା । ଘଣ୍ଟାଘଣ୍ଟା ବିଦ୍ୟୁତ୍ କାଟ ଯନ୍ତ୍ରଣାରୁ ଲୋକ ଆଶ୍ୱସ୍ତ ହୋଇଥିଲେ । ତେଣୁ କୁଲମାନ ଘିସିଂଙ୍କ ନାଁ ଅନ୍ତରୀଣ ସରକାରର ମୁଖ୍ୟ ଭାବେ ଜେନ-ଜେଡ୍ ବିଚାର କରୁଛି । ସେପଟେ ନେପାଳକୁ ସେନା ନିୟନ୍ତ୍ରଣକୁ ନେବା ପରେ ଧୀରେଧୀରେ ସ୍ଥିତି ସୁଧୁରୁଛି । ଜେଡ୍- ଜେନ୍ ପ୍ରତିନିଧିଙ୍କ ସହ ସେନାମୁଖ୍ୟ ଅଶୋକ ରାଜ ସିଗଡେଲ ଆଲୋଚନା କରିଛନ୍ତି । ନେପାଳରେ ହିଂସା ପରଠାରୁ ୩୦ ଜଣ ପ୍ରାଣ ହରାଇଥିବା ବେଳେ ୧ ହଜାରରୁ ଅଧିକ ଲୋକ ଆହତ ହୋଇଛନ୍ତି । କିଛି ସ୍ଥାନରେ କର୍ଫ୍ୟୁ ବଢ଼ାଇ ଦିଆଯାଇଥିଲେ ବି ଜରୁରୀ ସେବା, ଯାନବାହନ ଓ ଅନୁଷ୍ଠାନକୁ କଟକଣାରୁ ବାଦ ଦିଆଯାଇଛି । କାଠମାଣ୍ଡୁ ତ୍ରିଭୁବନ ବିମାନବନ୍ଦରରେ ଆରମ୍ଭ ହୋଇଛି ବିମାନସେବା । ଜେଲ ରଙ୍ଗା ଘଟଣାକୁ ସେନା ଗୁରୁତ୍ୱର ସହ ନେଇ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି । ପ୍ରାୟ ୧୫ ହଜାର କଏଦୀ ଜେଲରୁ ଫେରାର ହୋଇଯାଇଛନ୍ତି । ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ କିଛି ସମୟ ବାହାରକୁ ଆସିବା ପାଇଁ ଅନୁମତି ଦିଆଯାଇଥିଲା । ତେବେ କୌଣସି ସ୍ଥାନରେ ଲୋକ ମେଳି ବାନ୍ଧି ପାରିବେ ନାହିଁ ।

## ସରିଲା ରତ୍ନଭଣ୍ଡାର ମରାମତି କାମ: ଅକ୍ଟୋବର ସୁଦ୍ଧା ଗଣତିମଣତି



ପୁରୀ, ୧୧/୯ (ନି.ପ୍ର): ସମ୍ପୂର୍ଣ୍ଣ ହୋଇଛି ରତ୍ନଭଣ୍ଡାର ମରାମତି କାମ। ଆରମ୍ଭ ହେବ ଗଣତି ମଣତି ପ୍ରକ୍ରିୟା । ଏଇ ମାସ ଚେଷ୍ଟା କରାଯାଉଛି । ଅକ୍ଟୋବର ମଧ୍ୟରେ ଶେଷ ହେବ ଗଣତି ମଣତି ଓ ହୁଣ୍ଡି ଶିଫ୍ଟିଂ । ଧାଡ଼ି ଦର୍ଶନ ପୂର୍ବରୁ ହୁଣ୍ଡି ଶିଫ୍ଟିଂ ପାଇଁ ଏକ ରିଜଲ୍ୟୁସନ ଆସିବ । ପରେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ଲାଗିବ ଏବଂ ତୁରନ୍ତ ହୁଣ୍ଡି ଶିଫ୍ଟ ହୋଇ ଧାଡ଼ି ଦର୍ଶନ ଆରମ୍ଭ ହେବ । ସେପଟେ ଚାରି ଘଣ୍ଟା ଧରି ହୋଇଛି ଶ୍ରୀମନ୍ଦିର ସମୀକ୍ଷା ବୈଠକ । ଶ୍ରୀମନ୍ଦିର ପରିକ୍ରମା ସମେତ ଏହି ବୈଠକରେ ବିଭିନ୍ନ ଯୋଜନାର ଏକ ସବିଶେଷ ସମୀକ୍ଷା ହୋଇଛି । ପ୍ରକଳ୍ପ ଗୁଡ଼ିକର ସ୍ଥିତି କେମିତି ରହିଛି ସେ ସମ୍ପର୍କରେ ହୋଇଛି ଆଲୋଚନା । ▶▶ପୃଷ୍ଠା ୭

## ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘନିଷ୍ଠ ସହଯୋଗୀଙ୍କୁ ଗୁଳି କରି ହତ୍ୟା

ନୂଆଦିଲ୍ଲୀ,୧୧/୯ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘନିଷ୍ଠ ସହଯୋଗୀଙ୍କୁ ଗୁଳି କରି ହତ୍ୟା । ୟୁଟା ଭେଲି ୟୁନିଭର୍ସିଟିର ଏକ କାର୍ଯ୍ୟକ୍ରମରେ ଭାଷଣ ଦେଉଥିବା ବେଳେ ଚାର୍ଲି କିର୍କଙ୍କୁ କେହି ଦୁର୍ବୃତ୍ତ ଗୁଳି ମାଡ଼ କରିଥିଲା । ଗୁଳି ତାଙ୍କ ବେକରେ ବାଜିଥିଲା । ଗୁଳିକାଣ୍ଡ ବେଳର ଭିଜୁଆଲ କ୍ୟାମେରାରେ କଏଦ ହୋଇଛି । ଗୁଳି ବାଜିବା ପରେ ଘଟଣା ସ୍ଥଳରେ ହିଁ ଟଳି ପଡ଼ିଥିଲେ ଚାର୍ଲି କିର୍କ । ୟୁନିଭର୍ସିଟି କ୍ୟାଂପସର ଏକ ଖୋଲା ସ୍ଥାନରେ ବଡ଼ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା । ▶▶ପୃଷ୍ଠା ୭

## ବାଣୀବିହାର କ୍ୟାମ୍ପସରେ ମିଶନ୍ ଅଲଆଉଟ୍: ମୁକୁଳିଲା ୫୦ ସରକାରୀ କ୍ୱାର୍ଟର୍ସ

ଭୁବନେଶ୍ୱର, ୧୧/୯ (ନି.ପ୍ର): ବାଣୀବିହାର କ୍ୟାମ୍ପସରୁ ଅଣଛାତ୍ରଙ୍କୁ ବିଦା ପରେ ସରକାରୀ କ୍ୱାର୍ଟର୍ସରେ ଅନଧିକୃତ ଭାବେ ରହିଆସୁଥିବା ଲୋକଙ୍କ ପାଳି ପଡ଼ିଛି । ଆଜି ଆକ୍ସନ ମୋଡକୁ ଆସି ସଂପୃକ୍ତ ଜବରଦଖଲକାରୀଙ୍କୁ ହଟାଇଛନ୍ତି ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମିଶନ୍ ଅଲ୍ ଆଉଟ୍ ଜରିଆରେ ପୋଲିସ ଫୋର୍ସ ଉପସ୍ଥିତିରେ ଆଜି ୫୦ଟି ସରକାରୀ କ୍ୱାର୍ଟର୍ସକୁ ଖାଲି କରିଛନ୍ତି । ତେବେ ବର୍ଷ ବର୍ଷ ଧରି କିଏ ଏବଂ କାହିଁକି ଏମାନଙ୍କୁ ସରକାରୀ ଘରେ ରହିବା ପାଇଁ ପ୍ରଶ୍ରୟ ଦେଉଥିଲା ? ତାକୁ ନେଇ ନାନା ପ୍ରଶ୍ନ ଭିତରେ ବଡ଼ ଚର୍ଚ୍ଚା ହେଉଛି, ଯା ପରେ ସରକାରୀ ଘରେ ଥିବା ଭଡ଼ାଟିଆ ଏବଂ କ୍ୟାମ୍ପସରେ ଥିବା ବସ୍ତିର ପାଳି ପଡ଼ିବ ତ ? ▶▶ପୃଷ୍ଠା ୭

## ମହାନଦୀ ରିଭରଫ୍ରଣ୍ଟ ଯୋଜନାକୁ ମଞ୍ଜୁରୀ: ତିନି ବର୍ଷରେ ଖର୍ଚ୍ଚ ହେବ ୨୪୦ କୋଟି ଟଙ୍କା



ଭୁବନେଶ୍ୱର, ୧୧/୯ (ନି.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବହୁଆକାଂକ୍ଷିତ ମହାନଦୀ ନଦୀତଟ ବିକାଶ ଯୋଜନାକୁ ମଞ୍ଜୁରୀ ଦେଇଛନ୍ତି । ୨୦୨୫-୨୬ରୁ ୨୦୨୭-୨୮ ମଧ୍ୟରେ ଏହି ଯୋଜନା କାର୍ଯ୍ୟକାରୀ ହେବ ଏବଂ ତିନି ବର୍ଷରେ ୨୪୦ କୋଟି ଟଙ୍କା ଖର୍ଚ୍ଚ ହେବ । ଜଳ ସମ୍ପଦ ବିକାଶ ବିଭାଗ ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରୁ ଏହି ଅର୍ଥ ବ୍ୟବହାର କରିବ । ଯୋଜନା ମଞ୍ଜୁରୀ ଦେଇ ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି, "ମହାନଦୀ ଓଡ଼ିଶାର ଜୀବନରେଖା । ଏହାର ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକୁ ପରିବେଶ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରାଯିବ । ଏହା ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିରେ ବଡ଼ ଯୋଗଦାନ ଦେବ ।" ଯୋଜନାର ପ୍ରମୁଖ ଉଦ୍ଦେଶ୍ୟ ହେଉଛି ନଦୀକୂଳରେ ସାମାଜିକ-ସାଂସ୍କୃତିକ ସୁବିଧା ଯୋଗାଇବା, ଘରୋଇ ସହଭାଗିତାରେ ଜଳକ୍ରୀଡା, ମନୋରଞ୍ଜନ ପାର୍କ, ବିଜ୍ଞାନ ପାର୍କ, ହର୍ବାଲ ଉଦ୍ୟାନ ଆଦିର ମୌଳିକ ଭିତ୍ତିଭୂମି ନିର୍ମାଣ, ନଦୀତଟ କ୍ଷୟ ନିୟନ୍ତ୍ରଣ, ନଦୀଜଳ ସଫା, ଜଳ ସଂରକ୍ଷଣ ଓ ପାରିପାର୍ଶ୍ୱିକ କ୍ଷେତ୍ରର ସ୍ଥାୟୀ ବିକାଶ । ଯୋଜନାରେ ଦୁଇଟି ସ୍ଥାନରେ ନଦୀତଟ ବିକାଶ ହେବ । ପ୍ରଥମଟି ସମ୍ବଲପୁରର ମାଣ୍ଡାଲିଆରୁ ଚୌନପୁର ପର୍ଯ୍ୟନ୍ତ, ଯେଉଁଥିରେ ପାର୍କିଂ, ଜଗିଙ୍ଗ୍ ପାର୍କ, ସେଲ୍ଫି ପଏଣ୍ଟ, ପାର୍କ, ଖୋଲା ଜିମ୍, ଘାଟ ଉନ୍ନତି, ସ୍ନାନ ଘାଟ, ଆରତୀ ଘାଟ, ଥିମ୍ ପ୍ଲାଜା, ସପିଂ କମ୍ପ୍ଲେକ୍ସ, ଶୌଚାଳୟ ଆଦିର ବିକାଶ ହେବ । ଏଥିପାଇଁ ୧୬୦ କୋଟି ଟଙ୍କା ବିନିଯୋଗ । ▶▶ପୃଷ୍ଠା ୭

## କେବେ ଚେତିବେ ପାଣ୍ଡିଆନ : ବରିଷ୍ଠ ନେତା କ୍ଷୁବ୍ଧ,ଦଳଡ଼ିଆଁଙ୍କ ତୁମ୍ବିତୋଫାନ



ଭୁବନେଶ୍ୱର, ୧୧/୯ (ନି.ପ୍ର): ସାଧାରଣ ନିର୍ବାଚନରେ ବିଜେଡି ରାଜ୍ୟରେ କ୍ଷମତାଚ୍ୟୁତ ହେବାପରଠୁ ଦଳ ଓ ସଂଗଠନରେ କନ୍ଦଳ ଥମିବାର ନାଁ ଧରୁନି । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅସୁସ୍ଥତା, ସାଂଗଠନିକ କାର୍ଯ୍ୟରେ ଅନାଗ୍ରହ ଓ ମାତ୍ରାଧିକ ନିର୍ଭରଶୀଳତା ଫାଇଦା ଉଠାଇ ଦଳକୁ ଜବରଦଖଲ କରିବାରେ ଅବସରପ୍ରାପ୍ତ ଆଇଏଏସ୍ ତଥା ତାମିଲନାଡ଼ୁର ଭିକେ ପାଣ୍ଡିଆନ ସଫଳ ହୋଇଛନ୍ତି । ପାଣ୍ଡିଆନଙ୍କ ମାମଲାଟିକୁ ନେଇ ଦଳରେ ପ୍ରତ୍ୟେକ ଦିନ ବରିଷ୍ଠ ନେତାମାନେ ନିଜର କ୍ଷୋଭ ବ୍ୟକ୍ତ କରିବାରେ ଲାଗିଥିବାବେଳେ ନିଜର ସ୍ଥିତିକୁ ଜାହିର କରିବା ନିମନ୍ତେ ପାଣ୍ଡିଆନ ମଧ୍ୟ କିଛି ଦଳଡ଼ିଆଁ ନେତା ଓ ଚାଟୁକାରଙ୍କୁ ଆଗକୁ ଆଣିବାରେ ଲାଗିଛନ୍ତି । ତେବେ ରାଜ୍ୟର ସର୍ବାଧିକ ସଫଳ ଆଂଚଳିକ ଦଳ ବିଜେଡିର ଏଭଳି ସ୍ଥିତିକୁ ନେଇ ତୃଣମୂଳସ୍ତରରେ କର୍ମୀ ଓ ନେତାମାନଙ୍କ ମଧ୍ୟରେ ଅନିଶ୍ଚିତତା ଓ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଥିଲେ ମଧ୍ୟ ପାଣ୍ଡିଆନଙ୍କ ଏପର୍ଯ୍ୟନ୍ତ ଚେତା ପଶିପାରିନି ଓ ବିଜେଡିକୁ ସମ୍ପୂର୍ଣ୍ଣ ତଳିତଳାନ୍ତ କରିବା ମିଶନରେ ସେ ଲାଗି ପଡ଼ିଥିବା ବିଜେଡି ମହଲରେ ଚର୍ଚ୍ଚା ହେଉଛି । ଦଳର ସାଂଗଠନିକ ପରିଚାଳନାକୁ ନେଇ ନେତାମାନେ ମଧ୍ୟ କ୍ଷୁବ୍ଧ । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅସୁସ୍ଥତା ଓ ଦଳୀୟ କାର୍ଯ୍ୟରେ ▶▶ପୃଷ୍ଠା ୭

## ପୂଜା ଦେଖିବେନି ଦାଗୀ : ଜେଲ୍‌ରେ କଟିବ ଦଶହରା

ଭୁବନେଶ୍ୱର, ୧୧/୯ (ନି.ପ୍ର): ଏଥର ଦାଗୀଙ୍କ ଦଶହରା କଟିବ ଜେଲରେ । ବିଭିନ୍ନ ଥାନାରେ ଥିବା ୱାରେଣ୍ଟିଙ୍କୁ ଧରିବାକୁ ତିଆରି ହୋଇଛି ତାଲିକା । ରାଜ୍ୟର ସମସ୍ତ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଡିଜିପି । ବିଶେଷ କରି ଜାମିନବିହୀନ ଗିରଫ ପରୱାନା, ଫେରାର ଆସାମୀଙ୍କ ତାଲିକା ପ୍ରସ୍ତୁତ ହୋଇଛି । ତା'ସହିତ ଅସାମାଜିକଙ୍କୁ ଜିଲ୍ଲା ଓ ସହରରୁ ତଡ଼ିପାର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ▶▶ପୃଷ୍ଠା ୭

## ଛତିଶଗଡ଼ରେ ବଡ଼ ଅପରେସନ: ୧୦ ନକ୍ସଲ, ସମେତ ବରିଷ୍ଠ ନେତା ମନୋଜ ନିହତ




ଛତିଶଗଡ଼,୧୧।୯: ଛତିଶଗଡ଼ର ଗରିୟାବନ୍ଦ ଜିଲାରେ ଏକ ବଡ଼ ଅପରେସନରେ ସୁରକ୍ଷା ବାହିନୀ ୧୦ ଜଣ ନକ୍ସଲ ସମେତ ବରିଷ୍ଠ ନେତା ମନୋଜ ଓରଫ ମୋଡେମ ବାଲକ୍ରିଷ୍ଣଙ୍କୁ ନିହତ କରିଛି । ମନୋଜଙ୍କ ମୁଣ୍ଡରେ ୧ କୋଟି ଟଙ୍କାର ପୁରସ୍କାର ଥିଲା । ମୈନପୁର ଜଙ୍ଗଲ ଅଞ୍ଚଳରେ ନକ୍ସଲ ଉପସ୍ଥିତିର ଗୁଇନ୍ଦା ସୂଚନା ଆଧାରରେ ଇ-୩୦, ଏସଟିଏଫ ଓ ସିଆରପିଏଫର କୋବ୍ରା କମାଣ୍ଡୋଙ୍କ ମିଳିତ ଦଳ ବରିଷ୍ଠ ଅଧିକାରୀଙ୍କ ନିର୍ଦ୍ଦେଶରେ ଏହି ଅପରେସନ ଆରମ୍ଭ କରିଥିଲା । ସକାଳୁ ନକ୍ସଲ ଓ ସୁରକ୍ଷା ବାହିନୀ ମଧ୍ୟରେ ବିଚ୍ଛିନ୍ନ ଗୁଳି ବିନିମୟ ଜାରି ରହିଛି । ପ୍ରାରମ୍ଭିକ ରିପୋର୍ଟ ଅନୁସାରେ, ଏହି ଗୁଳିବିନିମୟରେ ଅନେକ ବରିଷ୍ଠ ନକ୍ସଲ ନିହତ ହୋଇଥିବା ସୂଚନା ମିଳିଛି । ଅଧିକାରୀମାନେ ନିଶ୍ଚିତ କରିଛନ୍ତି, "ଗରିୟାବନ୍ଦ ଜିଲାରେ ୧୦ ନକ୍ସଲ, ସମେତ ସିସି ସଦସ୍ୟ ମନୋଜ ଓରଫ ମୋଡେମ ବାଲକ୍ରିଷ୍ଣ ନିହତ ହୋଇଛନ୍ତି ।" ଅପରେସନ ଶେଷ ହେବା ପରେ ଗ୍ରାଉଣ୍ଡ ଯାଞ୍ଚ ସମ୍ପୂର୍ଣ୍ଣ ହେଲେ ବିସ୍ତୃତ ସୂଚନା ଜାରି କରାଯିବ । ଏହି ଅପରେସନ ଗରିୟାବନ୍ଦରେ ଚାଲିଥିବା ନକ୍ସଲ ନିର୍ମୂଳନ ଅଭିଯାନର ଏକ ଅଂଶ ।

## ଫ୍ରାନ୍ସରେ ଥମୁନି ଅଶାନ୍ତି : ଲୋକଙ୍କ କ୍ରୋଧ ଅସମ୍ଭାଳ

ନୂଆଦିଲ୍ଲୀ,୧୧/୯ : ଫ୍ରାନ୍ସରେ ଦେଶବ୍ୟାପୀ ବ୍ଲକ୍ ଏଭ୍ରିଥିଙ୍ଗ୍ ଅଭିଯାନ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ପାଇଁ ଦିନକୁ ଦିନ ବଡ଼ ଚ୍ୟାଲେଞ୍ଜ୍ ହୋଇଛି । ନୂଆ ପ୍ରଧାନମନ୍ତ୍ରୀ ସେବାଷ୍ଟିଆନ ଲିକୋର୍ଣ୍ଣୁ ମଧ୍ୟ କମ୍ ସମସ୍ୟାରେ ପଡ଼ିନାହାନ୍ତି । ଦେଶରେ ଶାନ୍ତି ଓ ସ୍ଥିରତା ନେତୃତ୍ୱଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ୍ ହୋଇଛି । ପ୍ରସ୍ତାବିତ ବଜେଟ୍ କାଟ ଓ ରାଜନୈତିକ ଅସ୍ଥିରତା ବିରୋଧରେ ଲୋକ ରାସ୍ତାକୁ ଓହ୍ଲାଇଛନ୍ତି । ନିଆଁ ଜାଳି ରାସ୍ତା ଅବରୋଧ ସହ ବ୍ୟାପକ ସରକାରୀ ସମ୍ପତ୍ତି ନଷ୍ଟ କରିଛନ୍ତି । ପୁଲିସ ରାଜଧାନୀ ପ୍ୟାରିସ ସମେତ ଦେଶବ୍ୟାପୀ ଶହଶହ ଆନ୍ଦୋଳନକାରୀଙ୍କୁ ଗିରଫ କରିବା ସତ୍ତ୍ୱେ ଆନ୍ଦୋଳନ ଥମିନାହିଁ । ଦୁର୍ନୀତି, ତଳମୁହାଁ ଅର୍ଥନୀତି, ପେନସନ ସଂସ୍କାର, ରାଜନୈତିକ ଅସ୍ଥିରତାରୁ ଦୀର୍ଘଦିନ ଧରି ଲାଗି ରହଥିବା ଜନଅସନ୍ତୋଷ ଶେଷରେ ବିସ୍ଫୋରଣର ରୂପ ନେଇଛି । ନୂଆ ପ୍ରଧାନମନ୍ତ୍ରୀ ହେବା ସତ୍ତ୍ୱେ ଅଶାନ୍ତି କମିବାର ନାଁ ନେଉନାହିଁ ।

## ନେପାଳରୁ ଫେରିଲେ ୨୩ ଓଡ଼ିଆ

ଭୁବନେଶ୍ୱର, ୧୧/୯ (ନି.ପ୍ର): ନେପାଳରେ ଉପୁଜିଥିବା ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ୨୩ଜଣ ଓଡ଼ିଆ ଯାତ୍ରୀଙ୍କୁ ନେପାଳରୁ ଉଦ୍ଧାର କରି ଭାରତକୁ ଫେରାଇ ଅଣାଯାଇଛି । ଓଡ଼ିଶାରୁ ୨୩ଜଣ ଯାତ୍ରୀ ନେପାଳ ଭ୍ରମଣରେ ଯାଇଥିଲେ ଏବଂ ସାମ୍ପ୍ରତିକ ପରିସ୍ଥିତି କାରଣରୁ ଓଡ଼ିଆ ଯାତ୍ରୀମାନେ ନେପାଳରେ ଫସି ରହିଥିଲେ । ଉକ୍ତ ଘଟଣାଟି ସାମନାକୁ ଆସିବାର ୫ ଘଂଟା ସମୟ ମଧ୍ୟରେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିନସ୍ଥ ଓଡ଼ିଶା ପରିବାର ▶▶ପୃଷ୍ଠା ୭

## ରାଜ୍ୟ ସରକାରଙ୍କ ବଡ଼ ନିଷ୍ପତ୍ତି: ବଢ଼ିଲା ବିଡିଓଙ୍କ କ୍ଷମତା




ଭୁବନେଶ୍ୱର, ୧୧/୯ (ନି.ପ୍ର): ରାଜ୍ୟ ସରକାରଙ୍କ ବଡ଼ ନିଷ୍ପତ୍ତି । ବଢ଼ିଲା ବିଡିଓଙ୍କ କ୍ଷମତା । ବିଡିଓଙ୍କ ଆର୍ଥିକ କ୍ଷମତାକୁ ବଢାଇଲେ ରାଜ୍ୟ ସରକାର । ଏ ନେଇ ପ୍ରସ୍ତାବରେ କ୍ୟାବିନେଟ ମୋହର ବାଜିଛି । ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଗ୍ରାମ ପଞ୍ଚାୟତ ସମିତିସ୍ତରରେ ବୃଦ୍ଧି ପାଇଥିବା ପାଣ୍ଠିର ପ୍ରବାହ ଓ ବିକାଶମୂଳକ କାର୍ଯ୍ୟର ପରିମାଣକୁ ଦୃଷ୍ଟିରେ ରଖି ଓଡ଼ିଶା ପଞ୍ଚାୟତ ସମିତି ହିସାବ ପ୍ରଣାଳୀ ନିୟମାବଳୀ-୨୦୦୨ ଅଧୀନରେ ନିର୍ଦ୍ଧାରିତ ବୈଷୟିକ ମଞ୍ଜୁରୀ ଓ ପ୍ରଶାସନିକ ଅନୁମୋଦନ କ୍ଷମତାକୁ ବୃଦ୍ଧି କରାଯାଇଛି । ଏଣିକି ଗୋଷ୍ଠୀ ଉନ୍ନୟନ ଅଧିକାରୀ(ବିଡିଓ) ମାନଙ୍କର ପଞ୍ଚାୟତସମିତି କାର୍ଯ୍ୟର ବିଲ୍ ପାସ୍ କରିବା ପାଇଁ ଆର୍ଥିକ କ୍ଷମତା ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ସେହିପରି ପଞ୍ଚାୟତ ସମିତି ପ୍ରକଳ୍ପଗୁଡ଼ିକର ଯୋଜନା ଏବଂ ଆକଳନର ପ୍ରଶାସନିକ ଅନୁମୋଦନ ପ୍ରଦାନ କରିବାର କ୍ଷମତା ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀଙ୍କୁ ମଧ୍ୟ ନ୍ୟସ୍ତ କରାଯାଇଛି । ମୁଖ୍ୟ ସଚିବ କହିଛନ୍ତି, ସାଧାରଣ ବିକାଶମୂଳକ କାର୍ଯ୍ୟଗୁଡ଼ିକ ପାଇଁ ବୈଷୟିକ ମଞ୍ଜୁରୀ ଏବଂ ପ୍ରଶାସନିକ ଅନୁମୋଦନ ପୂର୍ବରୁ ଯାହା ଥିଲା, ତାହାକୁ ବୃଦ୍ଧି କରାଯାଇଛି । କନିଷ୍ଠ ତଥା ସହକାରୀ ଯନ୍ତ୍ରୀମାନେ ଏବେ ୫ ଲକ୍ଷ ପର୍ଯ୍ୟନ୍ତ ବୈଷୟିକ ମଞ୍ଜୁରୀ ପ୍ରଦାନ କରିପାରିବେ । ସହକାରୀ ନିର୍ବାହୀ ଯନ୍ତ୍ରୀମାନଙ୍କୁ ୫ ଲକ୍ଷରୁ ୨୦ ଲକ୍ଷ ପର୍ଯ୍ୟନ୍ତ କ୍ଷମତା ମିଳିଥିବାବେଳେ ନିର୍ବାହୀ ଯନ୍ତ୍ରୀମାନେ ୨୦ ଲକ୍ଷରୁ ୧ କୋଟି, ▶▶ପୃଷ୍ଠା ୭

## ପ୍ରଧାନମନ୍ତ୍ରୀ ମୋଦୀ ଓ ମରିସସ୍ ପ୍ରଧାନମନ୍ତ୍ରୀ ନବୀନଚନ୍ଦ୍ର ରାମଗୁଲାମଙ୍କ ମଧ୍ୟରେ ସାକ୍ଷାତ

### ସ୍ୱାସ୍ଥ୍ୟ, ଶିକ୍ଷା, ବିଜ୍ଞାନ ଓ ଶକ୍ତି କ୍ଷେତ୍ରରେ ସହଯୋଗ ବୃଦ୍ଧି ନେଇ ଆଲୋଚନା



ନୂଆଦିଲ୍ଲୀ,୧୧/୯ : ବାରାଣସୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମରିସସ୍‌ର ପ୍ରଧାନମନ୍ତ୍ରୀ ଡକ୍ଟର ନବୀନ ଚନ୍ଦ୍ର ରାମଗୁଲାମଙ୍କୁ ଭବ୍ୟ ସ୍ୱାଗତ କରିଛନ୍ତି । ବାରାଣସୀରେ ଏକ ରୋଡ୍ ଶୋ ଆୟୋଜନ କରାଯାଇଥିଲା । ମରିସସ୍ ପ୍ରଧାନମନ୍ତ୍ରୀ ଆଜି ବାରାଣସୀରେ ରହିବେ । ସନ୍ଧ୍ୟାରେ ରାମଗୁଲାମ୍ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସହ ଗଙ୍ଗା ଆଳତି ଦେଖିବେ । ମୋଦୀ ଓ ରାମଗୁଲାମଙ୍କ ମଧ୍ୟରେ ▶▶ପୃଷ୍ଠା ୭

# ଜାତୀୟ ଚକ୍ଷୁଦାନ ପକ୍ଷ-୨୦୨୫ ପାଳନ ଉପଲକ୍ଷେ ଇସ୍ପାତ ଜେନେରାଲ ହସ୍ପିଟାଲ ଓ ଇସ୍ପାତ ଦୃଷ୍ଟିଦାନ ଚକ୍ଷୁବ୍ୟାଙ୍କ ଦ୍ୱାରା ସଚେତନତା ରାଲି ଆୟୋଜିତ




ରାଉରକେଲା, ୧୧/୦୯ (ନି.ପ୍ର): ସେଲ, ରାଉରକେଲା ଇସ୍ପାତ କାରଖାନା (ଆର ଏସ ପି) ର ଚକ୍ଷୁ ଚିକିତ୍ସା ବିଭାଗ ଦ୍ୱାରା ଇସ୍ପାତ ଦୃଷ୍ଟିଦାନ ଚକ୍ଷୁ ବ୍ୟାଙ୍କର ମିଳିତ ସହଭାଗିତାରେ ଜାତୀୟ ଚକ୍ଷୁ ଦାନ ପକ୍ଷ-୨୦୨୫ ପାଳନର ଏକ ଅଂଶ ସ୍ୱରୂପ ସେପଟ୍ମେର ୬ ତାରିଖରେ ଚକ୍ଷୁ ଦାନ ଉପରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଏକ ରାଲି ଆୟୋଜନ କରିଥିଲା । ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗ ର ସି ଏମ ଓ ଇନ ଚାର୍ଜ ଡକ୍ଟର ଜେ କେ ଆଚାର୍ଯ୍ୟଏହି ରାଲିର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଅତିରିକ୍ତ ସିଏମଓ ତଥା ଚକ୍ଷୁ ବିଭାଗର ବିଭାଗ ମୁଖ୍ୟ ଡକ୍ଟର ସୋନିଆ ଜୋଶୀ, ବରିଷ୍ଠ ବିଶେଷଜ୍ଞ ପରାମର୍ଶଦାତା ଏବଂ ପୂର୍ବତନ ସିଏମଓ ଡକ୍ଟର ଆର ଆର ମହାନ୍ତି, ଚକ୍ଷୁ ବିଭାଗର ଚିଫ କନସଲ୍‌ଟାଣ୍ଟ ଡକ୍ଟର ଅନିମା ଟିଗା, ସିନିୟର ମ୍ୟାନେଜର ଡକ୍ଟର ଅନିନ୍ଦିତା ଦେବତା, ଆଇଜିଏଚର ଅନ୍ୟ ବହୁ ବରିଷ୍ଠ ଡାକ୍ତର, ଡି ଏନ ବି ଛାତ୍ରଛାତ୍ରୀ ଏବଂ ପାରାମେଡିକାଲ୍ କର୍ମଚାରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ନିଜର ଅଭିଭାଷଣରେ ଡକ୍ଟର ଆଚାର୍ଯ୍ୟ ଚକ୍ଷୁଦାନ ଏକ ଅମୂଲ୍ୟ ଉପହାର ଯାହା ଅନ୍ଧକାରରେ ରହୁଥିବା ଲୋକଙ୍କ ପାଇଁ ଏକ ଆଶାର ଆଲୋକ ଆଣି ଥାଏ ବୋଲି କହିଥିଲେ । ଏଥିରେ ଅଧିକରୁ ଅଧିକ ଲୋକଙ୍କୁ ସେମାନଙ୍କ ଚକ୍ଷୁ ଦାନ କରିବା ପାଇଁ ସଂକଳ୍ପ କରିବାକୁ ପ୍ରେରଣା ଦେବା ଉପରେ ସଚେତନତା ବୃଦ୍ଧିର ମହତ୍ତ୍ୱ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହି ପରିପ୍ରେକ୍ଷୀରେ ବହୁ ପ୍ରଭାବଶାଳୀ ବାର୍ତ୍ତା ସମ୍ବଳିତ ପ୍ଲାକାର୍ଡ ଧରି, ଆଇଜିଏଚର ଡାକ୍ତର ଏବଂ କର୍ମଚାରୀମାନେ ଅମ୍ବାଗାନ ଛକ ପର୍ଯ୍ୟନ୍ତ ଶୋଭାଯାତ୍ରା କରିବା ସହିତ, ଜନସାଧାରଣଙ୍କ ମଧ୍ୟରେ ଚକ୍ଷୁଦାନର ବାର୍ତ୍ତା ପହଞ୍ଚାଇ ଥିଲେ ।

ଉଲ୍ଲେଖନୀୟ ଯେ, ଆଇ ଜି ଏଚରେ କାର୍ଯ୍ୟ କରୁଥିବା ଇସ୍ପାତ ଦୃଷ୍ଟି ଦାନ ଚକ୍ଷୁ ବ୍ୟାଙ୍କ ଅପ୍ରେଲ ୨୦୧୪ ରେ ପ୍ରତିଷ୍ଠା ହେବା ପରଠାରୁ ୨୩୧୬ ଟି କର୍ଣ୍ଣିଆ ସଂଗ୍ରହ କରିବା ସହିତ ୧୭୮୫ ଜଣଙ୍କ ଠାରେ ପ୍ରତିରୋପଣ ସଫଳତାର ସହ ସମ୍ପନ୍ନ କରି ଅନେକ ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିପାରିଛି ।

ହସ୍ପିଟାଲ କର୍ଣ୍ଣିଆ ପୁନରୁଦ୍ଧାର କାର୍ଯ୍ୟକ୍ରମ (ଏଚ ସି ଆର ପି ) ଅଧୀନରେ, ଚକ୍ଷୁ ବ୍ୟାଙ୍କ ଦ୍ରୁତ ପ୍ରଗତି କରିଆସୁଛି । କେବଳ କ୍ୟାଲେଣ୍ଡର ବର୍ଷ ୨୦୨୪ ରେ, ୩୩୫ ଟି କର୍ଣ୍ଣିଆ ସଂଗ୍ରହ କରି ଥିବା ବେଳେ ବର୍ଷ ୨୦୨୫ ରେ ଏପର୍ଯ୍ୟନ୍ତ ପ୍ରତିରୋପଣ ଅସ୍ତ୍ରୋପଚାର ପାଇଁ ୧୧୦ ଟି କର୍ଣ୍ଣିଆ ସଂଗ୍ରହ ରେକର୍ଡ ହୋଇଛି ।

ଏହି ମହତ୍ତ୍ୱ ପୂର୍ଣ୍ଣ ଅଭିଯାନ କୁ ଆହୁରି ସୁଦୃଢ଼ କରିବା ପାଇଁ, ଚକ୍ଷୁ ବ୍ୟାଙ୍କ ଲୋକଙ୍କୁ ସେମାନଙ୍କର ଚକ୍ଷୁଦାନ ପାଇଁ ସଂକଳ୍ପ କରିବାକୁ ଉତ୍ସାହିତ କରୁଛି । ଚକ୍ଷୁଦାନ ପାଇଁ ଆଇଜିଏଚ ର ଚକ୍ଷୁ ଚିକିତ୍ସା ବହିଃବିଭାଗରେ ସଂକଳ୍ପ ଫର୍ମ ଉପଲବ୍ଧ ଅଛି । ଚକ୍ଷୁଦାନ ପାଇଁ ଆଗ୍ରହୀ ବ୍ୟକ୍ତିବିଶେଷ ଅଧିକ ବିବରଣୀ ପାଇଁ ୭୮୯୯୬୭୧୫୦ ଫୋନ ନମ୍ବରରେ ଯୋଗାଯୋଗ କରିପାରିବେ ।

# ବିଭିନ୍ନ କୃଷି ଭିତ୍ତିକ କାର୍ଯ୍ୟକ୍ରମର ସମୀକ୍ଷା କଲେ କୃଷି ନିର୍ଦ୍ଦେଶକ

କେନ୍ଦୁଝର, ୧୧/୦୯ (ନି.ପ୍ର): ଦୁଇ ଦିନିଆ କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି କୃଷି ନିର୍ଦ୍ଦେଶକ, ଓଡିଶା ଶୁଭମ ସକସେନା ଆଜି ପୂର୍ବାହ୍ନରେ ସ୍ଥାନୀୟ ଦରବାର ହଲ ଠାରେ ବିଭିନ୍ନ କୃଷି କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ସମୀକ୍ଷା ବୈଠକର ପ୍ରାରମ୍ଭରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, କେନ୍ଦୁଝର ସତ୍ୟବାନ ସୋରେନ ସ୍ୱାଗତ ଭାଷଣ ଦେବା ସହିତ କେନ୍ଦୁଝର ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା କୃଷି କାର୍ଯ୍ୟକ୍ରମର ଅଗ୍ରଗତି ସମ୍ବନ୍ଧରେ ତଥ୍ୟ ଉପସ୍ଥାପନ କରିଥିଲେ । ଉପ ଉଦ୍ୟାନକୃଷି ନିର୍ଦ୍ଦେଶକ ସୌମେନ୍ଦ୍ର ପାଣିଗ୍ରାହୀ ତାଙ୍କ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନାର ଅଗ୍ରଗତି ସମ୍ବଧରେ ତଥ୍ୟ ଉପସ୍ଥାପନ କରିଥିଲେ । ତତ୍ପରେ ପ୍ରକଳ୍ପ ନିର୍ଦ୍ଦେଶକ , ଜଳବିଭାଜିକା , କେନ୍ଦୁଝର ଅଶୋକ କୁମାର ପାଣିଗ୍ରାହୀ ବିଭାଗୀୟ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ବଧରେ ସୂଚନା ଦେଇଥିଲେ । କୃଷି ନିର୍ଦ୍ଦେଶକ କେନ୍ଦୁଝର ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଡିଜିଟାଲ ଫସଲ ସର୍ଭେକ୍ଷଣ , କୃଷକ ରେଜିଷ୍ଟ୍ରୀ , ପି.ଏସ. ଏସ, ଏକ ପେଡ ମା କେ ନାମ ପ୍ରଭୃତି ଯୋଜନା ଗୁଡିକୁ ସଠିକ ଢଙ୍ଗରେ ପରିଚାଳନା କରିବାକୁ ଗୁରୁତ୍ୱାରୋପ କରିଥିଲେ । ଚାଷୀଙ୍କ ପାଇଁ ଉଦିଷ୍ଟ ସହାୟତା ରାଶିକୁ ଅତି ଶୀଘ୍ର ଡ଼ିବିଟି ମୋଡରେ ପ୍ରଦାନ କରିବାକୁ ଉପଦେଶ ଦେଇଥିଲେ । ଉକ୍ତ ସମୀକ୍ଷାରେ ଜିଲ୍ଲାପାଳ ବିଶାଳ ସିଂହ , ମୁଖ୍ୟ ଉନ୍ନୟନ ଅଧିକାରୀ କୁମାର ନାଗଭୂଷଣ, ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ରବୀନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ କୃଷି ନିର୍ଦ୍ଦେଶକ ଯାମି ସୂର୍ଯ୍ୟ ନାରାୟଣ ରାଓ, ଯୁଗ୍ମ କୃଷି ନିର୍ଦ୍ଦେଶକ ପର୍ଶୁରାମ ବେହେରା, ଯୋଜନା ଅଧିକାରୀ ହରେକୃଷ୍ଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ ସମୀକ୍ଷା ବୈଠକରେ କୃଷି, ଉଦ୍ୟାନ କୃଷି , ଜଳବିଭାଜିକା , ସମବାୟ, ଓଡିଶା ଜୀବିକା ମିଶନ , ଜଳସେଚନ , ଓଡିଶା କୃଷି ଶିଳ୍ପ ନିଗମ , କୃଷି ବିଜ୍ଞାନ କେନ୍ଦ୍ର , ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର , ମାର୍କଫେଡ ପ୍ରଭୃତି ବିଭାଗର ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ଏବଂ ଯୋଜନା ସହଯୋଗୀ ଅନୁଷ୍ଠାନର କର୍ମକର୍ତ୍ତାଗଣ ଯୋଗ ଦେଇଥିଲେ । ସଭା ଶେଷରେ କେନ୍ଦୁଝର କୃଷି ଜିଲ୍ଲା ଅଧିକାରୀ ବିଶ୍ୱଜୟୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ହାଇୱା ଧକ୍କାରେ ୨ ମୃତ

ଧର୍ମଶାଳା, ୧୧/୦୯ (ନି.ପ୍ର): ଯାଜପୁର ଜିଲ୍ଲା ଜେନାପୁର ଥାନା ଅଂଚଳରେ ଦୁଃଖଦ ଘଟଣା ଦେଖିବାକୁ ମିଳିଛି । ଚଢ଼େଇଧରାରୁ ଢେଙ୍କାନାଳ ଯିବା ରାସ୍ତାରେ ଘଟିଛି ଅଘଟଣ । ହାଇୱା ଧକ୍କାରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକ ଚଡେଇଧରା ଗାଁର ମୁଦୁଲି କ୍ରସର ଛକ ନିକଟର ନବଘନ ପରିବା (୬୨ ବର୍ଷ) ଓ ସନିଆ ପ୍ରଧାନ (୫୫ ବର୍ଷ) ବୋଲି ଜଣାପଡିଛି । ସୂଚନା ମୁତାବକ, ୨ ଜଣ ବ୍ୟକ୍ତି ରାତିରେ ନିଜ ଚାଷ ଜମିକୁ ଜଗିଥିଲେ । ଏତିକି ବେଳେ ବାରମାଣ ପଟୁ ପଥର ବୋଝେଇ ଗାଡ଼ି ଦ୍ରୁତ ଗତିରେ ଆସି ୨ ଜଣଙ୍କ ଉପରେ ମାଡ଼ିଯାଇଥିଲା । ଫଳରେ ଘଟଣା ସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିଲା । ଏସମ୍ପର୍କରେ ଖବର ପାଇ ଜେନାପୁର ଥାନା ଆଇଆଇସି, ଫାଣ୍ଡି ଅଧିକାରୀ ଓ ସ୍ଥାନୀୟ ୧ ୨ ନଂ ଜୋନର ମଣ୍ଡଳ ସଭାପତି ଶ୍ରୀବତ୍ସ ଧୀର ଘଟଣା ସ୍ଥଳରେ ପହଂଚିଛନ୍ତି ।

## ଚତୁରଙ୍ଗ ନବପ୍ରକାଶର ଚତୁର୍ଥ ବର୍ଷ ଦ୍ୱିତୀୟ ସଂଖ୍ୟାର ଶୁଭ ଉନ୍ମୋଚନ

ବଲାଙ୍ଗିର, ୧୧/୦୯ (ନି.ପ୍ର): ଏକଦା ଓଡିଶାର ସାହିତ୍ୟ ଜଗତରେ ନିଜକୁ ପ୍ରତିଷ୍ଠିତ କରିପାରିଥିବା ବଲାଙ୍ଗୀର କୋଶଲ କଳାମଣ୍ଡଳର ମୁଖପତ୍ର ଚତୁରଙ୍ଗ ପୁଣି ଥରେ ନିଜର ଆସନ ଓଡିଶାର ସାହିତ୍ୟ ଜଗତରେ ସୁଦୃଢ଼ କରିପାରିଛି । ଚତୁରଙ୍ଗ ନବପ୍ରକାଶର ଚତୁର୍ଥ ବର୍ଷ ଦ୍ୱିତୀୟ ସଂଖ୍ୟାର ଶୁଭ ଉନ୍ମୋଚନ ସୋମବାର ଉପଦେଷ୍ଟା ମଣ୍ଡଳୀର ଅଧକ୍ଷ ଶ୍ରୀଯୁକ୍ତ ଡ. ବିଜୟା ନନ୍ଦ ସେଠୀ,ଅତିରିକ୍ତ ଜିଲ୍ଲା ପାଳଙ୍କ ଦ୍ୱାରା ତାଙ୍କ କାର୍ଯ୍ୟାଳୟ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପରିଚାଳନା ସମ୍ପାଦକ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମୀ ରଞ୍ଜନ ମିଶ୍ର, ସହ ସମ୍ପାଦକ ସନାତନ ଠାକୁର,ସମ୍ପାଦନା ମଣ୍ଡଳୀର ସଦସ୍ୟ ଡ଼ଃ ସୁଷମା ମଞ୍ଜରୀ ନାୟକ, ଭାଗିରଥି ମିଶ୍ର, ସନ୍ଦୀପ କୁମାର କୁଅଁର, ରଘୁନାଥ ବାବୁ, ବୀରେନ୍ଦ୍ର କୁମାର ଝାଙ୍କର, ଜୟ କୁମାର ଆଚାର୍ଯ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ ଆସନ୍ତା ଡିସେମ୍ବର ମାସରେ ଚତୁରଙ୍ଗର ବାର୍ଷିକ ଉତ୍ସବ ପାଳନ ସହ ସାରସ୍ୱତ ସମାବେଶ ଓ ପ୍ରତିଭା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର ହୋଇଥିଲା ।

## ବିଶ୍ୱ ସାକ୍ଷରତା ଦିବସ ପାଳିତ

ବଲାଙ୍ଗିର, ୧୧/୦୯ (ନି.ପ୍ର): ସଦାଇପାଲି ପଲ୍ଲିଶ୍ରୀ ବିହାର ସ୍ଥିତ ସାଇଟ ନର୍ସିଂ କଲେଜ ସଭା ଗୃହରେ ରାମଜୀ ଯୁବକ ସଂଘ ତରଫରୁ ବିଶ୍ୱ ସାକ୍ଷରତା ଦିବସ ପାଳନ କରାଯାଇଛି । ଏହି ଅବସରରେ ଡା. ପ୍ରମୋଦ କୁମାର ମିଶ୍ର ଅଧକ୍ଷତା କରିଥିବାବେଳେ ଡ. ଶ୍ରୀକର ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ । ସାଇଟ କଲେଜର ଅଧାପକ, ଅଧାପିକା, ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ । ଲୋପାମୁଦ୍ରା ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । ଡ. ମିଶ୍ର ପୂର୍ବରୁ ରାମଜୀ ଯୁବକ ସଂଘ କିଭଳି ଭାବରେ ସାକ୍ଷରତା ଅଭିଯାନ ଚଳାଇଥିଲେ ତାହା ବର୍ଣ୍ଣନା କରିଥିଲେ ଏବଂ ଏହା ଦ୍ୱାରା ଶତାଧିକ ପୌଢ ସାକ୍ଷର ହୋଇଥିବା ପ୍ରକାଶ କରିଥିଲେ । ଏବେ ଆଉ ପ୍ରାୟ ଅଶିକ୍ଷିତ କେହି ନାହାନ୍ତି । କିନ୍ତୁ ଅନ୍ୟାନ୍ୟ ବିଷୟରେ ସଚେତନତାର ଅଭାବ ରହିଛି । ତେଣୁ ଆଗାମୀ ଦିନରେ ଆଇନ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି । ଶେଷରେ ନର୍ସିଂ ପ୍ରିନସିପାଲ ସ୍ନିଗ୍ଧାମୀନତି ଦାନି ଧନ୍ୟବାଦ ଅର୍ପଣ କରିଥିଲେ ।

# ସିଁଜୁରୀ କଟାକୁ ଇକୋ ଟୁରିଜିମ୍ କରିବାକୁ ଦାବି

ବଲାଙ୍ଗିର, ୧୦ ସେପଟ୍ମେର (ହି.ସ.)ବଲାଙ୍ଗୀର ଜିଲ୍ଲା ଓ ସୋନପୁର ଜିଲ୍ଲା ର ସୀମାନ୍ତ ବର୍ତୀ ଘଞ୍ଚ ଜଙ୍ଗଲ ପ୍ରାକୃତିକ ସୋନ୍ଦର୍ଯ୍ୟା ଭରା ,ବାନ ପାହାଡ଼ ଭରା କୁଆରୀ ଜଙ୍ଗଲ, ରିଜର୍ଭ ଜଙ୍ଗଲ,ରମାଇ ସଂରକ୍ଷିତ ଜଙ୍ଗଲ,ବାରପାହାଡ ଜଙ୍ଗଲ କୁ ଲାଗିରହିଛି,ପ୍ରକୃତିର ବରଦାନ ଏହି ଶିଁଯୋରି କଟା ର ଯତ୍ନ,ସୁରକ୍ଷା ଯୋଗାଉଛନ୍ତି ଏ ଅଞ୍ଚଳର ପାଖରେ ଥିବା ଗ୍ରାମବାସୀ ର ଲୋକମାନେ ।ବଲାଙ୍ଗୀର ଓ ସୋନପୁର ଜିଲ୍ଲାର ପ୍ରଶାସନ ଓ ବନ ବିଭାଗ ପକ୍ଷରୁ ପରିଦର୍ଶନ କଲେ ଓ ରାଜ୍ୟ ସରକାରଙ୍କୁ ସଠିକ୍ ଉପସ୍ଥାପନ କଲେ ଏକ ସମ୍ଭାବନା ସୃଷ୍ଟି ହେବ ବୋଲି ଅଞ୍ଚଳର ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଛନ୍ତି ।ରାଜ୍ୟ ସରକାର ବିଗତ କିଛି ବର୍ଷ ହେଲା ପର୍ଯ୍ୟଟନକୁ ଗୁରୁତ୍ୱ ଦେଇ ଆସୁଛନ୍ତି,ଯେମିତିକି ଭିମଦୁଙ୍ଗୁରି, ଗାଇଖାଇ ଅନେକ ସମ୍ଭାବନା ସୃଷ୍ଟି ହୋଇ ପାରିଛି ।ସିଞ୍ଜୋରି କଟା ଏକ ବହୁତ୍ ବଡ଼ ଜଳାଶୟ ରହିଛି ,ଯାହାକି ଗ୍ରୀଷ୍ମ ଋତୁରେ ମଧ ପାଣି ରହେ ଓ ତଳ ମୁଣ୍ଡର ଚାଷୀ ମାନେ ଚାଷ ମଧ କରିଥାନ୍ତି ।ଏହି ଶିଁଯୋରୀ କଟା କୁ ଗ୍ରୀଷ୍ମ ଋତୁରେ ଜୀବ, ଜନ୍ତୁ ,ପଶୁ, ପକ୍ଷୀ ପାଣି ପିଇବା ପାଇଁ ଆସିଥାନ୍ତି ।ଶୀତ ଋତୁରେ ଏ ଅଞ୍ଚଳର ପାଖରେ ଥିବା ଗ୍ରାମ ମାନଙ୍କରୁ ବଣ ଭୋଜି କରିବାପାଇଁ ଓ ଜଙ୍ଗଲ ର ପ୍ରକୃତିକୁ ଉପଭୋଗ କରିବାକୁ ବିଭିନ୍ନ ଗୋଷ୍ଠିର ଲୋକମାନେ ଆସିଥାନ୍ତି ।ଏହି ସ୍ଥାନରେ ଏକ ନଳକୂପ ଖୋଲାଯାଇଛି,ଯାହାକି ସ୍ୱଚ୍ଛ ପାଣି ପିଇବା ପାଇଁ ଉପଯୋଗ ।ହାତୀ ମାନଙ୍କର ପ୍ରାଦୁର୍ଭାବ ଥିବାରୁ ଏକ ହାତୀ ନିରୀକ୍ଷଣ ଟାୱାର ତିଆରି କରାଯାଇଛି,ତା ସହିତ ଏକ ମାଛ ଜଗିବା ପାଇଁ ଗୃହ ତିଆରି କରାଯାଇଛି ।ଏହି ସ୍ଥାନକୁ ଯିବାକୁ ହେଲେ ସମ୍ବଲପୁର ମୁଖ୍ୟ ରାସ୍ତା ରୁ ସାଲେଭଟା ରୁ ମାତ୍ର ୧୨.୫ କିଲୋମିଟର ରାସ୍ତା ,ଯାହାକି ଗାଇ ଖାଇ ଡେମ୍ ଦେଖିକରି ମଧ ପାଖରେ ଥିବା ଶିଞ୍ଜିରୀ କଟା କୁ ଦେଖି ପାରିବେ । ଆହୁରି ମଧ ପ୍ରସିଦ୍ଧ ଶିବ ପୀଠ ଯୋଗିଶର୍ଡା ଗ୍ରାମରେ ଥିବା ଶିବ ମହାପ୍ରଭୁ ଙ୍କ ଯୋଗେଶ୍ୱର ବାବା ଙ୍କ ମନ୍ଦିର ପରିଦର୍ଶନ କରି ସରିବା ପରେ ମାତ୍ର ୧୦ କିଲୋମିଟର ଯାଇ ବଣ ଭୋଜି କରି ପ୍ରକୃତିର ସୌନ୍ଦଯ୍ୟା ଭରା ସିଯୋରି କଟାକୁ ଯାଇପାରିବେ ।ବହୁତ୍ ବଡ଼ ସମ୍ଭାବନାକୁ ସୋନପୁରର ବିଧାୟକ,ଓ ଲୋଇସିଂହା ବିଧାୟକ ଏବଂ ସାଂସଦ ଙ୍କୁ ଜଣାଇବାକୁ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି ।ସରକାର ଏଭଳି ଏକ ପ୍ରାକୃତିକ ଜଙ୍ଗଲ, ପରିବେଶ କୁ ଏକ ସମ୍ଭାବନା ସୃତି କରି ଇକୋ ଟୁରିଜିମ୍ ରେ ପରିଣତ କରିବାକୁ ରାଜ୍ୟ ସରକାରକୁ ନିବେଦନ ।

# ସୁବର୍ଣ୍ଣପୁରର ଅପହୃତ ନାବାଳକ ଆୟୁଷ ପୁରୀରୁ ଉଦ୍ଧାର

ସୁବର୍ଣ୍ଣପୁର, ୧୧/୦୯ (ନି.ପ୍ର): ମଧ୍ୟପ୍ରଦେଶର ତିନି ଜଣ ଦୁର୍ବୃତ୍ତଙ୍କ ଦ୍ୱାରା ଅପହୃତ ସୋନପୁରର ନଅ ବର୍ଷର ନାବାଳକକୁ ଗତ ରାତି ୧ ଟା ରେ ପୁରୀ ମାର୍କେଟ୍ ଛକ ସ୍ଥିତ ମହାୱର ଗେଷ୍ଟ ହାଉସ୍‌ରୁ ଉଦ୍ଧାର କରାଯାଇଥିଲା । ଏହି ଘଟଣାରେ ସମ୍ପୃକ୍ତ ମଧ୍ୟପ୍ରଦେଶ ର ୩ ଜଣ ଅଭିଯୁକ୍ତ ପୁରୀ ରୁ ଖସି ଯାଇଛନ୍ତି । ତେବେ ସେମାନେ ବ୍ୟବହାର କରୁଥିବା କାର ଓ଼ ଏକ ମାଉଜର କୁ ଜଗନ୍ନାଥ ବଲ୍ଲଭ ପାର୍କିଂ ରେ ପୋଲିସ ପାଇଛି । ୭ ତାରିଖ ରାତି ସୋନପୁର ସହର ୧୦ ନମ୍ବର ୱାର୍ଡ଼ ର ପଟାଭାଡ଼ିରୁ ବାଳକକୁ ଅପହୃତ କରଯାଇଥିଲା । ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ ପୁରୀ ଏସ୍‌ପି ଏସ ପ୍ରତୀକ ସିଂହ ଓ ସିଟିଡିଏସପି ଙ୍କ ଉଦ୍ୟମ ରେ ବିଭିନ୍ନ ଥାନାର ଆଇଆଇସି ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ତନାଘନା ଚଳାଇ ଥିଲେ । ପୋଲିସ ଡିଜି ଏବଂ ଉତ୍ତରାଞ୍ଚଳ ଆଇଜି ଙ୍କ ତତ୍ୱାବଧାନରେ ପୁରୀ ଓ଼ ସୁବର୍ଣ୍ଣପୁର ଏସପି ଙ୍କ ଉଦ୍ୟମରେ ଦୁଇଟି ସାଇବର ଟିମ ଙ୍କ ପ୍ରଚେଷ୍ଟା ରେ ଅପହୃତ ନାବାଳକ କୁ ସୁରକ୍ଷିତ ଉଦ୍ଧାର କରିଥିବା ବିଷୟ ଏସପି ପ୍ରକାଶ କରିଛନ୍ତି କ୍ଷ ସୁବର୍ଣ୍ଣପୁର ଜିଲ୍ଲା ପୋଲିସ ର ଏକ ସ୍ୱତନ୍ତ୍ର ଟିମ ଆଜି ସକାଳେ ପୁରୀ ପହଞ୍ଚି ପୁରୀ ପୋଲିସ ପାଖରୁ ସୁରକ୍ଷିତ ଭାବେ ଆଣି ସୋନପୁର ଥାନା ରେ ରଖିଥିବା ଓ ଅପହୃତ ନାବାଳକ ର ବାପା ଶ୍ରଦ୍ଧା କର ନାଏକ ଓ ମାଆ ମନ୍ଦାକିନୀ ନାଏକ ଙ୍କୁ ହସ୍ତାନ୍ତର କରି ଥିବା ବିଷୟ ଆଜି ସଂଧ୍ୟାରେ ସୁବର୍ଣ୍ଣପୁର ଏସପି ଏକ ସାମ୍ବାଦିକ ସମ୍ମିଳନୀରେ ବାଳକର ବାପା ମା ଆଗରେ ସବୁ ବିଷୟ ସୂଚନା ଦେଇଛନ୍ତି ।

# ଫକୀରମୋହନ ଛାତ୍ରାବାସରେ ବିଭିନ୍ନ ସମସ୍ୟା ନେଇ ଅନ୍ତେବାସୀଙ୍କ ବିକ୍ଷୋଭ

କେନ୍ଦୁଝର, ୧୧/୦୯ (ନି.ପ୍ର): ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ଅବସ୍ଥିତ ଫକୀରମୋହନ ଛାତ୍ରାବାସରେ ବିନା ଟେଣ୍ଡରରେ ବେଆଇନ ଭାବେ ଦିଆ ଯାଇଥିବା କ୍ୟାଣ୍ଟିନରେ ଖରାପ ଏବଂ ବାସି ଖାଦ୍ୟ ପ୍ରଦାନ କରାଯାଉଥିବା ପ୍ରତିବାଦରେ ଆଜି ବୁଧବାର ଦିନ ଫକୀରମୋହନ ଛାତ୍ରାବାସର ଶତାଧିକ ଛାତ୍ର ବିଶ୍ୱବିଦ୍ୟାଳୟ ଘେରାଉ କରିବା ସହ ସେମାନଙ୍କୁ ଭଲ ଖାଦ୍ୟ ଦିଆଯିବା ପାଇଁ ଦାବି କରିଛନ୍ତି । ଏହି ବିକ୍ଷୋଭ ପ୍ରଦର୍ଶନ ରେ ଛାତ୍ର ନେତା ଶାଶ୍ୱତ ତ୍ରିପାଠୀ, ଛାତ୍ର କଂଗ୍ରେସ ନେତା ରହିଲ ଅମନ୍, ଅମନ ବେହେରା, ଅଚ୍ୟୁତାନନ୍ଦ ବେହେରା, ଇତ୍ୟାଂଶୁ, ଅମିୟ ରଥ, ତପନ ସେଠୀ ଅମନ ଗୋସ୍ୱାମୀ ଇତ୍ୟାଦି ମୁଖ୍ୟ ଭୂମିକା ଗ୍ରହଣ କରିଥଲେ । ପୂର୍ବରୁ ବି ବହୁଥର ପିଲାଙ୍କ ଖାଦ୍ୟରେ ଅନିୟମିତତା ଏବଂ ଗାଧୁଆ ଘର ଓ ପାଇଖାନା ସଫା ନ ରହିବା ତଥା ଛାତ୍ରାବାସ ପରିସରରେ ଲାଇଟ୍ ନ ଜଳିବା ନେଇ ପୂର୍ବତନ କୁଳପତି ଡଃ ପ୍ରତାପ ମହାନ୍ତିଙ୍କୁ ଅବଗତ କରାଇବା କଥା କେନ୍ଦୁଝର ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ୍ ରାଜ୍ ମତ ପ୍ରକାଶ କରିଛନ୍ତି ।

# ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ ପାଳିତ

ମାଲକାନଗିରି, ୧୧/୦୯ (ନି.ପ୍ର): ସରକାରୀ ସ୍ନାତକ ମହାବିଦ୍ୟାଳୟ,ଚିତ୍ରକୋଣ୍ଡାରେ ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ ଆଜି ପାଳିତ ହୋଇଯାଇଛି । ଅଧକ୍ଷ ଡ. ଚିନ୍ମୟ କୁମାର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା, କର୍ମଚାରୀ ମାନଙ୍କ ସମେତ ଯୁକ୍ତତିନି ଓ ଯୁକ୍ତଦୁଇ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ବିଶ୍ୱରେ ଆତ୍ମହତ୍ୟା ବୃଦ୍ଧିର କାରଣ ,ଏହାର ନିରାକରଣ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ, ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି, ଅବସାଦର ଅପସାରଣ, କ୍ରୋଧର ନିୟନ୍ତ୍ରଣ, ବିଫଳତାରୁ ସଫଳତାର ରାସ୍ତା ନିର୍ଣ୍ଣୟ ଆଦି ପ୍ରସଙ୍ଗରେ ଅଧକ୍ଷ ଏକ ତଥ୍ୟ ଆଧାରିତ ନିବନ୍ଧ ପାଠକରିଥିଲେ । ଏହା ସହିତ ଆତ୍ମବଳ ବୃଦ୍ଧି, ମାନସିକଚାପରୁ ମୁକ୍ତି, ବ୍ୟକ୍ତିଗତ ହତାଶାରୁ ଉପରକୁ ଉଠିବାର କୌଶଳ ସମ୍ପର୍କରେ ବିବିଧ ସୁନ୍ଦର କାହାଣୀମାନ ଉପସ୍ଥାପନ କରିଥିଲେ । ଛାତ୍ରଛାତ୍ରୀମାନେ ନାନା ପ୍ରଶ୍ନ ମାଧମରେ ସେମାନଙ୍କ ଜିଜ୍ଞାସା ବ୍ୟକ୍ତ କରିଥିଲେ । ଏହି ଦିବସ ଅବସରରେ ସ୍ୱାଭିମାନ ଅଞ୍ଚଳରେ ନାନା ସମସ୍ୟା ଭିତରେ ବି କିପରି ଧୈର୍ଯ୍ୟ ଓ ଆତ୍ମବଳ ବଜାୟ ରଖି ସଫଳତା ପାଇବା ପର୍ଯ୍ୟନ୍ତ ଲଢ଼ିବାକୁ ହେବ ସେ ବିଷୟରେ ଛାତ୍ରଛାତ୍ରୀମାନେ ସଂକଳ୍ପ କରିଥିଲେ । ଅନ୍ୟାନ୍ୟ ଅଧାପକ ଓ ଅଧାପିକାମାନେ ମଧ ଏହି କାର୍ଯ୍ୟକ୍ରମରେ ନିଜ ଅନୁଭୂତି ସଂଘର୍ଷ ଓ ସାଧନାର କଥାକୁ ପ୍ରେରଣାତ୍ମକ ଶୈଳୀରେ ଉପସ୍ଥାପନ କରିଥିଲେ । ସର୍ବଶେଷରେ ଏହି ପ୍ରସଙ୍ଗରେ କିପରି ଆହୁରି ସଚେତନତା ସୃଷ୍ଟି କରାଯାଇପାରିବ ତାହା ନେଇ ଏକ ନକ୍ସା ପ୍ରସ୍ତୁତ କରାଯାଇ ସେଥିରେ ପିଲାମାନଙ୍କ ଭୂମିକା ବିଷୟରେ ଅବଗତ କରାଯାଇଥିଲା ।

# ଆରମ୍ଭ ହେଲା ଓଏମଡିସି ଠିକା କର୍ମଚାରୀ ମାନଙ୍କ ପକ୍ଷରୁ ରଣ ହୁଙ୍କାର

କେନ୍ଦୁଝର, ୧୧/୦୯ (ନି.ପ୍ର): ଓଏମଡିସି ଠିକା କର୍ମଚାରୀ ମାନଙ୍କ ର ଆତ୍ମାହୁତି ଚେତାବନୀ । ଏହିଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ବଡ଼ବିଲ ପୌରାଞ୍ଚଳ ତଥା ବଡ଼ବିଲ ଥାନା ଅନ୍ତର୍ଗତ ଠାକୁରାଣୀ ଠାରେ । ଆଜି ବଡ଼ବିଲ ପୌରାଞ୍ଚଳ ତଥା ବଡ଼ବିଲ ଥାନା ଅନ୍ତର୍ଗତ ଠାକୁରାଣୀ ଠାରେ ଥିବା ଓଏମଡିସି କର୍ମଚାରୀଙ୍କ ପକ୍ଷରୁ ଆତ୍ମାହୁତି ଚେତାବନୀ ଦିଆଯାଇଛି । ଯାହାକି ସୂଚନା ରହିଛି ଏହି ଓଏମଡିସି ଖଣିରେ ଠିକା ସଂସ୍ଥା ଅଧୀନରେ କାର୍ଯ୍ୟରତ କର୍ମଚାରୀଙ୍କ ବିଗତ ନଅମାସ ରୁ ଉର୍ଦ୍ଧ ହେଲା ଦରମା ଦେଇନଥିବା ଅଭିଯୋଗ କରିଛନ୍ତି କର୍ମଚାରୀ, ବିଗତ ଦିନରେ ଓଏମଡିସି କମ୍ପାନୀର ବିଜିନେସ ହେଡ୍ ଙ୍କୁ କର୍ମଚାରୀ ମାନେ ବଡ଼ବିଲ ଉତ୍ସବ ପଡ଼ିଆ ନିକଟରେ ଥିବା ଓଏମଡିସି ଗେଷ୍ଟ ହାଉସ ଠାରେ ସମୂହ ଏକତ୍ରିତ ହୋଇ ଘେରିଥିଲେ । ଅତିଶିଘ୍ର ସେମାନଙ୍କ ବକେୟା ଦରମା କମ୍ପାନୀ ପକ୍ଷରୁ ପ୍ରଦାନ କରାନଗଲେ ସେମାନେ ଆତ୍ମାହୁତି କରିବା ପାଇଁ ଏକ ପ୍ରକାରର ବାଧ ହେବେ । ଏଥିପାଇଁ ସରକାର ଓ କମ୍ପାନୀ କର୍ତୃପକ୍ଷ ଦାୟୀ ରହିବେ ବୋଲି ଚେତାବନୀ ଦେଇଥିଲେ । ପରବର୍ତ୍ତୀ ସମୟରେ ଏହି କମ୍ପାନୀ ପକ୍ଷରୁ ମାତ୍ର ଦୁଇମାସ ର ଦରମା ପ୍ରଦାନ କରାଯାଇଥିବା ବେଳେ ପୁଣି କର୍ମଚାରୀଙ୍କ ଦରମା ପ୍ରଦାନ କରୁ ନଥିବା ବେଳେ ଏବେ କୁ ମିଶାଇ ପୁଣି ଦଶମାସ ର ଦରମା ବକେୟା ରହିଲାଣି, ଯାହାକୁ ନେଇ ପୁଣି ଓଏମଡିସି କମ୍ପାନୀ ବିରୋଧରେ ରଣ ହୁଙ୍କାର ଦେଇଛି । ଏବେ ରାଜ୍ୟରେ ନିଜ ଜିଲ୍ଲାର ମୁଖ୍ୟମନ୍ତ୍ରୀ ଥିବାବେଳେ କଣ ପାଇଁ ତାଙ୍କ ପ୍ରତି ଏ ଅନ୍ୟାୟ କରାଯାଇଛି ବୋଲି ପ୍ରଶ୍ନ କରିଛନ୍ତି । ଦରକାର ପଡିଲେ ନିଜେ ମରିବା ସହ ନିଜ ନିଜ ପରିବାରକୁ ନେଇ ଜୀବନ ହାରିବାକୁ ଚେତାବନୀ ଦେଇଛନ୍ତି ଏହି କର୍ମଚାରୀ ମାନେ ଓ ଏଥି ପାଇଁ କମ୍ପାନୀ କର୍ତୃପକ୍ଷ ଏବଂ ସରକାର ଦାୟୀ ରହିବେ ବୋଲି କହିଛନ୍ତି ।

# ଦିଲ୍ଲୀ ସାଧାରଣତନ୍ତ୍ର ଦିବସ ପାଇଁ ସ୍ୱେଚ୍ଛାସେବୀ ଚୟନ ଶିବିର

ଜୟପୁର, ୧୧/୦୯ (ନି.ପ୍ର): ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ୨୦୨୬ ଜାନୁଆରୀ ୨୬ରେ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ ପ୍ୟାରେଡରେ ଭାଗନେବା ପାଇଁ ସ୍ୱେଚ୍ଛାସେବୀ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ କୋରାପୁଟ, ମାଲକାନଗିରି, ରାୟଗଡ଼ା ଓ ନବରଙ୍ଗପୁର ଜିଲ୍ଲାର ୪୩ କଲେଜର ୫୩ଟି ଏନ୍ ଏସ୍ ଏସ୍ ୟୁନିଟରୁ ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ । ବ୍ୟୁରୋ କାର୍ଯ୍ୟକ୍ରମ ସଂଯୋଜକ ଡ଼ ମନୋରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଚୟନ ଶିବିରର ଉଦଘାଟନୀ ସତ୍ରରେ ବିଶ୍ୱବିଦ୍ୟାଳୟର କୁଳସଚିବ ଶ୍ରୀ ମହେଶ୍ୱର ନାୟକ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ । ଶିବିରରେ ଗତ ବର୍ଷ ବିଶ୍ୱବିଦ୍ୟାଳୟର ବ୍ୟୁରୋ ଅନ୍ତର୍ଗତ ଡିଏଭି ସରକାରୀ ମହାବିଦ୍ୟାଳୟ କୋରାପୁଟର ଜାତୀୟ ସେବା ଯୋଜନା ଅଧିକାରୀ ଶ୍ରୀ ମନୋଜ ବେହେରା ଯେକି ଦିଲ୍ଲୀ ସାଧାରଣତନ୍ତ୍ର ଦିବସ ପ୍ୟାରେଡରେ ଓଡ଼ିଶାର କଂଟିଜେଂଟ ଲିଡର ଭାବେ ଯୋଗଦେଇଥିଲେ ସେଥିପାଇଁ ତାଙ୍କୁ ବ୍ୟୁରୋ ତରଫରୁ ଉପଢୌକନ, ସ୍ମୃତି ଫଳକ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା । ପରେ ଶିବିରାର୍ଥୀମାନଙ୍କ ଶାରୀରିକ ପ୍ରଦର୍ଶନୀ, ପ୍ୟାରେଡ୍, ଦୌଡ ପ୍ରତିଯୋଗିତା ହେବା ସହ ସାଧାରଣ ଜ୍ଞାନ ପରୀକ୍ଷା, ଦଳଗତ ଆଲୋଚନା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ, ଗୀତ ଓ ଅଭିନୟ ଆଦିର ମୂଲ୍ୟାୟନ କରାଯାଇଥିଲା । ଦିନବ୍ୟାପୀ କାର୍ଯ୍ୟକ୍ରମକୁ ପ୍ରାକ୍ତନ କୋରାପୁଟ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ କିଶୋର ଚନ୍ଦ୍ର ବେହେରା, କ୍ୟାପଟେନ୍ ଲକ୍ଷ୍ମଣ ପାତ୍ର, କୋରାପୁଟ, ନବରଙ୍ଗପୁର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଯଥାକ୍ରମେ ସୁଶାନ୍ତ କୁମାର ବେହେରା ଓ ବିନୋଦ ବିହାରୀ ପ୍ରଧାନ, କୁଡୁମୁଲୁଗୁମ୍ମା କାର୍ଯ୍ୟକ୍ରମ ଅଧିକାରୀ ବିଶ୍ୱଜିତ ମହାନ୍ତି, ବୋରିଗୁମ୍ମା କାର୍ଯ୍ୟକ୍ରମ ଅଧିକାରୀ ଜି. ଉମା ମାହେଶ୍ୱରୀ, ମାଲକାନଗିରି ଡିଗ୍ରୀ କଲେଜ କାର୍ଯ୍ୟକ୍ରମ ଅଧିକାରୀ ଦୀପ୍ତି ମିଶ୍ର, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ଲୋକେଶ ପ୍ରଧାନ, ସୁକାନ୍ତି ସ, ଜି.ଆଇ.ଇ.ଟି, ଗୁଣପୁରର କାର୍ଯ୍ୟକ୍ରମ ଅଧିକାରୀ ଘନିଷ୍ଠା ପୃଷ୍ଟି, ନବରଙ୍ଗପୁର ମୋଡେଲ ଡିଗ୍ରୀ କଲେଜ ପିଓ ରଞ୍ଜୁଲତା କଅଁର, ଏନ୍ ସି ସି ଅଫିସର ପ୍ରକାଶ ବିଦ୍ୟାଳୟ ଜୟପୁର ରାଜେନ୍ଦ୍ର କୁମାର ସାହୁ, ସୁଜାତା ବେଜ୍ ପ୍ରମୁଖ ବିଭିନ୍ନ ପ୍ରତିଯୋଗିତାର ପରିଚାଳନା କରିଥିବା ବେଳେ ବିଶ୍ୱବିଦ୍ୟାଳୟର ସ୍ୱେଚ୍ଛାସେବୀମାନେ ଓ ସୁରଜ୍ ବାହାଦୁର ପ୍ରମୁଖ ସହଯୋଗ କରିଥିଲେ ।

## ବଲାଙ୍ଗିର ଏବିଭିପି ତରଫରୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଦାବି ପତ୍ର

ବଲାଙ୍ଗିର, ୧୧/୦୯ (ନି.ପ୍ର): ବଲାଙ୍ଗିର ସହରରେ ୧୯୮୨ ମସିହାରେ ସ୍ଥାପିତ ହୋଇଥିବା ସନ୍ଧ୍ୟା ମହାବିଦ୍ୟାଳୟ ବର୍ତମାନ ବଲାଙ୍ଗିରର ସରକାରୀ ମହାବିଦ୍ୟାଳୟ ୨୦୧୭ ମସିହାରେ ନୂଆ ସ୍ଥାନକୁ ସ୍ଥାନାନ୍ତରିତ କରିଗଲା । କଲେଜ ନାମରେ ୫ ଏକର ଜମି ଦିଆଯାଇଥିବା ବେଳେ ବର୍ତମାନ ୧.୩୮ ଏକର ଜମି ଜବରଦଖଲରେ ଅଛି । ଜବରଦଖଲ ଥିବାରୁ କଲେଜ ଓ ଛାତ୍ରଛାତ୍ରୀମାନଙ୍କର ସୁରକ୍ଷାରେ ବାଧାପ୍ରାପ୍ତ ହେଉଛି । ଏହି ଜବରଦଖଲ ଉଚ୍ଛେଦ କରିବା ପାଇଁ ଅନେକ ଥର କଲେଜ କର୍ତୃପକ୍ଷ ପ୍ରଶାସନ ଓ ସରକାର କୁ ଅବଗତ କରିଲା ପରେ ମଧ ସରକାର ଅବହେଳା କରିଛନ୍ତି । ଏଣୁ ଏହି ବିଷୟକୁ ନେଇ ବଲାଙ୍ଗୀର ଏବିଭିପି ଆଜି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସହ ଏହି ମହାବିଦ୍ୟାଳୟକୁ ଲାଗିକି ଥିବା ସରକାରୀ ଯମିକୁ କଲେଜ ନାମରେ ନାମିତ କରିବା ପାଇଁ ଅନୁରୋଧ କରିଛନ୍ତି ।

# ରାୟପୁର ବିଶାଖାପାଟଣା ଭାରତ ମାଳା ପ୍ରକଳ୍ପ ଅଗ୍ରଗତି ସମୀକ୍ଷା କଲେ ରାଜ୍ୟପାଳ

ଜୟପୁର, ୧୧/୦୯ (ନି.ପ୍ର): ରାଜ୍ୟପାଳ ଡ, ହରିବାବୁ କମ୍ଭମପାଟି କୋରାପୁଟ ଜିଲ୍ଲା ଗସ୍ତରେ ଆସିଥିବା ବେଳେ ଭାରତ ମାଳା ଯୋଜନାରେ ନିର୍ମାଣାଧୀନ ରାୟପୁର-ବିଶାଖାପାଟଣା ଏକ୍ସପ୍ରେସ ହାଇୱେର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି । ରାୟପୁର- ବିଶାଖାପାଟଣା ଏକ୍ସପ୍ରେସ ହାଇୱେ (ଏନ୍ଏଚ-୧୩୦ ସିଡି) ଭାବରେ ପରିଚିତ ଅର୍ଥନୈତିକ କରିଡରଦେ ଭାରତ ମାଳା ପରିଯୋଜନା ଅଧୀନରେ ଭାରତୀୟ ଜାତୀୟ ରାଜପଥ କର୍ତୃପକ୍ଷଙ୍କ ଦ୍ୱାରା କାର୍ଯ୍ୟକାରି ହେଉଥିବା ୬ ଲେନ୍ ରାଜପଥ ମାଲ ପରିବହନ ଦକ୍ଷତା ବୃଦ୍ଧି କରିବା ଏବଂ ରପ୍ତାନିକୁ ବୃଦ୍ଧି କରିବା ଆଶା କରାଯାଉଛି । ରାଜ୍ୟପାଳ ପଟାଙ୍ଗି ନିକଟରେ ଏହି ଏକ୍ସପ୍ରେସ ହାଇୱେର ସୁଡ଼ଙ୍ଗ (ଓଡ଼ି ୭) ପରିଦର୍ଶନ କରିଥିଲେ ଏବଂ ଚାଲୁଥିବା ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ । ଜାତୀୟ ରାଜପଥ କର୍ତୃପକ୍ଷ ଏବଂ ଅନ୍ୟାନ୍ୟ ଅଧିକାରୀ ରାଜ୍ୟପାଳଙ୍କୁ ବର୍ତମାନର ସ୍ଥିତି ଏବଂ ପ୍ରକଳ୍ପର ଭବିଷ୍ୟତ ସମୟସୀମା ବିଷୟରେ ସୂଚନା ଦେଇଥିଲେ ।

# ଭୁଲ୍ ସମୟରେ ଖାଇଲେ ସ୍ୱାସ୍ଥ୍ୟ ଉପରେ ପଡ଼େ ପ୍ରଭାବ : ଜାଣନ୍ତୁ , ଲଞ୍ଚ୍ ଏବଂ ଡିନର୍ ଭିତରେ କେତେ ସମୟର ଅନ୍ତର ରହିବା ଦରକାର ?



ଯେମିତି ପୁଷ୍ଟିକର ଖାଦ୍ୟ ଆମ ଶରୀରକୁ ହେଲଦି ରଖିବାରେ ସାହାଯ୍ୟ କରେ ଠିକ୍ ସେମିତି ଆପଣଙ୍କ ଖାଇବା ସମୟ ମଧ ଆପଣଙ୍କ ସୁସ୍ଥ ଜୀବନଚର୍ଯ୍ୟାକୁ ସନ୍ତୁଳନ ରଖିବାର କାମ କରେ। ଆପଣ କେତେବେଳେ , କେଉଁ ସମୟରେ ଖାଦ୍ୟ ଖାଉଛନ୍ତି ଏବଂ ଲଞ୍ଚ୍ - ଡିନର୍ ଭିତରେ କେତେ ସମୟର ଅନ୍ତରାଳ ରହିବା ଦରକାର ଏହା ଆପଣ ଜାଣିବା ନିହାତି ଦରକାର । ଅନେକ ଲୋକ ଏ ଉପରେ ଧ୍ୟାନ ଦେଉନଥିବା ବେଳେ ଏ ସମ୍ବନ୍ଧରେ ଜାଣିବା ନିହାତି ଦରକାର।

ଲଞ୍ଚ୍ ଏବଂ ଡିନର୍ ଭିତରେ ୪ ରୁ ୬ ଘଣ୍ଟା ସମୟର ଅନ୍ତର ରହିବା ଦରକାର । ଏହା ଆପଣଙ୍କ ପାଚନ ତନ୍ତ୍ର ଠିକ୍ କରିବା ସହ ଭୋଜନକୁ ହଜମ କରାଇବାରେ ସହାୟକ ହୁଏ। ଅଧିକ ସକ୍ରିୟ ଥିବା ଲୋକ କମ୍ ସମୟର ଅନ୍ତରରେ ଖାଦ୍ୟ ଖାଇବା ଉଚିତ୍ ଅନ୍ୟପକ୍ଷେ ଯେଉଁ ଲୋକଙ୍କ କ୍ଷେତ୍ରରେ ନିଷ୍କ୍ରିୟତା ଦେଖାଯାଏ ସେମାନେ ଅଧିକ ସମୟର ଅନ୍ତରାଳ ନେବା ଆବଶ୍ୟକ। ଲଞ୍ଚ୍ ଏବଂ ଡିନର୍ ଭିତରେ ଅନ୍ତର ନ ରହିବାଦ୍ୱାରା ଓଜନ ବଢିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ । ଏହାଦ୍ୱାରା ଶରୀରରେ କ୍ୟାଲୋରୀ ଜମେ ଏବଂ ଓଜନ ବଢେ । ସମୟ ନଦେଇ ଲଗାତାର



ଖାଇବା ଦ୍ୱାରା ପାଚନତନ୍ତ୍ରରେ ଏହାର ପ୍ରଭାବ ପଡ଼େ । ଯାହାଦ୍ୱାରା କୋଷ୍ଠକାଠିନ୍ୟ , ଏସିଡିଟି ଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ । ଲଗାତାର ଖାଇବା ଦ୍ୱାରା ଆପଣ ସବୁବେଳେ ଥକ୍କାପଣ ଅନୁଭବ କରିବେ । ରାତିରେ ବିଳମ୍ବରେ ଖାଇବା ଦ୍ୱାରା ଆପଣଙ୍କ ନିଦରେ ମଧ ବ୍ୟାଘାତ ହୁଏ । ଏହିସବୁ ସମସ୍ୟାରୁ ଉପସମ ପାଇବାକୁ ଚାହୁଁଥିଲେ ଏକ ନିର୍ଦ୍ଧିଷ୍ଟ ସମୟକୁ ଚୟନ କରନ୍ତୁ ଏବଂ ସେହି ସମୟରେ ହିଁ ଲଞ୍ଚ୍ ଏବଂ ଡିନର୍ କରନ୍ତୁ । ଅଧିକ ସମୟ ଅନ୍ତର ହେଉଥିଲେ ହାଲକା ଜଳଖିଆ କିମ୍ବା ସ୍ନାକ୍ସ ଖାଆନ୍ତୁ । ସବୁବେଳେ ରାତ୍ରଭୋଜନ ହାଲକା ଏବଂ ସନ୍ତୁଳନ ରଖିବାକୁ ଚେଷ୍ଟା କରନ୍ତୁ । ଯେଉଁଥିରେ ଫାଇବର୍ ଏବଂ ପ୍ରୋଟିନର ମାତ୍ରା ଅଧିକ ଥିବ। ଶୋଇବାର ୨ ରୁ ୩ ଘଣ୍ଟା ପୂର୍ବରୁ ଖାଦ୍ୟ ଖାଆନ୍ତୁ ନାହିଁ । ପ୍ରଚୁର ମାତ୍ରାରେ ପାଣି ପିଅନ୍ତୁ ଏହା ଆପଣଙ୍କ ପାଚନତନ୍ତ୍ରକୁ ସୁସ୍ଥ ରଖିବାରେ ସହାୟ ହୁଏ ।

ସୁସ୍ଥ ଶରୀର ପାଇବାକୁ ହେଲେ ଆବଶ୍ୟକ ପଡ଼େ ସୁସ୍ଥ ଖାଦ୍ୟର ଆଉ ଏହି ସୁସ୍ଥ ଖାଦ୍ୟ ଜନ୍ମ ନିଏ ସବୁଜ ପରିବାରୁ । ପିଲାଟି ବେଳରୁ ଆମେ ପାଠ ବହିରେ ପଢିଆସିଛେ ତଟକା ପରିବା ଖାଇବା , ସୁସ୍ଥ ଆମେ ରହିବା । ସବୁଜ ତଟକା ପରିବା ଖାଇବାକୁ ଡାକ୍ତର ମଧ ପରାମର୍ଶ ଦେଇଥାନ୍ତି । କୋବି , ବିନ୍ , ମଟର , କଞ୍ଚା କଦଳୀ ଆଦି ଅନେକ ପରିବା ଆମ ଶରୀରକୁ ବଳ ଯୋଗାଇବାର କାମ କରନ୍ତି । ଏହିସବୁ ପରିବା ଖାଇବା ଦ୍ୱାରା ଅନେକ ରୋଗରୁ ମଧ ଉପସମ ମିଳିଥାଏ । କିନ୍ତୁ କ’ଣ ଆପଣ ଜାଣନ୍ତି କି ଏହି ପରିବାର ଫୁଲ ମଧ ଦେହପାଇଁ କେତେ ଉପଯୋଗୀ । ଆମେ ଏଠାରେ କଞ୍ଚା କଦଳୀର କଥା କହୁଛୁ ଆଜ୍ଞା , କଦଳୀର ଉପକାରିତା ବିଷୟରେ ଆମେ ଆପଣଙ୍କୁ ଆଗରୁ କହିସାରିଛୁ । କିନ୍ତୁ କଦଳୀ ଫୁଲ ମଧ ଶରୀର ପାଇଁ ସଞ୍ଜୀବନୀର କାମ କରେ ଏଭଳି କହିଲେ ମଧ ଭୁଲ୍ ହେବନାହିଁ । କଦଳୀଫୁଲରେ ଫାଇବର୍ , ପ୍ରୋଟିନ୍ , ଭିଟାମିନ୍- ଏ , ଭିଟାମିନ୍-ସି , ଫସଫରସ୍ , ପୋଟାସିୟମର ମାତ୍ରା ମିଳିଥାଏ । ଯାହା ଖାଇବାଦ୍ୱାରା ଡାଏବେଟିସ୍ କଣ୍ଟ୍ରୋଲରେ ରହିବା ସହ ଶରୀରରୁ ଗ୍ଲୁକୋଜ୍ ସ୍ତର ମଧ କମ୍ ହୋଇଥାଏ । ଏହାଦ୍ୱାରା ବ୍ଲଡସୁଗାର୍ ମଧ କଣ୍ଟ୍ରୋଲକୁ ଆସିଥାଏ । କଦଳୀଫୁଲର କାଢା ମଧ ସେବନ କରାଯାଏ । କଦଳୀଫୁଲ କିଡନୀ ରୋଗୀଙ୍କ ପାଇଁ ମଧ ବହୁତ ଭଲ ହୋଇଥାଏ । ଏଥିରେ ଥିବା ନେଫ୍ରୋପ୍ରୋଟେକ୍ଟିଭ୍ ଗତିବିଧି କିଡନୀକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ । ଏହାଦ୍ୱାରା କିଡନୀ ଷ୍ଟୋନ୍ ସମସ୍ୟା ମଧ ଦୂର ହୁଏ । ଯଦି ଆପଣ ନିଜ ଖାଦ୍ୟରେ ନିୟମିତ କଦଳୀ ଫୁଲର ସେବନ କରୁଛନ୍ତି ତାହେଲେ ଏହା ଆପଣଙ୍କ ଓଜନ କମାଇବାରେ ମଧ ସହାୟକ ହେବ । ଏଥିରେ ଥିବା ଫାଇବରର ମାତ୍ରା ଲମ୍ବା ସମୟ ପର୍ଯ୍ୟନ୍ତ ଭୋକ ନ କରାଇବା ହେଉଛି ଓଜନ କମାଇବା ପଛର ରହସ୍ୟ । ଏଥିପାଇଁ କଦଳୀଫୁଲର କାଢା , ତରକାରୀ କିମ୍ବା ସୁପ୍ ପ୍ରସ୍ତୁତ କରି ଆପଣ ଖାଇପାରିବେ । କଦଳୀଫୁଲର ସେବନ ଦ୍ୱାରା ଆପଣ ହାଇ-ବ୍ଲଡପ୍ରେସରକୁ ବି କଣ୍ଟ୍ରୋଲରେ ଆଣିପାରିବେ । ଏହା ଆଣ୍ଟି- ଡାଇପରଟେନ୍ସିଭ୍ ଭଳି କାମ କରୁଥିବାରୁ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ

# ହାନିକାରକ DIY ସ୍କିନ୍‌କେୟାର: ଚେହେରାରେ କେବେ ବି ଲଗାନ୍ତୁ ନାହିଁ ରୋଷେଇ ଘରେ ଥିବା ଏହି ୫ଟି ଜିନିଷ





**ଆମର ଚର୍ମ ଅତ୍ୟନ୍ତ ସମ୍ବେଦନଶୀଳ ଏବଂ ଏହାର ଯତ୍ନ ନେବା ପାଇଁ ସଠିକ୍ ଉପାୟ ଜାଣିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଅନେକ ସମୟରେ ଲୋକମାନେ ଘରୋଇ ଉପଚାର ବା ଉଓଣ ସ୍କିନ୍‌କେୟାର ଉପରେ ଅଧିକ ନିର୍ଭର କରନ୍ତି । ରୋଷେଇ ଘରେ ଥିବା କିଛି ଜିନିଷ ଚର୍ମ ପାଇଁ ଭଲ ବୋଲି କୁହାଯାଏ, କିନ୍ତୁ ସବୁ ଜିନିଷ ଚର୍ମ ପାଇଁ ଉପଯୁକ୍ତ ନୁହେଁ। ବାସ୍ତବରେ, କିଛି ରୋଷେଇ ଘର ସାମଗ୍ରୀ ଚେହେରାରେ ଲଗାଇବା ଦ୍ୱାରା ଲାଭ ପରିବର୍ତ୍ତେ କ୍ଷତି ହୋଇପାରେ ଏବଂ ଚର୍ମର ସବୁଠାରୁ ବଡ଼ ଶତ୍ରୁ ପାଲଟି ପାରେ। ଆସନ୍ତୁ ଜାଣିବା ଏହିପରି ୫ଟି ଜିନିଷ ବିଷୟରେ, ଯାହାକୁ ଆପଣ ଚେହେରାରେ କେବେ ବି ଲଗାଇବା ଉଚିତ୍ ନୁହେଁ।**

ଲେମ୍ବୁ ରସ : ଲେମ୍ବୁରେ ଭିଟାମିନ୍ ଉ ଭରପୂର ମାତ୍ରାରେ ଥାଏ ଏବଂ ଏହାକୁ ଏକ ପ୍ରାକୃତିକ ବ୍ଲିଚିଂ ଏଜେଣ୍ଟ ଭାବରେ ଦେଖାଯାଏ । ଅନେକ ଲୋକ ଦାଗ ହଟାଇବା, ଚର୍ମକୁ ଉଜ୍ଜ୍ୱଳ କରିବା ପାଇଁ ଲେମ୍ବୁ ରସକୁ ସିଧାସଳଖ ଚେହେରାରେ ଲଗାନ୍ତି । କିନ୍ତୁ ଲେମ୍ବୁ ଅତ୍ୟଧିକ ଏସିଡିକ୍ ହୋଇଥିବାରୁ ଏହା ଚର୍ମର ପ୍ରାକୃତିକ ପିଏଚ ସ୍ତରକୁ ନଷ୍ଟ କରିପାରେ । ଏହା ଚର୍ମରେ ଜ୍ୱଳନ, ଶୁଷ୍କତା, ଲାଲିମା ଏବଂ ସୂର୍ଯ୍ୟ କିରଣ ପ୍ରତି ଅଧିକ ସମ୍ବେଦନଶୀଳତା ସୃଷ୍ଟି କରିଥାଏ । ଫଳରେ ଚର୍ମରେ କଳା ଦାଗ ବଢ଼ିପାରେ, ଯାହାକୁ ଫାଇଟୋଫୋଟୋଡର୍ମାଟାଇଟିସ୍ କୁହାଯାଏ ।

ବେକିଂ ସୋଡା : ବେକିଂ ସୋଡାକୁ ଏକ ଏକ୍ସଫୋଲିଏଣ୍ଟ୍ ଭାବରେ ବ୍ୟବହାର କରିବାକୁ ଅନେକ ଲୋକ ପରାମର୍ଶ ଦିଅନ୍ତି । ଏହାର କ୍ଷାରୀୟ ଗୁଣ ଚର୍ମର ସାମାନ୍ୟ ଏସିଡିକ୍ ପିଏଚ ସହିତ ମେଳ ଖାଏ ନାହିଁ । ବେକିଂ ସୋଡା ଚର୍ମର ପ୍ରାକୃତିକ ତେଲ ସ୍ତରକୁ ନଷ୍ଟ କରିଦିଏ, ଯାହା ଚର୍ମର ପ୍ରତିରକ୍ଷା ପ୍ରଣାଳୀକୁ ଦୁର୍ବଳ କରିଥାଏ। ଏହା ଚର୍ମକୁ ଶୁଷ୍କ, ଖରଖରା କରିବା ସହ ବ୍ରଣ ଏବଂ ସଂକ୍ରମଣର ଆଶଙ୍କା ବଢ଼ାଇଥାଏ।

ଗରମ ମସଲା : କିଛି ମସଲା, ଯେପରିକି ଡାଲଚିନି ବା ଲବଙ୍ଗକୁ ଚର୍ମ ପାଇଁ ଲାଭଦାୟକ ବୋଲି ଭାବି କିଛି ଲୋକ ଫେସ ମାସ୍କରେ ବ୍ୟବହାର କରନ୍ତି । ଡାଲଚିନିରେ ସିନ୍ନାମାଲଡିହାଇଡ୍ ଥାଏ, ଯାହା ଅନେକ ଲୋକଙ୍କ ଚର୍ମରେ ଜ୍ୱଳନ, ଲାଲିମା, ଏବଂ ଆଲର୍ଜି ପ୍ରତିକ୍ରିୟା ସୃଷ୍ଟି କରିପାରେ । ଏହା ବିଶେଷ ଭାବରେ ସମ୍ବେଦନଶୀଳ ଚର୍ମ ପାଇଁ ଅତ୍ୟନ୍ତ ହାନିକାରକ ହୋଇଥାଏ।

ଭିନେଗାର : ସେଓ ସାଇଡର ଭିନେଗାରକୁ ବ୍ରଣ ଏବଂ ଦାଗ ପାଇଁ ଏକ ପ୍ରାକୃତିକ ଉପଚାର ଭାବରେ ବ୍ୟବହାର କରାଯାଏ। ଲେମ୍ବୁ ପରି, ଭିନେଗାର ମଧ ଅତ୍ୟଧିକ ଏସିଡିକ୍ । ସିଧାସଳଖ ଚର୍ମରେ ଏହାକୁ ଲଗାଇବା ଦ୍ୱାରା ଚର୍ମର ପ୍ରାକୃତିକ ସୁରକ୍ଷା ବାଧାପ୍ରାପ୍ତ ହୁଏ, ଯାହା ଶୁଷ୍କତା, ଜ୍ୱଳନ ଏବଂ ଲାଲିମା ସୃଷ୍ଟି କରେ। ଏହା ଚର୍ମକୁ ପୋଡ଼ି ଦେବାର ସମ୍ଭାବନା ମଧ ଥାଏ ।

ଟୁଥପେଷ୍ଟ : ବ୍ରଣ ଶୁଖାଇବା ପାଇଁ ଟୁଥପେଷ୍ଟ ଲଗାଇବା ଏକ ପୁରୁଣା ଘରୋଇ ଉପଚାର । ଟୁଥପେଷ୍ଟରେ ଥିବା ମେନ୍ଥଲ, ଆଲକୋହଲ, ଏବଂ ଅନ୍ୟ ରାସାୟନିକ ପଦାର୍ଥ ଚର୍ମ ପାଇଁ ଅତ୍ୟନ୍ତ କ୍ଷତିକାରକ ହୋଇଥାଏ। ଏହା ବ୍ରଣକୁ ଶୁଖାଇବା ପରିବର୍ତ୍ତେ, ଚର୍ମରେ ଜ୍ୱଳନ, ଲାଲିମା, ଏବଂ ଦାଗ ସୃଷ୍ଟି କରିଥାଏ । ଏହା ଚର୍ମକୁ ଅତ୍ୟଧିକ ଶୁଷ୍କ କରିଦିଏ ଏବଂ ଚର୍ମର ପ୍ରତିରକ୍ଷା କ୍ଷମତାକୁ କମାଇଦିଏ ।

ସଠିକ୍ ଯତ୍ନ ଗୁରୁତ୍ୱପୂର୍ଣ୍ଣ: ଚର୍ମର ଯତ୍ନ ନେବା ପାଇଁ ସର୍ବଦା ଚର୍ମର ପ୍ରକାର ଏବଂ ସମ୍ବେଦନଶୀଳତାକୁ ଧ୍ୟାନରେ ରଖିବା ଉଚିତ୍। ଯଦି ଆପଣ ଘରୋଇ ଉପଚାର ବ୍ୟବହାର କରିବାକୁ ଚାହୁଁଛନ୍ତି, ତେବେ ସେଗୁଡ଼ିକୁ ଚର୍ମ ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ବ୍ୟବହାର କରନ୍ତୁ କିମ୍ବା ଏହାକୁ ପ୍ରଥମେ ଚେହେରାର ଏକ ଛୋଟ ଅଂଶରେ ଲଗାଇ ପରୀକ୍ଷା କରନ୍ତୁ। ଚର୍ମ ସମ୍ବନ୍ଧୀୟ କୌଣସି ସମସ୍ୟା ପାଇଁ ସର୍ବଦା ଜଣେ ଡର୍ମାଟୋଲୋଜିଷ୍ଟଙ୍କ ପରାମର୍ଶ ନେବା ଉଚିତ୍ । ନିଜ ମନମୁତାବକ ରୋଷେଇ ଘର ସାମଗ୍ରୀ ବ୍ୟବହାର କରି ଆପଣ ନିଜ ଚର୍ମକୁ ହାନି ପହଞ୍ଚାଇ ପାରନ୍ତି ।

# ଦମ୍ପତିଙ୍କ ସ୍ମୃତିଶକ୍ତି ବଢ଼ାଏ ଭଲ ପାଇବା

ଭଲପାଇବା ଦମ୍ପତିଙ୍କ ମାନସିକ ସ୍ଥିତି ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ । ଏହା ଯୋଗୁ ଦମ୍ପତିଙ୍କ ସ୍ମୃତିଶକ୍ତି ବଢ଼ିଥାଏ । ଏ ନେଇ ୱାଶିଂଟନ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି । ପୁରୁଷମାନଙ୍କ ତୁଳନାରେ ମହିଳାଙ୍କ କ୍ଷେତ୍ରରେ ଏଭଳି ଆଚରଣ ଅଧିକ ଦେଖାଯାଏ । ଦାମ୍ପତ୍ୟ ଜୀବନରେ ନିବିଡ଼ ଭଲ ପାଇବା ଯୋଗୁ ମାନସିକ ସ୍ଥିତିରେ ସନ୍ତୁଳନ ସୃଷ୍ଟି ହୁଏ । ଦମ୍ପତି ପରସ୍ପର ବିଷୟରେ ଚିନ୍ତା କରିବା ଛଡ଼ା ଅନ୍ୟ ବାହାର ସମସ୍ୟା ଉପରେ ପ୍ରାୟତଃ ଧ୍ୟାନ ଦେଇ ନଥାନ୍ତି । ଏହା ଯୋଗୁ ମସ୍ତିଷ୍କର ମନେ ରଖିବା ଶକ୍ତି ବଢ଼େ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ତେଣୁ ହଠାତ୍ କୌଣସି ସମସ୍ୟାରେ ପଡ଼ିଲେ ଏହାକୁ ଦମ୍ପତି ସାହସର ସହିତ ମୁକାବିଲା କରିଥାନ୍ତି । ତେବେ ଦାମ୍ପତ୍ୟ ଜୀବନରେ ମନୋମାଳିନ୍ୟ ହେଲେ ମାନସିକ ସ୍ଥିତି ବିଗିଡ଼ି ଯାଇଥାଏ ବୋଲି ଏହି ରିପୋର୍ଟରେ ସୂଚିତ ହୋଇଛି ।

## ଏକୁଟିଆପଣ ନେଉଛି ଜୀବନ: ପ୍ରତିଘଣ୍ଟାରେ ଯାଉଛି ୧୦୦ଜଣଙ୍କ ଜୀବନ

ପୃଥିବୀର ଜନସଂଖ୍ୟା ୮୦୦ କୋଟିରେ ପହଞ୍ଚିଲାଣି । ତଥାପି ଆପଣ ବିଶ୍ୱାସ କରୁଛନ୍ତି କି, ପ୍ରତି ୬ ଜଣରେ ଜଣେ ଏକୁଟିଆପଣ ପାଇଁ ମୃତ୍ୟୁ ମୁଖରେ ପଡୁଛନ୍ତି । ଆଜିକାଲି ବ୍ୟସ୍ତବହୁଳ ଜୀବନଶୈଳୀରେ କାହା ପାଖରେ କାହା ପାଇଁ ସମୟ ନାହିଁ । ସକାଳୁ ଉଠି ରାତି ପର୍ଯ୍ୟନ୍ତ ସମସ୍ତେ କେବଳ ଧାଉଁଛନ୍ତି । ପରସ୍ପରକୁ



ଟପିବାର ପ୍ରତିଯୋଗିତାରେ ପରସ୍ପରକୁ ହିଁ ଭୁଲି ଯାଉଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଦ୍ୱାରା ପ୍ରକାଶ ପାଇଥିବା ରିପୋର୍ଟରେ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି । ୮୦୦ କୋଟି ଟପିଲାଣି ବିଶ୍ୱ ଜନସଂଖ୍ୟା, ତଥାପି କିଛି ମଣିଷ ଆଜି ଏକୁଟିଆ। ଘରଠୁ ନେଇ ରାସ୍ତାଘାଟ, ଅଫିସ, ସାଙ୍ଗସାଥିଙ୍କ ସହ ଖଟି ପରେ ବି କିଛି ମଣିଷ ଆଜି ନିଃସ୍ୱ । ଏକଥା ଆମେ କହୁନୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଗବେଷଣାରୁ ସାମ୍ନାକୁ ଆସିଛି ଏଭଳି ଚିନ୍ତାଜନକ ତଥ୍ୟ । ରିପୋର୍ଟ ଅନୁଯାୟୀ ଏକ ଘଣ୍ଟାରେ ୧୦୦ ଜଣଙ୍କ ଜୀବନ ନେଉଛି ଏହି ଲୋନ୍‌ଲିନେସ୍ ବା ଏକୁଟିଆପଣ । ଏହି ସମସ୍ୟା ସବୁ ବୟସର ଲୋକଙ୍କୁ ପ୍ରଭାବିତ କରିଥାଏ । ବିଶେଷ କରି ଯୁବବର୍ଗ ଏବଂ ନିମ୍ନ ମଧ୍ୟମ ଆୟ ଦେଶରେ ଏଭଳି ସମସ୍ୟା ଅଧିକ ଦେଖିବାକୁ ମିଳେ । ୩ ଜଣ ବୟସ୍କଙ୍କ ମଧ୍ୟରୁ ଜଣଙ୍କୁ ଏବଂ ୪ ଜଣ କିଶୋରଙ୍କ ମଧ୍ୟରୁ ଜଣଙ୍କୁ ପ୍ରଭାବିତ କରୁଛି ଏକୁଟିଆପଣ ।

# ଚନ୍ଦାପଣ ଭୋଗୁଥିବା ବ୍ୟକ୍ତିଙ୍କ ପାଇଁ ଖୁସିଖବର, ଏହି ଉପାୟ କଲେ ଗହଳ ହେବ କେଶ !

କନକ ବ୍ୟୁରୋ: ଚନ୍ଦାପଣ ଭଳି ସମସ୍ୟା ଭୋଗୁଥିଲେ ହୁଅନ୍ତୁନି ନିରାଶ । ବୈଜ୍ଞାନିକ ଗବେଷଣାରୁ ଏକ ଆଶ୍ୱସ୍ତିକର ଖବର ସାମ୍ନାକୁ ଆସିଛି । କେଶର ଉପଯୁକ୍ତ ଯତ୍ନ ନେବା ଦ୍ୱାରା ଏହା ପୁଣିଥରେ ପୂର୍ବ ଅବସ୍ଥାକୁ ଫେରି ଆସିବ ବୋଲି ଗବେଷକ ଦଳ ଦାବି କରିଛନ୍ତି । ଷ୍ଟେମ୍ ସେଲ୍ ରିସର୍ଚ୍ଚ ଆଣ୍ଡ୍ ଥେରାପିରେ ପ୍ରକାଶିତ ଗବେଷଣାରେ କୁହାଯାଇଛି ଯେ ଏହି କେଶ ମୂଳ ଅର୍ଥାତ୍ ଫଲିକଲ୍ ଶରୀରର କିଛି ପ୍ରଣାଳୀ ସହିତ ମିଶି କାର୍ଯ୍ୟ କରିଥାନ୍ତି । ଯେତେବେଳେ ଏହି ପ୍ରଣାଳୀ କୌଣସି କାରଣରୁ ବାଧାପ୍ରାପ୍ତ ହୋଇଥାଏ, ସେତେବେଳେ କେଶ ଝଡ଼ିବା ଆରମ୍ଭ ହୋଇଥାଏ । ଯଦି ଏହି ପ୍ରଣାଳୀଗୁଡ଼ିକ ପୁଣି ଥରେ ସଠିକ୍ ଭାବରେ କାମ କରିବା ଆରମ୍ଭ କରନ୍ତି, ତେବେ ପୁଣିଥରେ କେଶ ପୂର୍ବ ଅବସ୍ଥାକୁ ଫେରି ଆସିବା ସମ୍ଭବ ।

- ଯତ୍ନ ନେଲେ ପୁଣିଥରେ ଫେରିଆସିବ ପୂର୍ବାବସ୍ଥା
- ଷ୍ଟେମ୍ ସେଲ୍ ରିସର୍ଚ୍ଚ ଆଣ୍ଡ୍ ଥେରାପିର ବଡ଼ ଦାବି
- କିଛି ଉପାୟ ଆପଣାଇଲେ କେଶ ହେବ ଗହଳ
- କେଶ ମୂଳ ଅର୍ଥାତ୍ କେଶ ଫଲିକଲ୍ ଦୁର୍ବଳ ହେଲେ ଝଡ଼ିଥାଏ କେଶ
- ପ୍ରଣାଳୀଗୁଡ଼ିକ ପୁଣି ଥରେ ସଠିକ୍ ଭାବରେ କାମ କଲେ ବଢେ କେଶ
- ଜିନ୍ ଏଡିଟିଂ କୌଶଳ ଏବଂ ଷ୍ଟେମ୍ ସେଲ୍ ଭଳି କୌଶଳର ସାହାଯ୍ୟ ନିଆଯାଇପାରିବ
- ଏହି ପଦ୍ଧତି ଏପର୍ଯ୍ୟନ୍ତ ଗବେଷଣା ପର୍ଯ୍ୟାୟରେ ରହିଛି
- ଆଗାମୀ ୨ବର୍ଷ ମଧ୍ୟରେ ମଣିଷ ଉପରେ ଏହାର ପରୀକ୍ଷଣ ଆରମ୍ଭ ହେବ
- ଯେତେବେଳେ କେଶ ଝଡ଼ିଥାଏ, ଏହାର ମୂଳ ଅର୍ଥାତ୍ ଫୋଲିକଲ୍ ମରେ ନାହିଁ
- ଫୋଲିକଲ୍ ଗୁଡ଼ିକ କେବଳ ନିଷ୍କ୍ରିୟ ହୋଇ ରହିଥାନ୍ତି
- ଏନେଇ ଅଧିକ ଗବେଷଣା ସଫଳତା ଆଣିଦେବ ବୋଲି ଆଶା ବୃଦ୍ଧି ହୋଇଛି



# ପାଟିରେ ବାରମ୍ବାର ଘା’ ହେବା, ପେଟ ସମସ୍ୟା ନା’ ଆଉ କ’ଣ ? କ’ଣ କୁହନ୍ତି ଡାକ୍ତର ?

ଏମ୍ସର ଗ୍ୟାଷ୍ଟ୍ରୋଲୋଜି ବିଭାଗର ପୂର୍ବତନ ଡାକ୍ତର ଅନନ୍ୟ ଗୁପ୍ତା କୁହନ୍ତି ଯେ ଯଦି ଆପଣଙ୍କ ଶରୀରର ରୋଗ ପ୍ରତିରୋଧକ କ୍ଷମତା ଅର୍ଥାତ ଇମ୍ୟୁନ୍ ସିଷ୍ଟମ ଦୁର୍ବଳ ଅଛି ତେବେ ଏହା ବାରମ୍ବାର ଘା’ ହେବାର ଏକ ବଡ଼ କାରଣ ହୋଇପାରେ । କିଛି ଅଟୋଇମ୍ୟୁନ୍ ରୋଗ ଯେପରିକି ଲୁପସ୍ କିମ୍ବା ବେହଚେଟ୍ ସିଣ୍ଡ୍ରୋମ୍ ଯାହା ଏକ ବିରଳ କିନ୍ତୁ ଗମ୍ଭୀର ଅଟୋଇମ୍ୟୁନ୍ ଏବଂ ଇନଫ୍ଲାମେଟୋରୀ ରୋଗ ଯାହା ଶରୀରର ରକ୍ତନଳୀଗୁଡ଼ିକରେ (ବ୍ଲଡ୍ ଭେସେଲ୍ସ) ପ୍ରଦାହ (ସଭଲକ୍ଷବଙ୍କଙ୍କବଗ୍ଯସକ୍ଟଭ) ସୃଷ୍ଟି କରେ । ଏହି ରୋଗ ଶରୀରର ଅନେକ ଅଂଶକୁ ଏକ ସମୟରେ ପ୍ରଭାବିତ କରିପାରେ - ଯେପରିକି ମୁହଁ, ଆଖି, ଚର୍ମ, ଯୌନାଙ୍ଗ, ଗଣ୍ଠି ଏବଂ ବେଳେବେଳେ ମସ୍ତିଷ୍କ ଓ ପାଚନ ତନ୍ତ୍ର । ଅଟୋଇମ୍ୟୁନ୍ ରୋଗ ମଧ ବାରମ୍ବାର ମୁହଁରେ କ୍ଷତ କିମ୍ବା ଘା’ର କାରଣ ହୋଇପାରେ । ଏହା ସହିତ ଲଗାତାର ଥକ୍କା ଲାଗିବା, ଦୁର୍ବଳତା କିମ୍ବା ବାରମ୍ବାର ଅସୁସ୍ଥ ହେବା ମଧ ଏହି ଅସୁବିଧାର ସଙ୍କେତ ହୋଇପାରେ । ଯେତେବେଳେ ପେଟରେ ଗ୍ୟାସ୍, କୋଷ୍ଠକାଠିନ୍ୟ କିମ୍ବା ଏସିଡିଟି ବାରମ୍ବାର ହୁଏ ସେତେବେଳେ ଏହାର ପ୍ରଭାବ ମୁହଁର ସ୍ୱାସ୍ଥ୍ୟ ଉପରେ ମଧ ପଡ଼େ । ଅଧିକ ଏସିଡ୍ ସୃଷ୍ଟି ହେବା ଦ୍ୱାରା ଶରୀରରେ ଗରମ ବଢ଼ିଥାଏ ଯେଉଁଥିପାଇଁ ମୁହଁରେ ଜ୍ୱାଳା ଏବଂ ଘା’ ହୋଇପାରେ । ଭୁଲ୍ ଖାଦ୍ୟପେୟ, ବିଳମ୍ବରେ ଖାଇବା ଏବଂ ମସଲାଯୁକ୍ତ ଖାଦ୍ୟ ଏହାର ମୁଖ୍ୟ କାରଣ ହୋଇପାରେ । ଦୀର୍ଘ ସମୟ ଧରି ଲାଗି ରହିଥିବା ପାଚନ ସମସ୍ୟା ମଧ ମୁହଁରେ ଘା’କୁ ବାରମ୍ବାର ବାହାରିବାର କାରଣ ହୋଇପାରେ



। ଭିଟାମିନ୍ ବି୧୨, ଆଇରନ୍ ଏବଂ ଫୋଲିକ୍ ଏସିଡର ଅଭାବ ମଧ ମୁହଁରେ ବାରମ୍ବାର ଘା’ ହେବାର ଏକ ବଡ଼ କାରଣ ହୋଇଥାଏ । ଯେତେବେଳେ ଶରୀରକୁ ଆବଶ୍ୟକ ପୋଷକ ତତ୍ତ୍ୱ ମିଳେ ନାହିଁ, ସେତେବେଳେ ଟିସୁଗୁଡ଼ିକର ମରାମତି କମ୍ ହୋଇଯାଏ । ଯେଉଁଥିପାଇଁ ଘା’ ଶୀଘ୍ର ଭଲ ହୁଏ ନାହିଁ ଏବଂ ବାରମ୍ବାର ସମସ୍ୟା ଉପୁଜିପାରେ । ଯଦି ଘା’ ଏକରୁ ଦୁଇ ସପ୍ତାହ ମଧ୍ୟରେ ଠିକ୍ ହେଉନାହିଁ କିମ୍ବା ବାରମ୍ବାର ଗୋଟିଏ ସ୍ଥାନରେ ହେଉଛି ବା ଖାଇବା ପିଇବାରେ ଅସୁବିଧା ହେଉଛି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ବେଳେବେଳେ ଏହା ମୁଖ କର୍କଟ କିମ୍ବା ଗମ୍ଭୀର ସଂକ୍ରମଣର ମଧ ସଙ୍କେତ ହୋଇପାରେ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪
୧୨ ସେପ୍ଟେମ୍ବର ୨୦୨୫, ଶୁକ୍ରବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଶୁଳ୍କର ସଙ୍କଟ, ରପ୍ତାନିର ଭବିଷ୍ୟତ

ଆମେରିକା ଦ୍ୱାରା ଭାରତୀୟ ସାମଗ୍ରୀ ଉପରେ ଅଗଷ୍ଟ ୨୦୨୫ରେ ଲାଗୁ କରାଯାଇଥିବା ୫୦ ପ୍ରତିଶତର ଅତ୍ୟଧିକ ଆମଦାନୀ ଶୁଳ୍କ କେବଳ ଏକ ବାଣିଜ୍ୟିକ ନିଷ୍ପତ୍ତି ନୁହେଁ, ବରଂ ଏହା ଭାରତୀୟ ଅର୍ଥନୀତିର ସ୍ଥିରତା ଏବଂ ବିଶ୍ୱ ବାଣିଜ୍ୟରେ ଏହାର ସ୍ଥିତି ପାଇଁ ଏକ କଠୋର ପରୀକ୍ଷାର ସମୟ । ଏହି ନିଷ୍ପତ୍ତି ଲାଗୁ ହେବାର ପ୍ରଥମ ୧୫ ଦିନ ମଧ୍ୟରେ ଏହାର ବହୁମୁଖୀ ପ୍ରଭାବ ସ୍ପଷ୍ଟ ଭାବେ ପରିଲକ୍ଷିତ ହୋଇଛି, ଯାହା ରପ୍ତାନି-ଭିତ୍ତିକ ଶିଳ୍ପଗୁଡ଼ିକରେ ହାହାକାର ସୃଷ୍ଟି କରିବା ସହିତ ଲକ୍ଷ ଲକ୍ଷ ଲୋକଙ୍କ ଜୀବିକାକୁ ସଙ୍କଟ ମଧ୍ୟକୁ ଠେଲି ଦେଇଛି । ଅଗଷ୍ଟ ୭ରେ ୨୫ ପ୍ରତିଶତ ଏବଂ ପରେ ଋଷିଆଠାରୁ ଭାରତର ତୈଳ ଆମଦାନୀକୁ କାରଣ ଦର୍ଶାଇ ଅଗଷ୍ଟ ୨୭ରେ ଆଉ ୨୫ ପ୍ରତିଶତ ଶୁଳ୍କ ଲାଗୁ କରାଯିବା ପରେ, ଏହି ପଦକ୍ଷେପ ଭାରତ-ଆମେରିକା ସମ୍ପର୍କରେ ଏକ ଗଭୀର ତିକ୍ତତା ଆଣିଛି । ଏହି ସମ୍ପାଦକୀୟରେ, ଆମେ ଏହି ଶୁଳ୍କ ବୃଦ୍ଧିର ତତ୍କାଳୀନ ପ୍ରଭାବ, ବିଭିନ୍ନ କ୍ଷେତ୍ର ଉପରେ ଏହାର ଆଘାତ ଏବଂ ଭାରତ ପାଇଁ ଉପୁଜିଥିବା ଆହ୍ୱାନଗୁଡ଼ିକର ଏକ ବିଶ୍ଳେଷଣାତ୍ମକ ଅବଲୋକନ କରିବା ।

ଏହି ବାଣିଜ୍ୟ ଯୁଦ୍ଧର ସବୁଠାରୁ କରୁଣ ଚିତ୍ର ଦେଖିବାକୁ ମିଳିଛି ଦେଶର ପ୍ରମୁଖ ବୟନଶିଳ୍ପ କେନ୍ଦ୍ରଗୁଡ଼ିକରେ । ତାମିଲନାଡୁର ତିରୁପ୍ପୁର, ଯାହା ଭାରତର 'ନିଟ୍‌ୱେର୍ ରାଜଧାନୀ' ଭାବରେ ପରିଚିତ, ସେଠାରେ ପରିସ୍ଥିତି ଅତ୍ୟନ୍ତ ଗମ୍ଭୀର। ଦେଶର ମୋଟ ନିଟ୍‌ୱେର୍ ରପ୍ତାନିର ପ୍ରାୟ ୬୦ ପ୍ରତିଶତ ଏହି ସହରରୁ ହୋଇଥାଏ, ଏବଂ ଆମେରିକା ଏହାର ଏକ ପ୍ରମୁଖ ବଜାର । ନୂଆ ଶୁଳ୍କ ଲାଗୁ ହେବା ପରେ ଆମେରିକୀୟ କ୍ରେତାଙ୍କଠାରୁ ନୂଆ ଅର୍ଡର ଆସିବା ପ୍ରାୟ ବନ୍ଦ ହୋଇଯାଇଛି, ଏବଂ ପୂର୍ବରୁ ହୋଇଥିବା ଚୁକ୍ତିଗୁଡ଼ିକୁ ପୁନର୍ବିଚାର ପାଇଁ କୁହାଯାଉଛି । ରପ୍ତାନିକାରୀମାନଙ୍କର ଲାଭାଂଶ ସାଧାରଣତଃ ୮-୧୫ ପ୍ରତିଶତ ମଧ୍ୟରେ ସୀମିତ ଥିବାରୁ, ସେମାନଙ୍କ ପକ୍ଷେ ଏହି ଅତିରିକ୍ତ ଶୁଳ୍କର ବୋଝ ବହନ କରିବା ଅସମ୍ଭବ ହୋଇପଡ଼ିଛି । ଏହାର ଫଳସ୍ୱରୂପ, ଗତ ୧୦ ଦିନ ମଧ୍ୟରେ ପ୍ରାୟ ୪,୦୦୦ କୋଟି ଟଙ୍କାର ସାମଗ୍ରୀ ପଠାଣି ବନ୍ଦ ହୋଇଯାଇଛି । ତିରୁପ୍ପୁରର ୨,୫୦୦ କାରଖାନାରେ କାର୍ଯ୍ୟ କରୁଥିବା ପ୍ରାୟ ୬-୯ ଲକ୍ଷ ଶ୍ରମିକଙ୍କ ଭବିଷ୍ୟତ ଏବେ ଅନ୍ଧକାରମୟ, କାରଣ ଅନେକ ୟୁନିଟ୍ ଉତ୍ପାଦନ ବନ୍ଦ କରିବାକୁ ବାଧ ହେଉଛନ୍ତି ।

ସମାନ ପରିସ୍ଥିତି ଆନ୍ଧ୍ରପ୍ରଦେଶର ଆକ୍ୱାକଲଚର ବା ଚିଙ୍ଗୁଡ଼ି ଚାଷ କ୍ଷେତ୍ରରେ ମଧ୍ୟ ଦେଖାଯାଇଛି, ଯାହା ଦିନେ 'ଭାରତର ଆକ୍ୱା ହବ୍' ଭାବରେ ପରିଚିତ ଥିଲା । ଗତ ଚାରି ଦଶନ୍ଧି ଧରି ଏହି ଶିଳ୍ପ ଲକ୍ଷ ଲକ୍ଷ ଲୋକଙ୍କୁ ଜୀବିକା ଯୋଗାଇ ଆସୁଥିଲା, କିନ୍ତୁ ଆମେରିକାର ଏହି ନିଷ୍ପତ୍ତି ସେମାନଙ୍କ ଭବିଷ୍ୟତ ଉପରେ ଏକ କଳା ବାଦଲ ଢାଙ୍କି ଦେଇଛି । ଆମେରିକା ଭାରତୀୟ ସାମୁଦ୍ରିକ ଉତ୍ପାଦର ଏକ ପ୍ରମୁଖ ବଜାର ହୋଇଥିବାରୁ, ଶୁଳ୍କ ବୃଦ୍ଧି ପରେ ଅନେକ ଆମେରିକୀୟ କ୍ରେତା ସେମାନଙ୍କ ଅର୍ଡର ବାତିଲ କରିଦେଇଛନ୍ତି । ଏହାର ସିଧାସଳଖ ପ୍ରଭାବ ଚାଷୀମାନଙ୍କ ଉପରେ ପଡ଼ିଛି; ଯେଉଁ ୨୦-କାଉଣ୍ଟ ଚିଙ୍ଗୁଡ଼ିର ମୂଲ୍ୟ ପୂର୍ବରୁ କିଲୋଗ୍ରାମ ପିଛା ୫୦୦ ଟଙ୍କା ଥିଲା, ତାହା ଏବେ ୪୨୦ ଟଙ୍କାକୁ ଖସି ଆସିଛି, ଯାହା ଚାଷୀଙ୍କୁ କ୍ଷତି ଆଡ଼କୁ ଠେଲି ଦେଉଛି । ଏହି ସଙ୍କଟ କେବଳ ଚାଷୀଙ୍କ ମଧ୍ୟରେ ସୀମିତ ନାହିଁ, ବରଂ ଏହା ସହିତ ଜଡ଼ିତ ପ୍ରୋସେସିଂ ପ୍ଲାଣ୍ଟ, ହ୍ୟାଚେରୀ, ପ୍ୟାକେଜିଂ ୟୁନିଟ୍ ଏବଂ ବରଫ କାରଖାନାରେ କାମ କରୁଥିବା ହଜାର ହଜାର ଶ୍ରମିକଙ୍କ ଜୀବନକୁ ମଧ୍ୟ ପ୍ରଭାବିତ କରିଛି । ଓଡ଼ିଶା, ପଶ୍ଚିମବଙ୍ଗ, ବିହାର ଏବଂ ଝାଡ଼ଖଣ୍ଡ ଭଳି ରାଜ୍ୟରୁ ଆସିଥିବା ଅନେକ ପ୍ରବାସୀ ଶ୍ରମିକ ନିଜର ଚାକିରି ହରାଇବା ଆଶଙ୍କାରେ ଦିନ କାଟୁଛନ୍ତି । ଅନେକ ପ୍ରୋସେସିଂ ୟୁନିଟ୍ ସେମାନଙ୍କ କାର୍ଯ୍ୟ ବନ୍ଦ କରିଦେଇଛନ୍ତି କିମ୍ବା ଶ୍ରମିକ ସଂଖ୍ୟା ହ୍ରାସ କରୁଛନ୍ତି, ଯାହା ଏକ ବଡ଼ ଧରଣର ମାନବୀୟ ସଙ୍କଟ ସୃଷ୍ଟି କରିଛି ।

ଏହି ସମସ୍ୟା କେବଳ ତିରୁପ୍ପୁର କିମ୍ବା ଆନ୍ଧ୍ରପ୍ରଦେଶରେ ସୀମିତ ନୁହେଁ । ଏହାର ପ୍ରଭାବ ଦେଶର ଅନ୍ୟାନ୍ୟ ରପ୍ତାନି-ଭିତ୍ତିକ ଶିଳ୍ପ ଉପରେ ମଧ୍ୟ ସମାନ ଭାବରେ ପଡ଼ିଛି । ଉତ୍ତରପ୍ରଦେଶର ଭଦୋହୀ, ଯାହା 'କାର୍ପେଟ୍ ସିଟି' ଭାବରେ ପରିଚିତ, ସେଠାରେ ବ୍ୟବସାୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ଆମେରିକା ଭାରତୀୟ କାର୍ପେଟର ସବୁଠାରୁ ବଡ଼ ବଜାର ହୋଇଥିବାରୁ, ୫୦ ପ୍ରତିଶତ ଶୁଳ୍କ ଲାଗୁ ହେବା ପରେ ଗତ ଏକ ମାସ ମଧ୍ୟରେ କୌଣସି ନୂଆ ଅର୍ଡର ଆସିନାହିଁ। ଏହି ଶିଳ୍ପ, ଯାହା ଦେଶରେ ପ୍ରାୟ ୨.୫ ନିୟୁତ ଲୋକଙ୍କୁ, ବିଶେଷକରି ବୁଣାକାରମାନଙ୍କୁ, ରୋଜଗାର ଯୋଗାଏ, ତାହା ଏବେ ଏକ ଗଭୀର ସଙ୍କଟ ଦେଇ ଗତି କରୁଛି । ସେହିଭଳି, ଚମଡ଼ା, ହସ୍ତଶିଳ୍ପ, ଏବଂ ଅଳଙ୍କାର ଭଳି ଅନ୍ୟାନ୍ୟ ଶ୍ରମ-ଆଧାରିତ କ୍ଷେତ୍ରଗୁଡ଼ିକ ମଧ୍ୟ ସମାନ ପରିସ୍ଥିତିର ସାମ୍ନା କରୁଛନ୍ତି । ଏକ ଆକଳନ ଅନୁଯାୟୀ, ଆମେରିକାକୁ ହେଉଥିବା ଭାରତର ପ୍ରାୟ ୪୮.୨ ବିଲିୟନ ଡଲାରର ରପ୍ତାନି ଏହି ଶୁଳ୍କ ଦ୍ୱାରା ପ୍ରଭାବିତ ହେବାର ଆଶଙ୍କା ରହିଛି।

ଏହି ଆର୍ଥିକ ଆହ୍ୱାନ ସତ୍ତ୍ୱେ, ଭାରତୀୟ ଅର୍ଥନୀତିର କିଛି ଦିଗରେ ସ୍ଥିରତା ମଧ୍ୟ ପରିଲକ୍ଷିତ ହୋଇଛି । ଶୁଳ୍କ ଘୋଷଣା ପରେ ଭାରତୀୟ ସେୟାର ବଜାରରେ ଏକ ସାମାନ୍ୟ ହ୍ରାସ ଦେଖାଯାଇଥିଲେ ମଧ୍ୟ, ଏହା ଶୀଘ୍ର ନିଜକୁ ସମ୍ଭାଳି ନେଇଥିଲା। ଏହା ଦର୍ଶାଏ ଯେ ନିବେଶକମାନେ ଏହି ଶୁଳ୍କକୁ ଏକ ଅସ୍ଥାୟୀ ସମସ୍ୟା ଭାବରେ ଦେଖୁଛନ୍ତି ଏବଂ ଭାରତର ବିଶାଳ ଘରୋଇ ବଜାର ଉପରେ ସେମାନଙ୍କର ବିଶ୍ୱାସ ରହିଛି । ଭାରତ ସରକାର ମଧ୍ୟ ଏହି ପରିସ୍ଥିତିର ମୁକାବିଲା ପାଇଁ କିଛି ପଦକ୍ଷେପ ନେଇଛନ୍ତି । ସେପ୍ଟେମ୍ବର ୩, ୨୦୨୫ ରେ, ସରକାର ଶତାଧିକ ସାମଗ୍ରୀ ଉପରେ ଜିଏସଟି ହ୍ରାସ କରିଛନ୍ତି, ଯାହାର ଉଦ୍ଦେଶ୍ୟ ହେଉଛି ଘରୋଇ ବଜାରରେ ଚାହିଦା ବୃଦ୍ଧି କରି ରପ୍ତାନି କ୍ଷେତ୍ରର କ୍ଷତିକୁ କିଛି ମାତ୍ରାରେ ଭରଣା କରିବା ।

କୂଟନୈତିକ ସ୍ତରରେ, ଭାରତ ଏହି ଶୁଳ୍କକୁ 'ଅନ୍ୟାୟ, ଅଯୌକ୍ତିକ ଏବଂ ଅଯୁକ୍ତିଯୁକ୍ତ' ବୋଲି କହିଛି ଏବଂ ନିଜର ଶକ୍ତି ନୀତିକୁ ଏକ ସାର୍ବଭୌମ ନିଷ୍ପତ୍ତି ଭାବରେ ଦର୍ଶାଇଛି । ଏହି ଘଟଣା ଭାରତ-ଆମେରିକା ରଣନୈତିକ ସମ୍ପର୍କ ଉପରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି ଏବଂ କ୍ୱାଡ୍ (Quad) ଭଳି ମଞ୍ଚରେ ଦୁଇ ଦେଶର ସହଯୋଗକୁ ପ୍ରଭାବିତ କରିବାର ଆଶଙ୍କା ରହିଛି । ଯଦିଓ ଭାରତ ଆମେରିକାରୁ ପ୍ରତିରକ୍ଷା ଉପକରଣ କ୍ରୟ ସ୍ଥଗିତ ରଖିଥିବା ଖବରକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ଖଣ୍ଡନ କରିଛି, ତଥାପି ଦୁଇ ଦେଶ ମଧ୍ୟରେ ଥିବା ବିଶ୍ୱାସରେ ଏକ ଫାଟ ସୃଷ୍ଟି ହୋଇଛି ।

ଏହା ସ୍ପଷ୍ଟ ଯେ ଆମେରିକାର ଉଚ୍ଚ ଶୁଳ୍କ ନୀତି ଭାରତ ପାଇଁ ଏକ ବହୁମୁଖୀ ସଙ୍କଟ ସୃଷ୍ଟି କରିଛି । ଏହାର ପ୍ରଥମ ୧୫ ଦିନର ପ୍ରଭାବ ରପ୍ତାନି-ନିର୍ଭରଶୀଳ କ୍ଷେତ୍ରଗୁଡ଼ିକ, ବିଶେଷ କରି କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏବଂ ସେଥିରେ କାର୍ଯ୍ୟରତ କୋଟି କୋଟି ଶ୍ରମିକଙ୍କ ପାଇଁ ଏକ ବଡ଼ ଆଘାତ ଭାବରେ ଉଭା ହୋଇଛି । ଏହି ସଙ୍କଟ ଭାରତ ପାଇଁ ଏକ ଶିକ୍ଷା ମଧ୍ୟ । ଏହା ଦର୍ଶାଉଛି ଯେ କୌଣସି ଗୋଟିଏ ବଜାର ଉପରେ ଅତ୍ୟଧିକ ନିର୍ଭରଶୀଳତା କେତେ ବିପଜ୍ଜନକ ହୋଇପାରେ । ଭାରତକୁ ଏବେ କୂଟନୈତିକ ଆଲୋଚନା ଜାରି ରଖିବା ସହିତ, ନିଜର ରପ୍ତାନି ବଜାରରେ ବିବିଧତା ଆଣିବା, ଘରୋଇ ଚାହିଦା ବୃଦ୍ଧି କରିବା ଏବଂ ପ୍ରଭାବିତ ଶିଳ୍ପଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଇବା ଦିଗରେ ଠୋସ୍ ପଦକ୍ଷେପ ନେବାକୁ ହେବ । ଆଗାମୀ ଦିନଗୁଡ଼ିକ ଭାରତର ଅର୍ଥନୈତିକ ନୀତି ନିର୍ଦ୍ଧାରକ ଏବଂ କୂଟନୀତିଜ୍ଞମାନଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ, କାରଣ ଏହି ସଙ୍କଟରୁ ମୁକୁଳିବାର ରାସ୍ତା ହିଁ ଭବିଷ୍ୟତର ବିଶ୍ୱ ବାଣିଜ୍ୟରେ ଭାରତର ସ୍ଥାନ ନିରୂପଣ କରିବ ।

# ମୋହନ ଭାଗବତ ଜୀଙ୍କୁ ଅଭିନନ୍ଦନ



## ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ



(ପୂର୍ବ ପ୍ରକାଶିତ ଉତ୍ତାରୁ...)

ସାମଗ୍ରିକ ଭାବରେ କହିବାକୁ ଗଲେ, ଭାଗବତ ଜୀଙ୍କ କାର୍ଯ୍ୟକାଳକୁ ଆରଏସଏସର ୧୦୦ ବର୍ଷର ଯାତ୍ରାରେ ସବୁଠାରୁ ପରିବର୍ତ୍ତନକାରୀ ଅବଧି ଭାବରେ ବିବେଚନା କରାଯିବ । ୟୁନିଫର୍ମ ପରିବର୍ତ୍ତନ ଠାରୁ ଆରମ୍ଭ କରି ଶିକ୍ଷା ବର୍ଗ (ପ୍ରଶିକ୍ଷଣ ଶିବିର)ରେ ସଂସ୍କାର ପର୍ଯ୍ୟନ୍ତ, ତାଙ୍କ ନେତୃତ୍ୱରେ ଅନେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟିଛି ।

ମୁଁ ବିଶେଷ ଭାବରେ କୋଭିଡ୍ ସମୟରେ ମୋହନ ଜୀଙ୍କ ପ୍ରୟାସକୁ ସ୍ମରଣ ରଖିଛି, ଯେତେବେଳେ ମାନବଜାତି ଜୀବଦ୍ଦଶାରେ ଥରେ ଦେଖାଦେଇଥିବା ଭୟଙ୍କର ମହାମାରୀ ସହିତ ଲଢୁଥିଲା। ସେହି ସମୟରେ, ପାରମ୍ପରିକ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ କାର୍ଯ୍ୟକଳାପ ଜାରି ରଖିବା ସବୁଠୁ ବଡ଼ ଆହ୍ୱାନ ସାଜିଥିଲା । ମୋହନ ଜୀଙ୍କ ପରାମର୍ଶ ଥିଲା ଯେ, ପ୍ରଯୁକ୍ତିର ବ୍ୟବହାର ବୃଦ୍ଧି କରାଯାଉ। ବିଶ୍ୱସ୍ତରୀୟ ଆହ୍ୱାନ ପରିପ୍ରେକ୍ଷୀରେ, ସେ ସଂସ୍ଥାଗତ ଢାଞ୍ଚାର ବିକାଶ କରିବା ସହିତ ବିଶ୍ୱସ୍ତରୀୟ ଦୃଷ୍ଟିକୋଣ ସହିତ ଜଡିତ ରହିଥିଲେ ।

ସେହି ସମୟରେ, ସମସ୍ତ ସ୍ୱୟଂସେବକ ନିଜର ଏବଂ ଅନ୍ୟମାନଙ୍କର ସୁରକ୍ଷା ସୁନିଶ୍ଚିତ କରିବା ସହିତ ଦୁର୍ଦ୍ଦଶା ମଧ୍ୟରେ ଥିବା ଲୋକଙ୍କ ନିକଟରେ ପହଞ୍ଚିବା ପାଇଁ ଯଥାସମ୍ଭବ ପ୍ରୟାସ କରିଥିଲେ। ଅନେକ ସ୍ଥାନରେ ଚିକିତ୍ସା ଶିବିରର ଆୟୋଜନ କରାଯାଇଥିଲା । ଆମେ ଆମର ଅନେକ ଶ୍ରମନିଷ୍ଠ ସ୍ୱୟଂସେବକଙ୍କୁ ମଧ୍ୟ ହରାଇଥିଲୁ, କିନ୍ତୁ ମୋହନ ଜୀଙ୍କ ପ୍ରେରଣା ଏପରି ଥିଲା ଯେ ସେମାନଙ୍କର ଦୃଢ଼ ନିଷ୍ପତ୍ତି କେବେ ବି ବିଚଳିତ ହୋଇନଥିଲା।

ଚଳିତ ବର୍ଷ ଆରମ୍ଭରେ, ନାଗପୁରରେ ମାଧବ ନେତ୍ର ଚିକିତ୍ସାଳୟର ଉଦଘାଟନ ସମୟରେ, ମୁଁ ମତ ଦେଇଥିଲି ଯେ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଏକ ଅକ୍ଷୟବଟ ସଦୃଶ। ଏହା ଏକ ଅନନ୍ତ ବଟବୃକ୍ଷ ଯାହା ଆମ ଦେଶର ଜାତୀୟ ସଂସ୍କୃତି ଏବଂ ସାମୂହିକ ଚେତନାକୁ ଶକ୍ତି ପ୍ରଦାନ କରେ । ଏହି ଅକ୍ଷୟବଟର ମୂଳ ଗଭୀର ଏବଂ ଦୃଢ଼; କାରଣ ସେଗୁଡ଼ିକ ମୂଲ୍ୟବୋଧରେ ପରିପୂର୍ଣ୍ଣ । ମୋହନ ଭାଗବତ ଜୀ ଏହି ମୂଲ୍ୟବୋଧଗୁଡ଼ିକୁ ପୋଷଣ ଯୋଗାଇଛନ୍ତି ଏବଂ ଆଗକୁ ବଢ଼ାଇବା ପାଇଁ ଯେଉଁ ସମର୍ପଣ ସହିତ ନିଜକୁ ପ୍ରତିବଦ୍ଧ କରିଛନ୍ତି ତାହା ବାସ୍ତବରେ ପ୍ରେରଣାଦାୟକ । ମୋହନ ଜୀଙ୍କ ବ୍ୟକ୍ତିତ୍ୱର ଅତ୍ୟନ୍ତ ପ୍ରଶଂସନୀୟ ଗୁଣ ହେଉଛି ତାଙ୍କର ମୃଦୁଭାଷୀ ସ୍ୱଭାବ। ସେ କେବଳ କହିବାରେ ନୁହେଁ, ଶୁଣିବାରେ ମଧ୍ୟ ଅସାଧାରଣ। ଏହି ଗୁଣ ଏକ ଗଭୀର ଦୃଷ୍ଟିକୋଣ ସୁନିଶ୍ଚିତ କରେ ଏବଂ ତାଙ୍କ ବ୍ୟକ୍ତିତ୍ୱ ଏବଂ ନେତୃତ୍ୱ ପାଇଁ ସମ୍ବେଦନଶୀଳତା ଏବଂ ମର୍ଯ୍ୟାଦାର ଭାବନା ମଧ୍ୟ ଜାଗ୍ରତ କରେ । ଏଠାରେ, ମୁଁ ବିଭିନ୍ନ ଜନ ଆନ୍ଦୋଳନ ପ୍ରତି ତାଙ୍କର ସର୍ବଦା ଦେଖାଯାଇଥିବା ଆଗ୍ରହ ବିଷୟରେ ମଧ୍ୟ ଉଲ୍ଲେଖ କରିବାକୁ ଚାହୁଁଛି। 'ସ୍ୱଚ୍ଛ ଭାରତ ମିଶନ' ଠାରୁ 'ବେଟି ବଚାଓ ବେଟି ପଢ଼ାଓ' ପର୍ଯ୍ୟନ୍ତ, ମୋହନ ଜୀ ସର୍ବଦା ସମଗ୍ର ଆରଏସଏସ ପରିବାରକୁ ଏହି ଆନ୍ଦୋଳନଗୁଡ଼ିକ ମାଧ୍ୟମରେ ଶକ୍ତି ସଂଯୋଗ କରିବାକୁ ଅନୁରୋଧ କରିଥାଆନ୍ତି । ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମକୁ ଆହୁରି ଆଗକୁ ଆଗେଇ ନେବା ନିମନ୍ତେ, ମୋହନ ଜୀ 'ପଞ୍ଚ ପରିବର୍ତ୍ତନ' ପରାମର୍ଶ ଦେଇଛନ୍ତି, ଯେଉଁଥିରେ ସାମାଜିକ ସମନ୍ୱୟ, ପାରିବାରିକ ମୂଲ୍ୟବୋଧ, ପରିବେଶଗତ ସଚେତନତା, ଜାତୀୟ ସ୍ୱାଭିମାନ ଏବଂ ନାଗରିକ କର୍ତ୍ତବ୍ୟ ଅନ୍ତର୍ଭୁକ୍ତ । ଏହା ଜୀବନର ସମସ୍ତ କ୍ଷେତ୍ରର ଭାରତୀୟମାନଙ୍କୁ ପ୍ରେରଣା ଯୋଗାଇ ପାରିବ । ପ୍ରତ୍ୟେକ ସ୍ୱୟଂସେବକ ଏକ ଶକ୍ତିଶାଳୀ ଏବଂ ସମୃଦ୍ଧ ରାଷ୍ଟ୍ର ଗଢ଼ିବାର ସ୍ୱପ୍ନ ଦେଖନ୍ତି । ଏହି ସ୍ୱପ୍ନକୁ ସାକାର କରିବା ନିମନ୍ତେ, ସ୍ପଷ୍ଟ ଦୃଷ୍ଟିକୋଣ ଏବଂ ନିର୍ଣ୍ଣାୟକ କାର୍ଯ୍ୟ ଉଭୟ ଆବଶ୍ୟକ। ମୋହନ ଜୀ ଏହି ଦୁଇଟି ଗୁଣକୁ ବିପୁଳ ମାତ୍ରାରେ ପ୍ରତିପାଦନ କରନ୍ତି।

ଭାଗବତ ଜୀ ସଦାସର୍ବଦା 'ଏକ ଭାରତ ଶ୍ରେଷ୍ଠ ଭାରତ'ର ଜଣେ ଦୃଢ଼ ଅନୁଗାମୀ, ଭାରତର ବିବିଧତା ଏବଂ ଆମ ଭୂମିର ଏକ ଅଂଶ ଥିବା ଅସଂଖ୍ୟ ଭିନ୍ନ ସଂସ୍କୃତି ଏବଂ ପରମ୍ପରାର ପାଳନରେ ଦୃଢ଼ ବିଶ୍ୱାସୀ । ତାଙ୍କର ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ବ୍ୟତୀତ, ମୋହନ ଜୀ ସର୍ବଦା ସଙ୍ଗୀତ ଏବଂ ଗୀତ ଗାଇବା ଭଳି ଆଗ୍ରହକୁ ଅନୁସରଣ କରିବା ପାଇଁ ସମୟ ପାଇଛନ୍ତି। ବହୁତ କମ୍ ଲୋକ ଜାଣନ୍ତି ଯେ, ସେ ବିଭିନ୍ନ ଭାରତୀୟ ବାଦ୍ୟଯନ୍ତ୍ରରେ ମଧ୍ୟ ପାରଙ୍ଗମ। ପାଠପଢ଼ା ପ୍ରତି ଆଗ୍ରହ, ତାଙ୍କର ଅନେକ ଭାଷଣ ଏବଂ ଆଲୋଚନାରେ ଦେଖା ଯାଇପାରେ ।

ଚଳିତ ବର୍ଷ, ଆଉ ମାତ୍ର ଅଳ୍ପ ଦିନ ପରେ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତା'ର ୧୦୦ ବର୍ଷ ପୂରଣ କରିବାକୁ ଯାଉଛି । ଏହା ମଧ୍ୟ ଏକ ସୁଖଦ ସଂଯୋଗ ଯେ ଚଳିତ ବର୍ଷ, ବିଜୟା ଦଶମୀ, ଗାନ୍ଧୀ ଜୟନ୍ତୀ, ଲାଲ ବାହାଦୁର ଶାସ୍ତ୍ରୀ ଜୟନ୍ତୀ ଏବଂ ଆରଏସଏସ ଶତବାର୍ଷିକୀ ପାଳନ ଗୋଟିଏ ଦିନରେ ହେଉଛି । ଏହା ଭାରତ ଏବଂ ବିଶ୍ୱରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହିତ ଜଡିତ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଏକ ଐତିହାସିକ ମାଇଲଖୁଣ୍ଟ ହେବ। ମୋହନ ଜୀଙ୍କ ରୂପରେ ଆମର ଜଣେ ଅତ୍ୟନ୍ତ ଜ୍ଞାନୀ ଏବଂ ପରିଶ୍ରମୀ ସରସଂଘଚାଳକ ଅଛନ୍ତି, ଯିଏ ବର୍ତ୍ତମାନ ସମୟରେ ସଂଗଠନକୁ ପରିଚାଳନା କରୁଛନ୍ତି । ମୁଁ ଏହା କହି ଶେଷ କରିବି ଯେ, ମୋହନ ଜୀ ହେଉଛନ୍ତି 'ବସୁଧୈବ କୁଟୁମ୍ବକମ୍'ର ଏକ ଜୀବନ୍ତ ଉଦାହରଣ, ଯାହା ଦର୍ଶାଏ ଯେ ଯେତେବେଳେ ଆମେ ସ୍ୱାର୍ଥର ସୀମାରୁ ଉପରକୁ ଉଠି ସମସ୍ତଙ୍କୁ ନିଜର ବୋଲି ବିବେଚନା କରୁ, ଏହା ସମାଜରେ ବିଶ୍ୱାସ, ଭ୍ରାତୃତ୍ୱ ଏବଂ ସମାନତାକୁ ଦୃଢ଼ କରେ । ମୁଁ ପୁଣି ଥରେ ମା' ଭାରତୀଙ୍କ ସେବାରେ ମୋହନ ଜୀଙ୍କ ଦୀର୍ଘ ଏବଂ ସୁସ୍ଥ ଜୀବନ କାମନା କରୁଛି । (ସମାପ୍ତ)

# ଓଡ଼ିଶାରେ ରଙ୍ଗମଞ୍ଚ ଓ କଳାବିକାଶ କେନ୍ଦ୍ର

## ଅଭୟ କୁମାର ଦାସ

ଉତ୍କଳୀୟ ମଞ୍ଚର ପ୍ରାଚୀନତାର ନିଦର୍ଶନ ଆମେ ପାଇଥାଉ ଉଦୟଗିରିର ରାଣୀଗୁମ୍ଫାରେ ଥିବା ସମ୍ରାଟ ଖାରବେଳଙ୍କର ଏକ ଶିଳାଲିପି ଓ ଖୋଦିତ ଚିତ୍ରରୁ। ଖ୍ରୀଷ୍ଟିୟ ନବମ ଶତାବ୍ଦୀରୁ ଉତ୍କଳୀୟ ସଂସ୍କୃତ ରଙ୍ଗମଞ୍ଚ ବିକାଶର ନିଦର୍ଶନ ଆମେ ପାଇଥାଉ। ମୁରାରୀ ମିଶ୍ର ଅନର୍ଘ ରାଘବ ନାଟକ ଲେଖି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ସମୟରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ତାହା ମଞ୍ଚସ୍ଥ କରିଥିଲେ। ଜାତିର କଳାସଂସ୍କୃତିର ପରିଚୟ ମିଳିଥାଏ ତାର ରଙ୍ଗମଞ୍ଚରୁ ସେଇଥିପାଇଁ କୁହାଯାଏ 'ଏ ନେସନ ଇଜି ନୋନ୍ ବାୟ ଇଟସ୍ ଥିଏଟର'। ନାଟ୍ୟ ଶାସ୍ତ୍ର ପ୍ରଣେତା ଭରତ ତିନି ପ୍ରକାର ମଞ୍ଚର ନିର୍ଦ୍ଦେଶ କରିଯାଇଛନ୍ତି। ସେଗୁଡ଼ିକ ହେଉଛି ବିକୃଷ୍ଟ, ଚର୍ତୁସ୍ର ଓ ତ୍ରସ୍ୟ। ଭାରତର ସର୍ବପ୍ରଥମ ରଙ୍ଗମଞ୍ଚ କଲିକତାରେ ୧୭୫୬ରେ ଗଢ଼ି ଉଠିଥିଲା। ଓଡ଼ିଶାରେ ରଙ୍ଗମଞ୍ଚର ଇତିହାସକୁ ତିନି ଭାଗରେ ବିଭକ୍ତ କରାଯାଇପାରେ। ତାହା ହେଉଛି ସ୍ଥାୟୀ, ଅସ୍ଥାୟୀ ଓ ସୌଖିନୀର ରଙ୍ଗମଞ୍ଚ। ଓଡ଼ିଶାରେ ରଙ୍ଗମଞ୍ଚର ଇତିହାସ ଖୋଜିଲେ ୧୮୭୨ ମସିହାରେ କଟକ ମିଶନ ସ୍କୁଲରେ ଇଂରାଜୀ ନାଟକ ଅଭିନୀତ ହୋଇଥିବା ନେଇ ଉତ୍କଳ ଦୀପିକାରେ ବର୍ଣ୍ଣନା ହୋଇଛି। ତେବେ ୧୮୭୫-୭୬ ବେଳକୁ ଏଠାରେ ଏକ ଅସ୍ଥାୟୀ ମଞ୍ଚ ଗଠନ ହେବା ପରେ କଟକ ମ୍ୟୁନିସିପାଲଟି ହତାରେ ସର୍ବପ୍ରଥମେ ୧୮୭୬-୭୭ ସମୟରେ ବମ୍ବେର ପାର୍ସି ରିପନ ଓ ସାଙ୍ଗଲୀ ଥିଏଟର୍ସ ନାଟକ ପ୍ରଦର୍ଶନ କରିଥିଲେ। ତେବେ ୧୮୮୩ ବେଳକୁ ଧରାବାର ହିନ୍ଦୀ ଥିଏଟର୍ସ କମ୍ପାନୀ କଟକରେ ଏକ ରଙ୍ଗଶାଳା ନିର୍ମାଣ କରି ନାଟକ ଅଭିନୟ କରାଇଥିଲେ। ୧୮୮୧ରେ କାଞ୍ଚି କାବେରୀ ଓ ୧୮୮୨ରେ ମହାଦାସ ବଜାରର ହାରାଧାନ ଘୋଷଙ୍କ ବାସଗୃହରେ ମଞ୍ଚସ୍ଥ ହୋଇଥିଲା ନାଟକ 'ବନମାଳା'। ସେହିପରି ୧୮୮୩ରେ କାଳୀପଦ ବନ୍ଦୋପାଧ୍ୟାୟଙ୍କ ଗୃହରେ 'କଳିକାଳ', ୧୮୮୪ରେ ପୁରୀ ହିନ୍ଦୁ ଥିଏଟରରେ ମଞ୍ଚସ୍ଥ ହୋଇଥିଲା ନାଟକ 'ରାମାଭିଷେକ', ୧୮୮୫ରେ ଶ୍ରୀପଞ୍ଚମୀ ତିଥିରେ କଟକ ଜିଲ୍ଲାର କୋଠପଦା ଗ୍ରାମରେ ଏକ ସ୍ଥାୟୀ ମଞ୍ଚ ପ୍ରତିଷ୍ଠା ହୋଇ 'କାଞ୍ଚି କାବେରୀ' ପ୍ରଦର୍ଶିତ ହୋଇଥିଲା। ବାରବାଟୀ କିଲ୍ଲା ଠାରେ ୧୮୭୭ରେ ନାଟକ 'ଇଂରାଜୀ', ୧୮୮୯ରେ କଟକର ରଘୁନାଥପୁର ଠାରେ ନାରାୟଣ ମିଶ୍ରଙ୍କ 'ସୀତା ବନବାସ' ପ୍ରଦର୍ଶିତ ହୋଇଥିଲା। ୧୮୮୯ରେ କଟକରେ ନାଟକ 'ପ୍ରହ୍ଲାଦ', ୧୮୮୭ରେ ମଧୁସୂଦନ ଦାସଙ୍କ ଘରେ ବଙ୍ଗଳା ନାଟକ 'ହରିଶ୍ଚନ୍ଦ୍ର' ଅଭିନୀତ ହୋଇଥିଲା। ୧୮୭୫ରେ କଳା ଓ ସାଧନାର କ୍ଷେତ୍ର ମାହାଙ୍ଗା ଠାରେ ଜଗମୋହନ ଲାଲା ରାଧାକାନ୍ତ ରଙ୍ଗମଞ୍ଚ ପ୍ରତିଷ୍ଠା କରି ଓଡ଼ିଆ ଓ ବଙ୍ଗାଳୀ ନାଟକ ଅଭିନୀତ କରାଉଥିଲେ। ତେବେ ୧୮୮୭ ବେଳକୁ ମଧୁସୂଦନ ଦାସଙ୍କ ଘରେ ସ୍ଥାୟୀ ମଞ୍ଚ ଓ କଟକର ପ୍ରଖ୍ୟାତ ଜମିଦାର ଲକ୍ଷ୍ମୀନାରାୟଣ ଚୌଧୁରୀଙ୍କ ନିଜ ଘରେ ନାଟକ ପାଇଁ ରଙ୍ଗମଞ୍ଚ ତିଆରି କରିଥିଲେ। କଟକର ବିନୋଦବିହାରୀରେ ୧୮୯୮ରେ 'ବୀଣାପାଣୀ ଥିଏଟର' ପ୍ରତିଷ୍ଠା ହୋଇଥିଲା। ଦକ୍ଷିଣ ଓଡ଼ିଶାର ପ୍ରଥମ ସ୍ଥାୟୀ ମଞ୍ଚ ୧୮୯୭ରେ ପ୍ରତିଷ୍ଠା ହୋଇଥିଲା ଏହାର ନାମ ଥିଲା 'ପଦ୍ମନାଭ ରଙ୍ଗାଳୟ' ସେହିପରି ପରବର୍ତ୍ତୀ ସମୟରେ ୧୯୧୦ ବେଳକୁ ଜମିଦାର କୁଞ୍ଜବିହାରୀ ଘୋଷଙ୍କ ଉଦ୍ୟମରେ ବାସନ୍ତୀ ରଙ୍ଗମଞ୍ଚ, କଟକର ବାଙ୍କା ବଜାରର ରଜନୀକାନ୍ତ ବିଶ୍ୱାଳଙ୍କ ଉଦ୍ୟମରେ ୧୯୧୩ରେ 'ଉଷା ପେଣ୍ଡାଲ' ଓ ପୁରୀ ଜିଲ୍ଲାର ବନମାଳି ପତିଙ୍କ ଉଦ୍ୟମରେ ୧୯୧୧ ମସିହାରେ ବଲଙ୍ଗା ଠାରେ ପ୍ରତିଷ୍ଠିତ ହୁଏ ଓଡ଼ିଶାର ପ୍ରଥମ ବ୍ୟବସାୟିକ ରଙ୍ଗମଞ୍ଚ 'ରାଧାକୃଷ୍ଣ ଥିଏଟର'। ସେହିପରି ୧୯୩୫ରେ ବ୍ରହ୍ମପୁରର ସାରଥି ସାହୁଙ୍କ ପ୍ରଚେଷ୍ଟାରେ 'ସାରଥି ଥିଏଟର' ୧୯୩୫ ମସିହାରେ ଗଢ଼ି ଉଠିଥିବାବେଳେ ସୋମନାଥ ଦାସଙ୍କ ପ୍ରଚେଷ୍ଟାରେ ୧୯୩୩ରେ 'ଅନ୍ନପୂର୍ଣ୍ଣା ନାଟ୍ୟମଣ୍ଡଳୀ' ଓ ୧୯୪୫ରେ କଟକରେ 'ଅନ୍ନପୂର୍ଣ୍ଣ ବି ଗ୍ରୁପ' ମଞ୍ଚ ତିଆରି ହୁଏ। ଏହି ଅନ୍ନପୂର୍ଣ୍ଣା ଥିଏଟରଟି ୧୯୩୯ରେ ବଙ୍ଗଳା ନାଟ୍ୟକାର ଜଳନ୍ଧର ଚଟ୍ଟୋପାଧ୍ୟାୟଙ୍କ ନାଟକ 'ପିତବ୍ଲୁଡ଼ି'ର ଓଡ଼ିଆ ଅନୁବାଦ ମଞ୍ଚସ୍ଥ କରିଥିଲେ।

୧୯୨୯ରେ କାଳୀଚରଣ ପଟ୍ଟନାୟକଙ୍କ 'ସାକ୍ଷୀଗୋପାଳ ନାଟ୍ୟ ସଂଘ', ୧୯୪୨ରେ କଟକ ମାଣିକଘୋଷ ବଜାରରେ 'ଭାରତୀୟ ଥିଏଟର', ୧୯୪୪ରେ 'ନ୍ୟୁ ଓଡ଼ିଶା ଥିଏଟର', ୧୯୪୧ରେ କଟକର ଧର୍ମଶାଳା ଠାରେ ଯୋଗୀନାଥ ପଣ୍ଡାଙ୍କ 'ଦୁର୍ଗାମଣି ଥିଏଟର', ୧୯୪୬ରେ ଜଗନ୍ନାଥ ମହାନ୍ତିଙ୍କ ପ୍ରଚେଷ୍ଟାରେ 'ଜଗନ୍ନାଥ ଥିଏଟର', ୧୯୪୬ରେ ବରଗଡ଼ର ଅପର୍ତ୍ତି ପାଣିଗ୍ରାହୀଙ୍କ ପ୍ରଚେଷ୍ଟାରେ 'ନାଟ୍ୟ ମନ୍ଦିର', ୧୯୨୩ରେ ରଣପୁରରେ 'ରଣପୁର ରଙ୍ଗମଞ୍ଚ' ସେହିପରି କଟକର ବଡ଼ୈଇସାହିରେ 'ସୌଖିନୀ ରଙ୍ଗମଞ୍ଚ' ଭାବେ ୧୯୧୯ ମସିହାରେ 'ବୀଣାପାଣି କ୍ଲବ', ୧୯୨୨ରେ କାଠଗଡ଼ା ସାହିର 'ଉମାକାନ୍ତ ସମିତି', ୧୯୨୬ରେ 'ଅମଲା କ୍ଲବ', ୧୯୨୪ରେ 'ଜୁନୟର ଆମେଚର କ୍ଲବ', ୧୯୨୮ରେ 'ପିଡବ୍ଲ୍ୟୁଡି କ୍ଲବ' ପ୍ରମୁଖ। ତେବେ ୧୯୪୬-୪୭ ସମୟରେ କଟକରେ 'ରୂପଶ୍ରୀ ଥିଏଟର' ସୁରେନ୍ଦ୍ରନାଥ ଦାସଙ୍କ ପରିଚାଳନାରେ ଗଢ଼ି ଉଠିଥିଲା। ୧୯୫୩ ଅକ୍ଟୋବର ୧୬ ତାରିଖରେ ସେ ସମୟରେ ବେଶ ନାଁ କମେଇଥିବା ରଙ୍ଗମଞ୍ଚ ଭାବେ 'ଜନତା ରଙ୍ଗମଞ୍ଚ' ଗଢ଼ି ଉଠିଥିଲା। ସେହିପରି ୧୯୬୬ ଅପ୍ରେଲ ୧୮ ତାରିଖରେ 'କଳାଶ୍ରୀ ଥିଏଟର' ଗଢ଼ି ଉଠିଥିଲା। ଓଡ଼ିଶାର ସୌଖିନ ନାଟ୍ୟ ସଂସ୍ଥା ଗୁଡ଼ିକ ମଧ୍ୟ ନାଟକକୁ ବଞ୍ଚାଇ ରଖିବାକୁ ଉଦ୍ୟମ କରିଛନ୍ତି। ୧୯୬୪ରେ କଟକର 'ସୃଜନୀ', ୧୯୭୦ରେ ଭୁବନେଶ୍ୱରର 'ସଂକେତ', ୧୯୬୫ରେ ରାଉରକେଲାର 'ଲାଇଫ ଆଣ୍ଡ ରିଦିମ୍', ୧୯୬୮ର 'କଳିଙ୍ଗ କଳାପରିଷଦ' ଓ କଟକର 'ଫ୍ରେଣ୍ଡସ ୟୁନିୟନ ୟୁନାଇଟେଡ ଆର୍ଟିଷ୍ଟ' ପ୍ରମୁଖ। ଓଡ଼ିଆର ନାଟକ, ଲୋକନାଟକ ଆମ ଜନଜୀବନର ବାସ୍ତବ ଜୀବନ ଚିତ୍ର।

ହଜାର ବର୍ଷର ପ୍ରାଚୀନ ସହର କଟକରେ ନୃତ୍ୟ ସଙ୍ଗୀତର ପ୍ରମୁଖ ଅନୁଷ୍ଠାନଟି ହେଉଛି କଳାବିକାଶ କେନ୍ଦ୍ର। ଅନେକ ହୁଏତ ଜାଣିନଥିବେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଶାରେ ଭାରତୀୟ ନୃତ୍ୟ ସଙ୍ଗୀତକୁ କଳାପ୍ରେମୀଙ୍କ ନିକଟରେ ଆଦୃତ କରିବା ପାଇଁ ୧୯୫୨ ମସିହା ଅଗଷ୍ଟ ୧୦ ତାରିଖରେ ସର୍ବପ୍ରଥମେ ଓଡ଼ିଆ ବଜାରରେ ଗୋଟିଏ ଭଡ଼ା ଘରେ କଳାବିକାଶ କେନ୍ଦ୍ର ସ୍ଥାପିତ ହୋଇଥିଲା। ସେ ସମୟରେ ମାସିକ ଭଡ଼ା ଥିଲା ୨୫ଟଙ୍କା। ବିଧିବଦ୍ଧ ଭାବେ ଏହାର ପଞ୍ଜୀକରଣ ତଥା ସମ୍ବିଧାନ ତିଆରିର ପ୍ରସ୍ତୁତି କରିଥିଲେ ଗୋବିନ୍ଦ ଦାସ, ବାଙ୍କବିହାରୀ ଦାଶ, ଦେବୀ ପ୍ରସନ୍ନ ପଟ୍ଟନାୟକ ପ୍ରମୁଖ। ଦିନକୁ ଦିନ ସଙ୍ଗୀତ ଓ କଳାର ଆଦର କରୁଥିବା ପିଲାମାନଙ୍କ ସଂଖ୍ୟା ବଢ଼ି ଚାଲିବାରୁ ଏହା ରାଣୀହାଟର ଅନ୍ୟ ଏକ ଭଡ଼ା ଘରକୁ ସ୍ଥାନାନ୍ତରିତ ହେଲା ଏବଂ ଏହାର ମାସିକ ଭଡା ରହିଲା ୨୫୦ ଟଙ୍କା। ଦୁଇମହଲା ବିଶିଷ୍ଟ ଏହି କୋଠା ଘରେ କଳାବିକାଶ କେନ୍ଦ୍ରର ଶିକ୍ଷାଦାନ କାର୍ଯ୍ୟକ୍ରମ ପରିଚାଳିତ ହେଲା। କଳାବିକାଶ କେନ୍ଦ୍ରର ମୂଳ ସଂସ୍ଥାପକ ବାବୁଲାଲ ଯୋଶୀ ୧୯୫୭ ମସିହାରେ ମିଶନ ରୋଡ଼ର ୟୁନିୟନ କ୍ଲବ ସନ୍ନିକଟ ସେ ସମୟରେ ଜଙ୍ଗଲିଆ ଜମି ଭାବେ ପରିଚିତ ଚଉଦଗୁଣ୍ଠ ଯାଗାକୁ ମାତ୍ର ଚାରିଶହ ଟଙ୍କାର ବିନିମୟ ମୁଦ୍ରା ଦ୍ୱାରା ହସ୍ତଗତ ହୋଇଥିଲା। ତତ୍କାଳୀନ କଳାପ୍ରେମୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ ଏହି ସ୍ଥାନଟିକୁ ଲିଜ ସୂତ୍ରରେ ପ୍ରଦାନ କରିଥିଲେ। ସେ ସମୟରେ କଟକର ଜିଲ୍ଲାପାଳ ସର୍ଦ୍ଦାର ଅମର ସିଂହ। ୧୯୫୮ ଅଗଷ୍ଟ ୧୫ରେ ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ ତାଙ୍କ ନିଜସ୍ୱ ଲୋକାଲ ଡେଭଲପମେଣ୍ଟ ଫଣ୍ଡରୁ ଦଶ ହଜାର ଟଙ୍କା କଳାବିକାଶ କେନ୍ଦ୍ରର ଗୃହ ନିର୍ମାଣର ଶିଳାନ୍ୟାସ ପାଇଁ ପ୍ରଦାନ କରିଥିଲେ। ନ୍ୟାୟମୂର୍ତ୍ତି ହରିହର ମହାପାତ୍ରଙ୍କ ସହଯୋଗରେ ପ୍ରଖ୍ୟାତ ଡୁଗଲ କମ୍ପାନୀ ଚାରି ହଜାର ଟଙ୍କାର ଇଟା ସହଯୋଗ ସ୍ୱରୂପ ପ୍ରଦାନ କରିଥିଲେ। କଟକ କଳାବିକାଶ କେନ୍ଦ୍ରର ପ୍ରଥମ ସଭାପତି ଥିଲେ ଡକ୍ଟର ପ୍ରାଣକୃଷ୍ଣ ପରିଜା ଓ ପ୍ରଥମ ସମ୍ପାଦକ ଥିଲେ ବିଶ୍ୱନାଥ ରାଓ। ସେ ସମୟରେ ବର୍ତ୍ତମାନର ସୁବିଖ୍ୟାତ ନୃତ୍ୟଗୁରୁ ମାୟାଧର ରାଉତ ମାତ୍ର ପନ୍ଦର ଟଙ୍କା ଦରମା ବିନିମୟରେ ନୃତ୍ୟ ଶିକ୍ଷା ଦେଉଥିଲେ। କେଲୁଚରଣ ମହାପାତ୍ର ମଧ୍ୟ ମାସିକ କୋଡିଏ ଟଙ୍କା ଦରମାରେ ଶିକ୍ଷା ପ୍ରଦାନ କରୁଥିଲେ। ରାଖାଲ ଚନ୍ଦ୍ର ମହାନ୍ତି କେନ୍ଦ୍ରରେ ଅଧ୍ୟୟନ କରିବା ସଙ୍ଗେ ସଙ୍ଗେ ଶିକ୍ଷକ ହିସାବରେ ମଧ୍ୟ କର୍ତ୍ତବ୍ୟରତ ଥିଲେ। କେନ୍ଦ୍ରର ଅନ୍ୟତମ ଶିକ୍ଷକ ଭାବେ ବାଳକୃଷ୍ଣ ଦାଶ କାର୍ଯ୍ୟରତ ଥିଲେ। ସେ ସମୟରେ ଓଡ଼ିଶାର ଏକମାତ୍ର ଓ ପ୍ରମୁଖ ଅନୁଷ୍ଠାନ ଭାବେ କଳାବିକାଶ କେନ୍ଦ୍ର ଓଡ଼ିଶୀ ନୃତ୍ୟ ଓ ଗୀତର ବିଧିବଦ୍ଧ ଚାରିବର୍ଷିଆ ପାଠ୍ୟକ୍ରମ ତିଆରି କରିଥିଲା। ସର୍ବପ୍ରଥମେ ୧୯୫୩ରୁ ୧୯୫୪ ଶିକ୍ଷା ବର୍ଷରେ କବିଚନ୍ଦ୍ର ଡକ୍ଟର କାଳୀଚରଣ ପଟ୍ଟନାୟକ, ନୀଳମାଧବ ବୋଷ, ଦୟାନିଧି ଦାସ ଓ ଅନେକ ପ୍ରମୁଖ ଶିକ୍ଷା ଗୁରୁଙ୍କ ତତ୍ତ୍ୱାବଧାନରେ ଓଡ଼ିଶୀ ନୃତ୍ୟ ଗୀତରେ ଚାରି ବର୍ଷିଆ ପାଠ୍ୟକ୍ରମ ପ୍ରବର୍ତ୍ତନ କରାଯାଇଥିଲା।

କଳାବିକାଶ କେନ୍ଦ୍ରର ସେ ସମୟର ବିଶେଷକରି ପ୍ରଥମ ପାଠ୍ୟକ୍ରମ ବ୍ୟାଚର କଥା ସମ୍ପର୍କରେ ଉଲ୍ଲେଖ କରୁଛୁ। ଆଜିର ପ୍ରସିଦ୍ଧ ସଂଗୀତ ସାଧକ ଭାବେ ସ୍ୱୀକୃତ ପାଇଥିବା ରାଖାଲ ଚନ୍ଦ୍ର ମହାନ୍ତି, ଭିକାରୀ ଚରଣ ବଳ, ଅର୍ଜ୍ଜୁନ ଚରଣ ସାମଲ, ରଘୁନାଥ ନନ୍ଦ, ଅକ୍ଷୟ ମହାନ୍ତି, ଡକ୍ଟର ମନୋରଞ୍ଜନ ପୃଷ୍ଟି, ନବୀନ ଚନ୍ଦ୍ର ପଟ୍ଟନାୟକ ଓ ଇନ୍ଦିରା ରାୟ ପ୍ରମୁଖ ହେଉଛନ୍ତି ପ୍ରମୁଖ ପାଠ୍ୟକ୍ରମର ଛାତ୍ରଛାତ୍ରୀ। ସେହିପରି କେନ୍ଦ୍ରର ପ୍ରଚେଷ୍ଟାରେ ମାୟାଧର ରାଉତଙ୍କୁ ଓ ନବଘନ ମିଶ୍ରଙ୍କୁ ତତ୍କାଳୀନ ମାନ୍ଦ୍ରାଜର କଳାକେନ୍ଦ୍ର ଓ ଲକ୍ଷ୍ନୌର ମରିସ କଲେଜକୁ ନୃତ୍ୟ ଓ ବେହେଲାରେ ଉଚ୍ଚଶିକ୍ଷା ପାଇଁ ପଠାଯାଇଥିଲା। ଶ୍ରୀମତୀ କୁମକୁମ ମହାନ୍ତି କଳାବିକାଶ କେନ୍ଦ୍ରର ଛାତ୍ରୀ। କଳାବିକାଶ କେନ୍ଦ୍ରରେ ଓଡ଼ିଶୀ ନୃତ୍ୟ, ଓଡ଼ିଶୀ କଣ୍ଠ ସଂଗୀତ, ହିନ୍ଦୁସ୍ତାନୀ ଶାସ୍ତ୍ରୀୟ କଣ୍ଠ ସଂଗୀତ, ଭାଓଲିନ, ଗୀତାର, ତବଲା, ସୁଗମ ସଙ୍ଗୀତ ପରି ସାତଟି ବିଭାଗ ରହିଛି। ସେହିପରି ୧୯୮୪ ମସିହାରୁ ଚାରି କଳା ଶିକ୍ଷା ନିମିତ୍ତ ଚମ୍ପକ ଲାଲ ମେହେଟ୍ଟା ଚାରୁ କଳା କେନ୍ଦ୍ର ସ୍ଥାପିତ ହୋଇଛି। ଏସବୁ ପାଠ୍ୟକ୍ରମର ସମୟ ସୀମା ହେଉଛି ଛଅ ବର୍ଷ।

ସ୍ୱାଧୀନତା ପାଇବା ପରେ ଓଡ଼ିଶୀ ନୃତ୍ୟ ସଂଗୀତର ହଜିଯାଇଥିବା ଗୌରବକୁ ପୁଣି ଫେରାଇ ଆଣି ଓଡ଼ିଶାର ସାଂସ୍କୃତିକ ପୁର୍ନଜାଗରଣର ଏକ ଉତ୍କୃଷ୍ଟ ଗବେଷଣା କେନ୍ଦ୍ର ହେଉଛି କଳାବିକାଶ କେନ୍ଦ୍ର। ଏଠାରେ କର୍ମଜୀବୀ ମହିଳାଙ୍କ ରହଣି ପାଇଁ ତୃପ୍ତିଘୋଷ କର୍ମଜୀବୀ ମହିଳା ନିବାସ ରହିଛି। କେନ୍ଦ୍ରର ନୃତ୍ୟରେ ବିଶେଷ ପାରଦର୍ଶିତା ଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏକ ଉଚ୍ଚତର ତାଲିମ କାର୍ଯ୍ୟକ୍ରମ ଗ୍ରହଣ କେନ୍ଦ୍ର ରହିଛି ଏହି କେନ୍ଦ୍ର ତରଫରୁ ବିଭିନ୍ନ ଶିକ୍ଷା ଶିବିର ଅନୁଷ୍ଠିତ ହୋଇଥାଏ। କଳାବିକାଶ କେନ୍ଦ୍ରରେ ଓଡ଼ିଶାର ପଲ୍ଲୀ ଅଞ୍ଚଳରେ ବ୍ୟବହୃତ ଓ ବିଶେଷ ପ୍ରକାର ବାଦ୍ୟ ଯନ୍ତ୍ର, ବେଶ ପୋଷକ ଅଳଙ୍କାର ଓ ଅନ୍ୟାନ୍ୟ ବୈଶିଷ୍ଟ୍ୟପୂର୍ଣ୍ଣ କଳା ସାମଗ୍ରୀର ଏକ ଛୋଟ ସଂଗ୍ରାହଳୟ ରହିଛି। କଳାବିକାଶ କେନ୍ଦ୍ର ଟ୍ରଷ୍ଟ ଅଧୀନରେ ଏକ ପରାମର୍ଶ ଦାତା କମିଟି ଦୈନନ୍ଦିନ ସମସ୍ତ କାର୍ଯ୍ୟ ପରିଚାଳନା କରିଥାଏ। କଳାବିକାଶ କେନ୍ଦ୍ରର ପ୍ରାଣ ପ୍ରତିଷ୍ଠାତା ବାବୁଲାଲ ଯୋଶୀଙ୍କ ସେପ୍ଟେମ୍ବର ୨୫, ୧୯୮୩ ମସିହାରେ ପରଲୋକ ହୋଇଥିଲା। ୧୯୧୮ ମଇ ୩୧ ତାରିଖରେ ଗୁଜୁରାଟର ମହୁଆରେ ଜନ୍ମ ନେଇଥିବା ଏହି କଳାପ୍ରେମୀ ବ୍ୟକ୍ତି ଜଣଙ୍କ ସର୍ବପ୍ରଥମେ ଓଡ଼ିଶାର ମୋହନ ଗୋସ୍ୱାମୀଙ୍କ ରାହାସ ଦଳ ଓ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଓଡ଼ିଶା ଥିଏଟରର ନାଟକ ଦେଖି ଆକୃଷ୍ଟ ହୁଅନ୍ତି ଓଡ଼ିଶାରେ ଏକ କଳା ପ୍ରତିଷ୍ଠାନ ଗଠନ କରିବା ପାଇଁ। ତାଙ୍କରି ସତ୍ୟନିଷ୍ଠ ଓ ସଂକଳ୍ପପୂର୍ଣ୍ଣ ସାଧନା ପାଇଁ କଳାବିକାଶ କେନ୍ଦ୍ର ପ୍ରତିଷ୍ଠା ହୋଇପାରିଥିଲା। ତାଙ୍କ ସାଧନା ଏପରି ତୀବ୍ର ଥିଲା ଯେ ଯାହା ଏକ ଲେଖନୀ ଜଣାପଡ଼ିଛି ଏହି କଳାବିକାଶ କେନ୍ଦ୍ର ନିର୍ମାଣ ପାଇଁ ଅର୍ଥ ଓ ସମ୍ବଳର ଅଭାବ ଥିବାରୁ ସେ ଏକ ପ୍ରକାର ବଜ୍ର ଶପଥ ନେଇଥିଲେ ଯେ ଯେଉଁ ପର୍ଯ୍ୟନ୍ତ କେନ୍ଦ୍ରର ଗୃହ ନିର୍ମାଣ ନ ହୋଇଛି ସେ ପର୍ଯ୍ୟନ୍ତ ମୁଁ ଆଦୌ ଯୋତା ମାଡ଼ିବି ନାହିଁ କି ଗଦିରେ ଶୋଇବି ନାହିଁ ଏବଂ ପ୍ରତିଦିନ ଅନ୍ତତଃ ପକ୍ଷେ କେନ୍ଦ୍ରର ନିର୍ମାଣ ପାଇଁ ଶହେଟଙ୍କା ସହଯୋଗ ରାଶି ସଂଗ୍ରହ କରିବି। ଏହିପରି ଭାବରେ ସେ ସମର୍ପିତ ଭାବନା ନେଇ କଳାବିକାଶ କେନ୍ଦ୍ର ସ୍ଥାପନ କରିଥିଲେ। ପରବର୍ତ୍ତୀ ସମୟରେ ୧୯୬୧ ମସିହା ବେଳକୁ ରାଜସ୍ୱ ବିଭାଗର ସଚିବ ଥିବା ଏସ.କେ. ଘୋଷ ସହଯୋଗ ପ୍ରଦାନ କରି ତତ୍କାଳୀନ ରାଜସ୍ୱ ମନ୍ତ୍ରୀ ସଦାଶିବ ତ୍ରିପାଠୀ ସରକାରୀ ଜାଗା ପାଇଁ ଲିଜ ସୂତ୍ର ନିମିତ୍ତ ସହଯୋଗ ରଖିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ତାଙ୍କ ପତ୍ନୀ ତୃପ୍ତୀ ଘୋଷ ଥିଲେ କଳାବିକାଶ କେନ୍ଦ୍ରର ଜଣେ ସଭ୍ୟା। କଳାବିକାଶ କେନ୍ଦ୍ର କେବଳ ଓଡ଼ିଶାର ନୃତ୍ୟ କଳା କେନ୍ଦ୍ରର ଏକ ପ୍ରମୁଖ କ୍ଷେତ୍ର ନହଁ ବରଂ ଏହା ବିଶ୍ୱର କଳା ଓ ଗୌରବ କୃତୀ କ୍ଷେତ୍ରର ଏକ ପ୍ରମୁଖ ଅନୁଷ୍ଠାନ।

ଗୋତରା, ମାହାଙ୍ଗା, କଟକ,
ମୋ: ୯୪୩୭୧୪୨୭୧୭




## ତୁମେ ମୋର ମିଠା ସପନ

### ବେଣୁଧର ସୂତାର



ମନ ପୂର୍ଣ୍ଣଇନ୍ଦୁ ଜୋଛନା ବିନ୍ଦୁରେ
ଝରିପଡେ ପ୍ରୀତି ମହୁ
ଆଖି ଉପକୂଳେ ଲହଡ଼ି ମାରୁଛି
ସୁନା ସପନର ଢେଉ
ତନୁ ତୀରେ ସମ୍ମୋହନ
ଏଫଗୁଣ ସଞ୍ଜ ମୋହନକୁଞ୍ଜରେ
ଗାଏ ପ୍ରୀତି ଆବାହନ
ତୁମେ ମୋର ମିଠା ସପନ ।।

ଗୋପନେ ଗୋପନେ
ନିଶି ବିଜନରେ
ମୋ ହୃଦ ଇଲାକା ଛୁଇଁ
ପ୍ରୀତି ନଗରୀର ରୋମାଞ୍ଚ ସ୍ମୃତିରୁ
ମନ ଯାଏ ସୀମା ଡେଇଁ
ମୁକୁଳା ଏ କୁଞ୍ଜ ବନ
ପ୍ରୀତି ଆକାଶରେ
ଚନ୍ଦ୍ରମା ତୋଳିଗୋ
ଆସ ମୋର ନୀଳ ଜହ୍ନ
ତୁମେ ମୋର ମିଠା ସପନ ।।

ସ୍ୱପ୍ନଭିଜା ରାତି ଦେହେଭରା ତାତି
ପ୍ରୀତିର ଅମୃତ ରସେ
ଭାବ ମାଦକରେ ଚହଲାଏ ମନ
ପୂର୍ଣ୍ଣିମାର ଝରା ହସେ
ମିଳନ ମଗ୍ନା ଏ ମନ
ପ୍ରୀତିପ୍ରତୀକ୍ଷାରେ
ରାତିମୋ ନସରେ
ଏ ନୟନ ତନ୍ଦ୍ରା ହୀନ
ତୁମେ ମୋର ମିଠା ସପନ ।।

କାହା ଆଗମନେ ମନ ଉପବନେ
ଛୁଟେ ମଲ୍ଲୀକାର ବାସ
ବୟସ ବାସରେ କଅଁଳ ଛାତିରେ
ଭରେ ପ୍ରୀତି ଅଭିଳାଷ
ମତୁଆଲା ଯଉବନ
ଏମଧୁ ଲଗନେ ପ୍ରୀତିସୁଧା ପାନେ
ଚୋରାଇ ନିଅ ମୋ ମନ
ତୁମେ ମୋର ମିଠା ସପନ ।।

ଫୁଲ ଫଗୁଣର ପ୍ରଣୟ କୁଞ୍ଜରେ
ଝରା ବଉଳର ବାସେ
ଚୋରା ବସନ୍ତର ଚଇତି ଚୁମାରେ
କନକ ଚଂପାର ରାସେ
ଭାବ ସ୍ପନ୍ଦିତ ଏ ମନ
ବିରହର ଗୀତି ଗାଉଛି ମୁଁ ନିତି
ଘେନ ପ୍ରୀତି ନିବେଦନ
ତୁମେ ମୋର ମିଠା ସପନ ।।

କେଶଦୁରାପାଳ କେନ୍ଦୁଝର
ମୋ: ୯୧୭୮୫୬୮୨୪୬



# କୋର୍ଟରେ ହାଜର ହୋଇ ବିଚାରପତିଙ୍କୁ ଦର୍ଶନ କହିଲେ, 'ମହାଶୟ ମୋତେ ବିଷ ଦେବାକୁ ଆଦେଶ ଦିଅନ୍ତୁ'



ରେଣୁକାସ୍ୱାମୀ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶନ ଏବଂ ତାଙ୍କ ହିରୋଇନ୍ ପବିତ୍ରା ଗୌଡ଼ାଙ୍କୁ ମଧ୍ୟ ଗିରଫ କରାଯାଇଥିଲା । ଏହି ହତ୍ୟା ମାଲାରେ ଦର୍ଶନ ଜେଲରେ ବନ୍ଦୀ ଜୀବନ କାଟୁଛନ୍ତି । ନିକଟରେ କୋର୍ଟର ଦ୍ୱାରସ୍ଥ ହୋଇ ଦର୍ଶନ ଜେଲ ଭିତରର ଯନ୍ତ୍ରଣା ବଖାଣିଛନ୍ତି । ଜେଲରେ ଉପଯୁକ୍ତ ସୁବିଧା ନ ପାଇବାରୁ ଦର୍ଶନ ବିରକ୍ତ ହୋଇ ବିଚାରପତିଙ୍କ ସମ୍ମୁଖରେ କହିଛନ୍ତି, 'ମହାଶୟ ମୋ ଉପରେ ଦୟା କରନ୍ତୁ ମୋତେ ବିଷ ଦେବାକୁ ଆଦେଶ ଦିଅନ୍ତୁ।'

ଦର୍ଶନଙ୍କ ଏପରି କଥା ଶୁଣି ବିଚାରପତି କହିଥିଲେ, 'ଧୈର୍ଯ୍ୟ ଧରିବାକୁ ହେବ । ଆପଣ ଯେଉଁଭଳି କଥା କହୁଛନ୍ତି ତାହା ଠିକ ନୁହେଁ। ଏପରି କୁହାଯାଏ ନାହିଁ।'

କେବଳ ଏତିକି ନୁହେଁ ଦର୍ଶନ ବିଚାରପିତିଙ୍କୁ କହିଥିଲେ, 'ମୁଁ ଜେଲକୁ ଆସିବାର ଗୋଟିଏ ମାସ ହୋଇଗଲାଣି । ଆଜି ପର୍ଯ୍ୟନ୍ତ ଗୋଟିଏ ଦିନ ବି ସୂର୍ଯ୍ୟକିରଣ ଦେଖିନାହିଁ, ମୋ ପୋଷାକ ଅପରିଷ୍କାର ହୋଇ ଦୁର୍ଗନ୍ଧ କରୁଛି । ପୋଷାକର ଅନେକ ସ୍ଥାନରେ ଫିମ୍ପି ମାରି ଗଲାଣି । ଏଭଳି ପରିସ୍ଥିତି ଦେଇ ବଞ୍ଚିବା ଅପେକ୍ଷା ମୋର ମୃତ୍ୟୁ ହୋଇଯିବା ଭଲ । '

ଜେଲ କର୍ତ୍ତୃପକ୍ଷଙ୍କ କହିବାନୁସାରେ, ଅଭିନେତା ଦର୍ଶନ ଜେଲ ଭିତରେ କାହାରି ସହିତ କଥା ହୁଅନ୍ତି ନାହିଁ। ଏମିତି କି ସେ କାହାକୁ ଦେଖା କରିବାକୁ ପସନ୍ଦ ବି କରୁ ନାହାନ୍ତି। ସପ୍ତାହରେ କେବଳ ଦୁଇଥର ତାଙ୍କ ପରିବାରକୁ ଭେଟିବାକୁ ଅନୁମତି ଦିଆଯାଇଛି । ଏହା ପରେ ମଧ୍ୟ, ଦର୍ଶନଙ୍କ ପରିବାର ସଦସ୍ୟ ତାଙ୍କୁ ଭେଟିବାକୁ ଆସୁନାହାଁନ୍ତି । କେତେବେଳେ ତାଙ୍କ ସ୍ତ୍ରୀ ବିଜୟଲକ୍ଷ୍ମୀ ଆସନ୍ତି ଏବଂ ଯାଆନ୍ତି । ଦର୍ଶନଙ୍କ ପୁଅ, ମା, ଭାଇ, କେହି ଏଯାବତ ଦର୍ଶନଙ୍କୁ ଭେଟିବାକୁ ଆସିନାହାଁନ୍ତି ।

# ଐଶ୍ୱର୍ଯ୍ୟା ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ




ବଚ୍ଚନ ପରିବାରର ବୋହୂ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଏବେ ଏକ କଠୋର ପଦକ୍ଷେପ ନେଇଛନ୍ତି । ଅଭିନେତ୍ରୀ ଦିଲ୍ଲୀ ହାଇକୋର୍ଟରେ ପହଞ୍ଚିଛନ୍ତି । ତାଙ୍କୁ ଆଇନର ଦ୍ୱାରସ୍ଥ ହେବାକୁ ପଡିଛି । ଅଭିନେତ୍ରୀ ତାଙ୍କ ଅନୁମତି ବିନା ତାଙ୍କ ନାମ ଏବଂ ମୁହଁର ବ୍ୟବହାରକୁ ନେଇ ଆପତ୍ତି ଉଠାଇଛନ୍ତି ।

ଐଶ୍ୱର୍ଯ୍ୟା ରାୟ ବଚ୍ଚନ ତାଙ୍କ ବ୍ୟକ୍ତିତ୍ୱ ଅଧିକାରକୁ ସୁରକ୍ଷା ଦେବା ପାଇଁ ସାହାଯ୍ୟ ଲୋଡିଛନ୍ତି । ପ୍ରକୃତରେ, ତାଙ୍କ ନାମ, ଫଟୋ ଏବଂ ସ୍ୱରକୁ ସୂଚନା ବିନା ପ୍ରଚାର କିମ୍ବା ବାଣିଜ୍ୟିକ ସାମଗ୍ରୀରେ ବ୍ୟବହାର କରାଯାଉଛି, ଯାହାକୁ ସେ ନିଷିଦ୍ଧ କରିବାକୁ ଚାହୁଁଛନ୍ତି ।

କୋର୍ଟ କହିଛନ୍ତି , ପ୍ରତ୍ୟେକ ଦୋଷୀଙ୍କ ବିରୁଦ୍ଧରେ ଏକ ନିର୍ଦ୍ଦେଶ ଜାରି କରାଯିବ । ଲୋକମାନେ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ଏଆଇ ଜେନେରେଟେଡ୍ ଫଟୋ ତିଆରି କରୁଛନ୍ତି ଏବଂ ସେଗୁଡ଼ିକୁ ନିଜ ଲାଭ ପାଇଁ ବ୍ୟବହାର କରୁଛନ୍ତି । ଐଶ୍ୱର୍ଯ୍ୟା ଅଭିଯୋଗ କରିଛନ୍ତି, ତାଙ୍କର ଏଆଇ ଜେନେରେଟେଡ୍ ଫଟୋଗୁଡ଼ିକୁ କଫି, ମଗ୍, ଟି-ସାର୍ଟ ଏବଂ ଅନ୍ୟାନ୍ୟ ଜିନିଷ ବିକ୍ରି କରିବା ପାଇଁ ବ୍ୟବହାର କରାଯାଉଛି । ତାଙ୍କର ଫଟୋଗୁଡ଼ିକୁ ମଧ୍ୟ ମର୍ଫ କରାଯାଉଛି ଏବଂ ଅଶ୍ଳୀଳ ଭିଡିଓରେ ବ୍ୟବହାର କରାଯାଉଛି ।

ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ଆଇନଜୀବୀ ପ୍ରବୀଣ ଆନନ୍ଦ ଏବଂ ଧ୍ରୁବ ଆନନ୍ଦ ଏହି ମାମଲାରେ ଏକ ମାମଲା ଦାଏର କରିଛନ୍ତି ଏବଂ କହିଛନ୍ତି ଯେ, ତାଙ୍କ ନାମ, ସ୍ୱର ଏବଂ ଭିଡିଓର ପ୍ରଚାର କରି ବ୍ୟକ୍ତିତ୍ୱ ଅଧିକାରର ଉଲ୍ଲଂଘନ କରାଯାଉଛି । ତାଙ୍କ ଫଟୋକୁ ଅଶ୍ଳୀଳ ଭିଡିଓରେ ମଧ୍ୟ ମର୍ଫ କରାଯାଉଛି । କୁହାଯାଉଛି, ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ନାମରେ ଟଙ୍କା ରୋଜଗାର କରାଯିବା ସହିତ ଫଟୋର ଅପବ୍ୟବହାର କରାଯାଉଛି ।

ସୂଚନାଯୋଗ୍ୟ,ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ପୂର୍ବରୁ ଅନେକ ସେଲିବ୍ରିଟି ଏହି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ତାଙ୍କ ଶ୍ୱଶୁର ଅର୍ଥାତ୍ ଅମିତାଭ ବଚ୍ଚନ ମଧ୍ୟ ତାଙ୍କ ବ୍ୟକ୍ତିତ୍ୱ ଅଧିକାରକୁ ସୁରକ୍ଷା ଦେବା ପାଇଁ ଦିଲ୍ଲୀ ହାଇକୋର୍ଟରେ ସାହାଯ୍ୟ ପାଇଁ ନିବେଦନ କରୁଥିବାର ଦେଖାଯାଇଥିଲା । ଜ୍ୟାକି ଶ୍ରଫ ଏବଂ ଅନିଲ କପୁରଙ୍କ ବ୍ୟକ୍ତିତ୍ୱ ଏବଂ ପ୍ରଚାର ଅଧିକାର ମଧ୍ୟ ଉଲ୍ଲଂଘନ ହୋଇଛି । ଏବେ କୋର୍ଟ ଏହି ମାମଲାକୁ ସମ୍ବେଦନଶୀଳ ଭାବରେ ପରିଚାଳନା କରୁଛନ୍ତି ।

# ଟିଆରପି ରେସରେ ନମ୍ବର ୧ 'ଅନୁପମା': ଟପ୍ ୧୦ରୁ ବାଦ୍ ପଡ଼ିଲା ବିଗ୍ ବସ୍

ଟିଭି ଟିଆରପି ରେଟିଙ୍ଗରେ 'ଅନୁପମା' ଧାରାବାହିକ ଶୀର୍ଷରେ ଅଛି । ଅନ୍ୟପଟେ ଆଶ୍ଚର୍ଯ୍ୟଜନକ ଭାବେ ତଳକୁ ଖସିଛି ରିଆଲିଟି ସୋ' 'ବିଗ୍ ବସ୍' ଟପ୍ ୧୦ ସୋ'ରୁ ବାଦ୍ ପଡ଼ିଛି, ଯାହା ସଲମାନ ଖାନଙ୍କ ସୋ' ପାଇଁ ଶୁଭ ସଙ୍କେତ ନୁହେଁ ବୋଲି ଚର୍ଚ୍ଚା ହେଉଛି ।

ଟିଭି ସୋ'ର ଦୁନିଆରେ ଏଥର କେହି ବାଜି ମାରିଛି ତ ଆଉ କେହି ଆଶାଠାରୁ ତଳକୁ ଖସିଯାଇଛି । ତେବେ କେଉଁ ପ୍ରୋଗ୍ରାମ ଦର୍ଶକଙ୍କୁ ଅଧିକ ମନୋରଂଜନର ଖୋରାକ ଯୋଗାଇଛି ତାର ଖୁଲାସା ହୋଇଛି । ଗତ ୩୫ ସପ୍ତାହର ରେଟିଙ୍ଗ ପଏଣ୍ଟ ଆସିଛି । ଏଥିରେ ରାଜନ୍ ଶାହିଙ୍କ ସୋ' 'ଅନୁପମା' ଟପରେ ରହିଛି । ଗତ କିଛି ମାସର ରେଟିଙ୍ଗ ପଏଣ୍ଟକୁ ବଜାୟ ରଖିଛି ଏହି ସୋ' । ଦ୍ୱି ତୀୟ ନମ୍ବରରେ ରହିଛି 'ତାରକ ମେହତା ତା ଉଲଟା ଚଷମା' । ଏହି ସୋର



ଟିଆରପି ଗତ ସପ୍ତାହରେ ଖୁବ୍ ବଢ଼ିଛି । ତୃତୀୟ ସ୍ଥାନରେ ରହିଛି 'ୟେ ରିସ୍ତା କ୍ୟା କେହଲାତା ହେ' । ଚତୁର୍ଥ ସ୍ଥାନରେ ରହିଛି 'କ୍ୟୁଁ କି ସାସ୍ ଭି କଭି ବହୂ ଥି' । ରିଆଲିଟି ସୋର କଥା କହିବାକୁ ଗଲେ, ବିଗ୍ ବସର ସ୍ଥାନ ଅନେକ ତଳକୁ ଖସିଛି । ପୂର୍ବରୁ ଏହା ୧୧ସ୍ଥାନରେ ଥିବାବେଳେ ଏବେ ୧୨କୁ ଖସିଆସିଛି । ସଲମାନ ଖାନଙ୍କ ସୋ ପାଇଁ ଏହା ଭଲ ସଙ୍କେତ ନୁହେଁ ବୋଲି କୁହାଯାଉଛି ।

# ଅକ୍ଟୋବରରୁ ଆରମ୍ଭ ହେବ 'ରାବଣ'ର ସୁଟିଂ: ମୁଖ୍ୟ ଭୂମିକାରେ ନଜର ଆସିବେ ଅନୁଭବ ମହାନ୍ତି

'କୁହୁଡ଼ି' ଓ 'ଚାରିଧାମ' ପରେ ପ୍ରଯୋଜକ ହିମାଦ୍ରି ତନୟ ଦାସ 'ରାବଣ' ନିର୍ମାଣ କରୁଛନ୍ତି । ଏଥିରେ ତାଙ୍କ ସହ ପ୍ରଯୋଜନାରେ ଅଛନ୍ତି ଜାଗୃତି ଏ. ମହାନ୍ତି । ଲୋକପ୍ରିୟ ଅଭିନେତା ଅନୁଭବ ମହାନ୍ତି ଶୀର୍ଷକ ଭୂମିକାରେ ଅଭିନୟ କରୁଥିବା ବେଳେ କିଏ ତାଙ୍କ ନାୟିକା ହେବେ, ତାହା ସ୍ପଷ୍ଟ ହୋଇନାହିଁ । ଏହି ସିନେମା ଜରିଆରେ ସଂପାଦନାରୁ ନିର୍ଦ୍ଦେଶନା କ୍ଷେତ୍ରକୁ ଓହ୍ଲାଇଛନ୍ତି ବୀରେନଜ୍ୟୋତି ମହାନ୍ତି । ବୀରେନଜ୍ୟୋତି, ରିଷବ କୁମାର ଓ ଜାଗୃତି ଏହାର ଚିତ୍ରନାଟ୍ୟ ରଚନା କରିଥିବା ବେଳେ ସଂଳାପ ଲେଖିଛନ୍ତି ନାରାୟଣ ସାଲ୍ ଓ ରାକେଶ ମିଶ୍ର । ସର୍ବଶେଷ ସୂଚନା ଅନୁଯାୟୀ, ମାନସ ପଢ଼ିଆରୀଙ୍କ ନିର୍ଦ୍ଦେଶନାରେ ଆରମ୍ଭ ହେବାକୁ ଥିବା 'ଛକି ଶୂନ'ର ସୁଟିଂ ଶେଷ ହେବା ପରେ 'ରାବଣ' ଫିଲ୍ମର ସୁଟିଂ ଆଗାମୀ ଅକ୍ଟୋବର ମାସରେ ଆରମ୍ଭ ହେବ । ବହୁ ଦିନରୁ ଏହି ଟାଇଟଲ୍‌ରେ ଏକ ଓଡ଼ିଆ ସିନେମା ନିର୍ମିତ ହେବ ବୋଲି କୁହାଯାଉଥିଲା । ହେଲେ ତାହା ସମ୍ଭବ ହୋଇପାରି ନଥିଲା ।



# ତେଲୁଗୁ ସିନେମାରେ କୋରାପୁଟର ଝଲକ: ନିକଟରେ ରିଲିଜ ସିନେମାରେ ଘାଟିରେ ସ୍ଥାନ ପାଇଛି ଓଡ଼ିଶାର ଆର୍କଷଣୀୟ ସ୍ଥାନ

କନକ ବ୍ୟୁରୋ : ଦର୍ଶକଙ୍କ ମନ ଜିତୁଛି ସିନେମା ଘାଟି । ହିନ୍ଦୀ, ତେଲଗୁ ଓ ତାମିଲ ଭାଷାରେ ରିଲିଜ ସିନେମା ସବୁ ବର୍ଗର ଦର୍ଶକଙ୍କୁ ଖୁବ ପସନ୍ଦ ଆସିଛି । ମୁଖ୍ୟ ଭୂମିକାରେ ବାହୁବଳୀ ଫେମ ଅନୁଷ୍କା ସେଟୀଙ୍କୁ ଦେଖିବାକୁ ମିଳିଛି । ତେବେ ଦୁଇବର୍ଷ ପରେ କମବ୍ୟାକ ସହ ଆକ୍ସନ ରୋଲରେ ଅଭିନୟ ଧ୍ୟାନ ଆକର୍ଷଣ କରୁଛି । ଏଇଠି କହି ରଖୁଛୁ ସିନେମାର କିଛି ଭାଗର ସୁଟିଂ ଓଡ଼ିଶାରେ କରାଯାଇଥିଲା । ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଲମତାପୁର, ମାଛକୁଣ୍ଡ, ଅନ୍ନାକଡେଲିରେ କରାଯାଇଛି । କ୍ଲାଇମାକ୍ସ ଭାଗର ସୁଟିଂ ପାଇଁ ଅନୁଷ୍କା କୋରାପୁଟରେ ମଧ୍ୟ ପହଞ୍ଚିଥିଲେ । ତେବେ ଦୁଇ ଜଣ ଓଡିଆ କଳାକଳା ଡକ୍ଟର ଦେବୀକା ପ୍ରିୟଦର୍ଶନୀ ଓ ଅଭି ନାଗଙ୍କୁ ମଧ୍ୟ ଏହି ସିନେମାରେ ଦର୍ଶକ ଦେଖିଛନ୍ତି ।




# 'ସ୍ପିରିଟ୍'ରେ ନୂଆ ଲୁକ୍‌ରେ ନଜର ଆସିବେ ପ୍ରଭାସ, ମେକ୍ଓଭର ଆର୍ଟିଷ୍ଟ ଆଲିମ୍ ହକିମ୍‌ଙ୍କୁ ଦାୟିତ୍ୱ




ନୂଆ ଫିଲ୍ମ ପାଇଁ ହେବ ନୂଆ ମେକ୍ଓଭର । ବାହୁବଳୀ ଷ୍ଟାର ପ୍ରଭାସଙ୍କ ଗତ କିଛି ବର୍ଷର ଫିଲ୍ମ ଉପରେ ନଜର ପକାଇଲେ ଜଣାପଡୁଛି ଯେ, ପ୍ରତ୍ୟେକ ଫିଲ୍ମରେ ସେ ଭିନ୍ନ ଲୁକ୍‌ରେ ନଜର ଆସୁଛନ୍ତି । ପ୍ରତିଥର ଫିଲ୍ମ ସହ ତାଙ୍କର ଲୁକ୍ ମଧ୍ୟ ଚର୍ଚ୍ଚାରେ ରହିଥାଏ । ଅଭିନେତା ନିଜ ଲୁକ୍ ଓ ଅଭିନୟ ସହିତ ନିଜ ସରଳ ସ୍ୱଭାବ ପାଇଁ ବେଶ୍ ପରିଚିତ । ଆଗକୁ ସେ ଲୋକପ୍ରିୟ ନିର୍ଦ୍ଦେଶକ ସନ୍ଦୀପ ରେଡ୍ଡୀ ବାଙ୍ଗାଙ୍କ ନିର୍ଦ୍ଦେଶିତ ଫିଲ୍ମ 'ସ୍ପିରିଟ୍'ରେ ନଜର ଆସିବେ । ଏହି ଫିଲ୍ମରେ ତାଙ୍କ ଲୁକ୍‌ରେ ବଡ଼ ପରିବର୍ତ୍ତନ କରାଯିବ ବୋଲି ଚର୍ଚ୍ଚା ହେଉଥିଲା । ପ୍ରଭାସଙ୍କ ପାଇଁ ମେକ୍ଓଭର ଆର୍ଟିଷ୍ଟ ଆଲିମ୍ ହକିମ୍‌ଙ୍କୁ ଦାୟିତ୍ୱ ଦେଇଛନ୍ତି ସନ୍ଦୀପ। ଏ ନେଇ ଆଲିମ୍ ଇନ୍‌ଷ୍ଟାରେ ଏକ ପୋଷ୍ଟ ସେୟାର କରିବା ପରେ ଖବରଟି ସାମ୍ନାକୁ ଆସିଛି। ଏହା ପୂର୍ବରୁ ସେ ଫିଲ୍ମ 'କବୀର ସିଂହ' ପାଇଁ ଅଭିନେତା ଶାହିଦ କପୁରଙ୍କ ମେକ୍ଓଭର କରିଥିବା ବେଳେ ଫିଲ୍ମ 'ଆନିମଲ୍' ପାଇଁ ରଣବୀର କପୁରଙ୍କର ଓ ଫିଲ୍ମ 'ପେଦ୍ଦୀ' ପାଇଁ ରାମଚରଣଙ୍କର ମେକ୍ଓଭର କରିଥିଲେ । ଏବେ ସୁପରଷ୍ଟାର ପ୍ରଭାସଙ୍କ ମେକ୍ଓଭର କରିବାର ସୁଯୋଗ ମିଳିବା ପରେ ସେ ବହୁତ ଖୁସିଥିବା କହିଛନ୍ତି । ତେବେ ଯଦି ଆମେ ଫିଲ୍ମର କାଷ୍ଟକୁ ଦେଖିବା ତେବେ ପ୍ରଭାସଙ୍କ ବ୍ୟତୀତ ଏଥିରେ ଅଭିନେତ୍ରୀ ତୃପ୍ତି ଡିମ୍ରି ନଜର ଆସିବେ । ଏପର୍ଯ୍ୟନ୍ତ ଫିଲ୍ମର କାହାଣୀ ବା ଅନ୍ୟ କଳାକାରଙ୍କୁ ନେଇ କୌଣସି ସୂଚନା ଦେଇ ନାହାନ୍ତି ସନ୍ଦୀପ । ପୂର୍ବରୁ ପ୍ରଭାସଙ୍କ ବିପକ୍ଷରେ ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍‌ଙ୍କୁ କାଷ୍ଟ କରାଯାଇଥିଲା । ହେଲେ ସେ ଫିଲ୍ମରୁ ହଟିବା ପରେ ଏବେ ତୃପ୍ତି ଡିମ୍ରିଙ୍କୁ ସୁଯୋଗ ମିଳିଛି।

# କୁଆଡ଼େ ଗଲେ 'ଟିଭିର୍ ପାର୍ବତୀ' ? ବିବାହ ପରେ ଛାଡ଼ିଦେଲେ କି ଅଭିନୟ ?

'ଟିଭିର ପାର୍ବତୀ' ନାଁରେ ପରିଚୟ ପାଇଥିବା ଅଭିନେତ୍ରୀ ସୋନାରିକା ଭଦୋରିଆ ବିବାହ ପରେ ଅଭିନୟ ଜୀବନରୁ ବ୍ରେକ୍ ନେଇଛନ୍ତି । ଦେବୋଁ କେ ଦେବ ମହାଦେବ ଧାରାବାହିକରେ ଦେବୀ ପାର୍ବତୀଙ୍କ ଭୂମିକାରେ ନଜର ଆସି ସେ ଦର୍ଶକଙ୍କ ପ୍ରିୟର ପାତ୍ର ହୋଇପାରିଥିଲେ । ତାଙ୍କର ସୌନ୍ଦର୍ଯ୍ୟ, ଜୀବନ୍ତ ଅଭିନୟ ଏବଂ ମୁଖର ଭାବଭଙ୍ଗୀକୁ ଲୋକ ଖୁବ୍ ପସନ୍ଦ କରୁଥିଲେ । ଏମିତିକି କିଛି ଦିନ ପାଇଁ ଧାରାବାହିକରେ ନଜର ନ ଆସିବାରୁ ଅନେକ ପ୍ରଶଂସକ ଅଭିନେତ୍ରୀଙ୍କୁ ଭେଟିବାକୁ ସେଟ୍ ପର୍ଯ୍ୟନ୍ତ ଚାଲିଯାଇଥିବାର ମଧ୍ୟ ଖବର ଆସିଥିଲା । ତେବେ ବର୍ତ୍ତମାନ ସୋନାରିକାଙ୍କ ବିବାହ ସରିଛି ଏବଂ ବିବାହ ପରେ ସେ ମାୟାନଗରୀ ମୁମ୍ବାଇ ଛାଡ଼ି ଦିଲ୍ ୱାଲୋଁ କି ସେହେର୍ ଦିଲ୍ଲୀରେ ଶାଶୁଘରେ ରହୁଛନ୍ତି । ପୁଣିଥରେ ଅଭିନୟ ଆରମ୍ଭ କରିବାକୁ ନେଇ ଅଭିନେତ୍ରୀ କହିଛନ୍ତି ଯେ ସେମିତି କିଛି ଭଲ ପ୍ରୋଜେକ୍ଟ ମିଳିଲେ ସେ ନିଶ୍ଚୟ ଅଭିନୟ କରିବେ । ବର୍ତ୍ତମାନ ସୋନାରିକା ନିଜ ରେଷ୍ଟୁରାଣ୍ଟରେ ଫୋକସ୍ କରୁଛନ୍ତି ଏବଂ ସିନେ କ୍ୟାରିୟରରୁ କିଛି ସମୟ ପାଇଁ ବ୍ରେକ୍ ନେଇଛନ୍ତି । କିନ୍ତୁ ସୋସିଆଲ୍ ମିଡିଆରେ ଅଭିନେତ୍ରୀ ଖୁବ୍ ଆକ୍ଟିଭ ରହିଛନ୍ତି । ସ୍ୱାମୀଙ୍କ ସହ ଛୁଟି କାଟିବା ହେଉ କି କୌଣସି ପର୍ବରେ ଭଲ ଗେଟଅପ୍ ନେଲେ ସେ ଏହାର ଫଟୋ ସୋସିଆଲ୍ ମିଡିଆରେ ସେୟାର୍ କରନ୍ତି । ନିକଟରେ ସୋନାରିକା ନିଜ ସ୍ୱାମୀଙ୍କ ସହ ମିଶି ଗୋଆରେ ଏକ ରେଷ୍ଟୁରାଣ୍ଟ ଖୋଲିଛନ୍ତି । ତେବେ ଗତବର୍ଷ ଅଭିନେତ୍ରୀ ନିଜ ଲଙ୍ଗ୍ ଟାଇମ୍ ବୟଫ୍ରେଣ୍ଡ ବିକାଶ ପରାଶରଙ୍କ ସହ ବିବାହ କରିଥିଲେ । ଦମ୍ପତୀଙ୍କ ଡେଷ୍ଟିନେସନ୍ ୱେଡ଼ିଂ ହୋଇଥିଲା , ଯାହାର ଫଟୋ ସୋସିଆଲ୍ ମିଡିଆରେ ଖୁବ୍ ଭାଇରାଲ୍ ହୋଇଥିଲା ।





## ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ

ଚମ୍ପୁଆ, ୧୧/୦୯ (ନି.ପ୍ର): ଚମ୍ପୁଆ ଉପଖଣ୍ଡ ଯୋଡ଼ା ବ୍ଲକ ପ୍ରାଙ୍ଗଣରେ ବୁଧବାର ଦିନ ସମସ୍ତ ପଂଚାୟତ ଏବଂ ଯୋଡ଼ା ପୌରପାଳିକା କୁ ନେଇ ଏକ ସ୍ୱତନ୍ତ୍ର ଭିନ୍ନକ୍ଷମ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରର ଉଦ୍ଦେଶ୍ୟ ଥିଲା ଭିନ୍ନକ୍ଷମ, ଦିବ୍ୟାଙ୍ଗ ଓ ଦୃଷ୍ଟିହୀନ ବ୍ୟକ୍ତିମାନଙ୍କୁ ନିଶୁଳ୍କ ଚିକିତ୍ସା, ପରୀକ୍ଷା ଓ ପରାମର୍ଶ ପ୍ରଦାନ କରିବା। ସକାଳୁ ମୋଟ ୧୬୧ ଜଣଏହି କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ପରୀକ୍ଷା କରାଇଥିବା ବେଳେ ଶିବିରରେ ୮୩ ଜଣ ନୂତନ ୟୁ.ଡି.ପରିଚୟ ପତ୍ର ପାଇଁ ଚିନ୍ହଟ ହୋଇଥିଲେ। ଶିବିରରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ପ୍ରଧାନ ଡାକ୍ତରମାନେ, ବିଶେଷଜ୍ଞ ସର୍ଜନ୍, ଫିଜିଓଥେରାପିଷ୍ଟ ଓ ପାରାମେଡିକଲ୍ ଷ୍ଟାଫ୍ମାନେ ଅଂଶଗ୍ରହଣ କରିଥିଲେ। ସେମାନେ ଭିନ୍ନକ୍ଷମ ଲୋକଙ୍କୁ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କିତ ସୁବିଧା, ପ୍ରାଥମିକ ଚିକିତ୍ସା, ନିଶୁଳ୍କ ଔଷଧ ବଂଟନ ସହିତ ଆବଶ୍ୟକ ପରୀକ୍ଷା କରିଥିଲେ। ସେଥିପାଇଁ ଶିବିରରେ ଅନେକ ଭିନ୍ନକ୍ଷମମାନଙ୍କୁ କୃତ୍ରିମ ଅଙ୍ଗ, କାନ ସୁଣିବା ଯନ୍ତ୍ର, ହ୍ୱିଲଚେୟାର, ବାକିଙ୍ଗ୍ ଷ୍ଟିକ୍ ଓ ଅନ୍ୟାନ୍ୟ ସାହାୟକ ସାମଗ୍ରୀ ବଂଟନ ପାଇଁ ଚିନ୍ହଟ କରି ଆଗାମୀ ୧୫ ତାରିଖ ବ୍ଲକରେ ଥିବା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଦିନ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଯୋଡ଼ା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡାନିଷ ବେହେରା କହିଥିଲେ ଯେ "ସମାଜରେ ଦୀବ୍ୟାଙ୍ଗ ଏବଂ ଭିନ୍ନକ୍ଷମ ମାନେ କେବଳ ସହାନୁଭୂତିର ପାତ୍ର ନୁହେଁ, ସେମାନଙ୍କୁ ସମାନ ଅଧିକାର ଓ ସୁଯୋଗ ଦେବାକୁ ଆମ ସମସ୍ତଙ୍କର କର୍ତବ୍ୟ। ଏହି କାର୍ଯ୍ୟକ୍ରମ ରେ ଯୋଡ଼ା ବ୍ଲକ ଅଂଚଳର ସମସ୍ତ ସରପଂଚ, ସମିତି ସଭ୍ୟ, ଯୋଡ଼ା ପୌରପାଳିକା ରଉପନଗରପାଳ, ସମସ୍ତ ୱାର୍ଡ ମେମ୍ବର ସମେତ ବ୍ଲକର ସମସ୍ତ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ରେଳ ବିକାଶ ଉପରେ ପ୍ରଶ୍ନ କରିବାକୁ ଆଇନଜୀବିଙ୍କ ଦାବି: ଡ଼ାବୁଗାଁ ବିଧାୟକଙ୍କ ପ୍ରତିଶ୍ରୁତି

ଜୟପୁର, ୧୧/୦୯ (ନି.ପ୍ର): ଆଗାମୀ ବିଧାନସଭା ଅଧିବେଶନରେ ଅବିଭକ୍ତ କୋରାପୁଟ ଜିଲ୍ଲାର ରେଳ ବିକାଶ ଉପରେ ପ୍ରଶ୍ନ ଉଠାଇବାକୁ ଆଜି ଜୟପୁରର ବରିଷ୍ଠ ଆଇନଜୀବୀ ମାନେ ଡ଼ାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କ ନିକଟରେ ଅନୁରୋଧ ରଖିଛନ୍ତି । ଆଇନଜୀବୀଙ୍କ ପକ୍ଷରୁ ଏକ ପତ୍ର ମାଧମରେ କୁହାଯାଇଛି ଯେ, ଗତ ୨୦୧୬ ମସିହାରେ ଓଡ଼ିଶା ସରକାର ଏବଂ ରେଳ ବିଭାଗ ମଧ୍ୟରେ ଏକ ଚୁକ୍ତିନାମା ସାକ୍ଷର ହୋଇଥିଲା । ଉକ୍ତ ଚୁକ୍ତି ଅନୁସାରେ ରାଜ୍ୟ ସରକାର ଉଭୟ ଜୟପୁର-ନବରଙ୍ଗପୁର ଏବଂ ଜୟପୁର-ମାଲକାନଗିରି ନୂଆଁ ରେଳ ପଥ ନେଇ ମାଗଣାରେ ଜମି ଯୋଗାଇବା ସହ ଖର୍ଚ୍ଚର ଅଧା ଅଂଶ ଦେବାକୁ ରାଜି ହୋଇଥିଲା । ତତ୍ସହ ରେଳ ବିଭାଗ ଉଭୟ ପ୍ରକଳ୍ପ ୨୦୨୨ ମସିହା ସୁଦ୍ଧା ସାରିବା ନେଇ ଘୋଷଣା କରି ଜୟପୁର ରେଳ ଷ୍ଟେସନରେ ସୂଚନା ଫଳକ ମଧ୍ୟ ଠିଆ କରାଇଥିଲେ । କିନ୍ତୁ ଦୁର୍ଭାଗ୍ୟ ୯ ବର୍ଷ ବିତିଥିଲେ ବି ଏହା ସରିବା ତ ଦୂରକଥା ଆରମ୍ଭ ମଧ୍ୟ ହୋଇ ପାରିନାହିଁ । ତେଣୁ ଏ ସଂପର୍କରେ ବିଧାନସଭାରେ ପ୍ରଶ୍ନ କରିବାକୁ ଅନୁରୋଧ କରିଥିଲେ । ତତ୍ ସହ ଗତ ପରବ-୨୦୨୪ ଉଦ୍ୟାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଥିଲେ ଯେ, କୋରାପୁଟରୁ ଭୁବନେଶ୍ୱରକୁ ଦିନ ବେଳେ ଏକ ଟ୍ରେନ୍ କମ୍ ଦିନ ମଧ୍ୟରେ ଚଳ ପ୍ରଚଳ ଆରମ୍ଭ କରିବ । ପୁଣି ମୁଖ୍ୟମନ୍ତ୍ରୀ ଜୟପୁର ଠାରେ ସୁଭଦ୍ରା ଯୋଜନା ବଂଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜୟପୁରରୁ ଭୁବନେଶ୍ୱରକୁ ବନ୍ଦେ ଭାରତ ଚଳ ପ୍ରଚଳ କରିବ ବୋଲି ଘୋଷଣା କରିଥିଲେ । କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଦୁଇ ଦୁଇ ଥର ପ୍ରତିଶୃତି ପରେ ମଧ ରେଳ ବିଭାଗ ଆଦିବାସୀ ବହୁଳ ଏହି ଜିଲ୍ଲାକୁ ଗୁରୁତ୍ୱ ଦେବା ଭଳି ଲାଗୁନାହିଁ। ଏହାକୁ ନେଇ ଆଇନଜୀବୀଙ୍କ ପକ୍ଷରୁ ବିଧାୟକଙ୍କୁ ଏ ସଂପର୍କରେ ବିଧାନସଭାରେ ପ୍ରଶ୍ନ କରିବାକୁ ଅନୁରୋଧ କରାଯାଇଛି । ଭୁବନେଶ୍ୱର ଅଭିମୁଖେ ଯାଉଥିବା ବିଧାୟକଙ୍କୁ ଏହି ଅନୁରୋଧ ପତ୍ର ଜୟପୁର ଠାରେ ପ୍ରଦାନ ସମୟରେ ଜିଲ୍ଲା ବାର୍ ଆସୋସିଏସନ୍ର ପୂର୍ବତନ ସଭାପତି ବିରେଶ ପଟ୍ଟନାୟକ, ରାଜ୍ୟ ବାର୍ କାଉନ୍ସିଲ୍ ସଦସ୍ୟ ପି.ରମେଶ ପାତ୍ର, ବାଲା ରାୟ, ସୁଧିର ତ୍ରିପାଠୀ, ରବି ପଟ୍ଟନାୟକ, ଗିରିଧର ଖରା, ରାଜେନ୍ଦ୍ର କୁମାର ଗୌଡ଼ ପ୍ରମୁଖ ଉପସ୍ଥିତ ରହିଥିଲେ । ଉତରରେ ଡ଼ାବୁଗାଁ ବିଧାୟକ ରନ୍ଧାରୀ କହିଛନ୍ତି ଯେ, ଆଗାମୀ ଅଧିବେସନରେ ଉଭୟ ପ୍ରଶ୍ନ ବିଧାନସଭାରେ ଉତଥାପନ କରିବି । କେବଳ ୩୮ କିମି ରେଳପଥ ନବରଙ୍ଗପୁର ଜିଲ୍ଲା ପାଇଁ କରିବାକୁ ଏତେ ସମୟ କାହିଁକି ନେଉଛି ଏହି ଡବଲ୍ ଇଂଜିନ୍ ସରକାର ତାହାର ଜବାବ ରାଜ୍ୟବାସୀ ଜାଣିବାର ହକ୍ ଅଛି । ସେହିପରି ପୂର୍ବରୁ ଯେଉଁ ଭୁବନେଶ୍ୱର-ବିଶାଖପାଟଣା ମଧ୍ୟରେ ସପ୍ତାହରେ ୬ ଦିନ ଚାଲୁଥିବା ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍କୁ ଭାୟା ଆରାକୁ ଦେଇ କୋରାପୁଟ ଯାଏଁ ସଂପ୍ରସାରଣ କରିବାକୁ ଦାବି ହୋଇଛି ଏବଂ ମୁଖ୍ୟମନ୍ତ୍ରୀ ମଧ ଘୋଷଣା କରିଛନ୍ତି ସେ ସଂପର୍କରେ ମଧ ତାଙ୍କ ଠାରୁ ବିଧାନସଭାରେ ଉତର ଚାହିଁବି । ଏହି ବନ୍ଦେ ଭାରତ ଚାଲିଲେ ଅବିଭକ୍ତ କୋରାପୁଟ ଜିଲ୍ଲାବାସୀ ବେଶ୍ ଉପକୃତ ହେବେ ଏବଂ ହିରାଖଣ୍ଡ ଟ୍ରେନ୍ରୁ ମଧ ଭିଡ଼ କମିବ । ସାଧାରଣତଃ ୮୦୦ କିମି ଦୂରତା ମଧ୍ୟରେ ରହିଥିବା ପ୍ରମୁଖ ସହର ଗୁଡ଼ିକର ଯାତ୍ରୀଙ୍କ ସୁବିଧା ପାଇଁ ରେଳ ବିଭାଗ ବନ୍ଦେ ଭାରତ ଏକ୍ସପ୍ରେସ୍ର ପରିକଳ୍ପନା କରିଛି । କିନ୍ତୁ ଓଡ଼ିଶାରେ ଚାଲୁଥିବା ୫ଟି ମଧ୍ୟରୁ ଭୁବନେଶ୍ୱର-ବିଶାଖପାଟଣା ବନ୍ଦେ ଭାରତ ୫ ଘଂଟାରେ ସର୍ବନିମ୍ନ ୪୪୨ କିମି ଗଡ଼ି ବିଶାଖପାଟଣାରେ ୪ ଘଂଟା ଏବଂ ଭୁବନେଶ୍ୱରରେ ୬ ଘଂଟା ଠିଆ ରହୁଛି । ଏହି ୧୦ ଘଂଟାର ହାଲ୍ଟିଂ ସମୟକୁ ଉପଯୋଗ କରି ଯଦି ଏହି ଟ୍ରେନ୍କୁ ଆରାକୁ ଦେଇ କୋରାପୁଟ ଯାଏଂ ମାତ୍ର ୨୧୫ କିମି ସଂପ୍ରସାରଣ କରାଯିବ, ତେବେ ବନ୍ଦେ ଭାରତ ଏକ୍ସପ୍ରେସ୍ ପରିକଳ୍ପନାର ସାର୍ଥକତା ଆସିବା ସମ୍ଭବ ବୋଲି ବିଧାୟକ କହିଛନ୍ତି । କୋରାପୁଟରୁ ୬୮୦ କିମି ଅତିକ୍ରାନ୍ତ କରି ରାୟଗଡ଼ା ଦେଇ କେବଳ ଗୋଟିଏ ମାତ୍ର ଟ୍ରେନ୍ ହିରାଖଣ୍ଡ ଏକ୍ସପ୍ରେସ୍ ରାଜ୍ୟ ରାଜଧାନୀକୁ ୧୩ ଘଂଟା ଯାତ୍ରା କରି ପ୍ରତ୍ୟେହ ସଂଯୋଗ କରୁଛି । ଯଦି ବନ୍ଦେ ଭାରତ ୨୦୮୪୧କୁ ସଂପ୍ରସାରଣ କରାଯାଏ ତେବେ କୋରାପୁଟରୁ ଭୁବନେଶ୍ୱର ଯାତ୍ରା ହିରାଖଣ୍ଡ ତୁଳନାରେ ୩୦ କିମି କମ୍ ପଡିବା ସହ ଯାତ୍ରୀଙ୍କ ୫ ଘଂଟା ସମୟ ଅପଚୟ ନ ହୋଇ ବଂଚିଯିବ । ତେଣୁ ଏହି ଟ୍ରେନ୍ର ଗୁରୁତ୍ୱ ରହିବା ସହ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ସତ୍ୱେ ଏଥିରେ କାହିଁକି ବିଳମ୍ବ ହେଉଛି, ସେନେଇ ବିଧାନସଭାରେ ପ୍ରଶ୍ନ କରିବି ବୋଲି ରନ୍ଧାରି କହିଛନ୍ତି ।

## ଶ୍ରୀଅନ୍ନ ଅଭିଯାନ କ୍ରମେ ସଘନ ପ୍ରଣାଳୀରେ ମାଣ୍ଡିଆ ଚାଷ ପ୍ରଶିକ୍ଷଣ

ସମ୍ବଲପୁର, ୧୧/୦୯ (ନି.ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଅନ୍ତର୍ଗତ କେନାଢିପା ପଂଚାୟତ ସ୍ଥିତ ବିଞ୍ଜିପାଲି ରାଜୀବ ଭବନ ପରିସରରେ ଆଜି ଶ୍ରୀଅନ୍ନ ଅଭିଯାନ କ୍ରମେ ସଘନ ପଦ୍ଧତିରେ ମାଣ୍ଡିଆ ଚାଷ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ସମନ୍ୱିତ ବିକାଶ ପ୍ରତିଷ୍ଠାନ(ସିଡି)ର ଆର୍ଥିକ ଅନୁଦାନ ଓ ଶଗଡ଼େଶ୍ୱର ଆଗ୍ରୋ ପ୍ରଡ୍ୟୁସର କମ୍ପାନୀ ସହାୟତାରେ ଏହି ପ୍ରଶିକ୍ଷଣ ଶିବିର ପରିଚାଳନା ହୋଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ସମ୍ବଲପୁର ଜିଲ୍ଲା କୃଷି ଅଧିକାରୀ ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମିଲେଟର ପୋଷକ ତତ୍ୱ, ବଜାର ସମ୍ଭାବନା ଓ ଏହାର ଜଳବାୟୁ ପ୍ରତିରୋଧକ ଗୁଣବତା ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ କେନାଢିପା ସରପଂଚ କଲ୍ୟାଣୀ ନାଏକ, ନାଏବ ସରପଂଚ ବନମାଳୀ ଧାରୁଆଙ୍କ ସମେତ ବିଭିନ୍ନ ୱାର୍ଡ଼ର ସଭ୍ୟସଭ୍ୟାମାନେ ଯୋଗଦାନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଏଫ୍‌ପିଓର ସିଇଓ ଗୋପବନ୍ଧୁ ସାହୁ ମିଲେଟର ବଜାର ବ୍ୟବସ୍ଥା ଏବଂ ଶ୍ରୀଅନ୍ନ ଅଭିଯାନର ସଂଯୋଜକ ରାହୁଲ ରୋଷନ ପ୍ରଧାନ ଏବଂ ସହ ସଂଯୋଜକ ଅନୀଲ କୁମାର ଜେନା ମିଲେଟ ଚାଷର ଉପକାରୀତା ଉପରେ ସଚେତନ କରାଇଥିଲେ। ପ୍ରଶିକ୍ଷଣରେ କ୍ଷେତ୍ର ପରିଦର୍ଶକ ଅକ୍ଷୟ ଦେହୁରୀ ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରଶିକ୍ଷଣ ଶେଷରେ ରମେଶ କୁମୁରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ କେନାଢିପା ପଂଚାୟତର ନକଟିପାଲି, ବେଲୁଆମାଲ, ସର୍ବେ ଓ ଫୁଲଚାଙ୍ଗୁଡ଼ି ଗ୍ରାମର ଶତାଧିକ ଚାଷୀ ଓ ଉତ୍ସାହୀ ଯୋଗ ଦେଇଥିଲେ।

## ବଲାଙ୍ଗିରରେ ଅତିରିକ୍ତ ରେଲୱେ ଡିଭିଜିନାଲ ମ୍ୟାନେଜର କାର୍ଯ୍ୟାଳୟ ଦାବିକୁ ସମର୍ଥନ ଦେଲେ ସାଂସଦ

ବଲାଙ୍ଗିର, ୧୧/୦୯ (ନି.ପ୍ର): ରେଳ ଉପଭୋକ୍ତ ସଂଘ ବୈଠକର ନିଷ୍ପତ୍ତି ଅନୁସାରେ ରେଳମନ୍ତ୍ରୀଙ୍କୁ ବଲାଙ୍ଗିର ଠାରେ ଇଷ୍ଟକୋଷ୍ଟ ରେଲୱେ ର ଏକ ଅତିରିକ୍ତ ଡିଭିଜିନାଲ ରେଲୱେ ମ୍ୟାନେଜର କାର୍ଯ୍ୟାଳୟ ଖୋଲିବା ପାଇଁ ଦାବି କରାଯାଇ ଚିଠି କରାଯାଇଥିଲା । ତାହାର ଗୋଟିଏ କପି ସ୍ଥାନୀୟ ସାଂସଦମାନଙ୍କ ଇ-ମେଲ କୁ ମଧ ଦିଆଯାଇଥିଲା । ତାର ପ୍ରତିଉତ୍ତରରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଆଗାମୀ ଦିନରେ ବଲାଙ୍ଗିର-ଖୋର୍ଦ୍ଧା ରେଳପଥ ଖୋଲିବାର ଥିବା, ବଲାଙ୍ଗିର ଦେଇ ଅନେକ ଗାଡି ବିଶାଖାପାଟନା, ବନାରସ, ବଲାଙ୍ଗିର ନୁଆଁପଡା କୁ ନୂତନ ରେଳପଥ ଆଦି ଥିବାରୁ ବଲାଙ୍ଗିର ରେ ଏକ ଅତିରିକ୍ତ ଡିଭିଜିନାଲ ରେଲୱେ ମ୍ୟାନେଜର କାର୍ଯ୍ୟାଳୟ ଖୋଲିବାକୁ ରେଳମନ୍ତ୍ରୀଙ୍କୁ ଚିଠି କରିଛନ୍ତି । ଏହାକୁ ବଲାଙ୍ଗିର ଜିଲ୍ଲା ରେଳ ଉପଭୋକ୍ତା ସଂଘ, ବରଗଡ ରେଳ ଉପଭୋକ୍ତା ସଂଘ, ସୋନପୁର ସଂଘ ତଥା ବଲାଙ୍ଗିର ର ଅନେକ ସଂଘ ସ୍ୱାଗତ କରି ଆନନ୍ଦ ପ୍ରକାଶ କରିଥିବାରୁ ସଭାପତି ପ୍ରଫେସର ତରୁଣ କୁମାର ମିଶ୍ର ରାଜ୍ୟସଭା ସାଂସଦଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

## ଏସିଡ୍ ଆକ୍ରମଣ ଏବଂ ପୀଡ଼ିତା କ୍ଷତିପୂରଣ ଯୋଜନା ସମ୍ବନ୍ଧୀୟ ଆଇନ୍ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, ୧୧/୦୯ (ନି.ପ୍ର): ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଚରମ୍ପା ମହାବିଦ୍ୟାଳୟ, ଚରମ୍ପା ଠାରେ ଏସିଡ଼ ଆକ୍ରମଣ ଜନିତ ପିଡ଼ିତା କ୍ଷତି ତଥା ଯୋଜନା ୨୦୧୬ ଓ ୨୦୧୭ ଏବଂ ତତ୍‌ସହ ସେମାନଙ୍କ ପାଇଁ ଥିବା ଆଇନ୍ ଓ ସେମାନଙ୍କ ପାଇଁ ସରକାରୀ ବ୍ୟବସ୍ଥା ସଂପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ପୂଣ୍ୟଶ୍ଳୋକ ରଥ, ସଚିବ, ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ, ଭଦ୍ରକ ପରିଚାଳନା କରିଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ ପିଲମାନଙ୍କ ଦ୍ୱାରା ଆୟୋଜିତ ଏସିଡ଼୍ ଆକ୍ରମଣ ଉପରେ ଗୋଟିଏ ସୁନ୍ଦର ନାଟକ କରିବେଶିତ ହୋଇଥିଲା ଯାହାକି ଉପସ୍ଥିତ ଥିବା ପିଲାମାନଙ୍କୁ ମଧ ଏକ ଶିକ୍ଷଣୀୟ ବିଷୟ ହୋଇଥିଲା । ପିଲାମାନେ ଏହି ବୟସରେ ନିଜର ପାଠ ତଥା ଭବିଷ୍ୟତକୁ ସୁନ୍ଦର ଭାବେ କିପରି ସଠିକ୍ ଉପାୟରେ ଗଢ଼ିତୋଳିବେ ତଥା ପିଲାମାନେ ଏହି ଛାତ୍ର ଜୀବନକୁ ଖରାପ ଦିଗରେ ନନେଇ ଆଗକୁ ଦେଶର ଜଣେ ସୁନାଗରିକ ହୋଇ ବାହାରନ୍ତୁ ତାହା ଉପରେ ପର୍ଯ୍ୟବେଶିତ ହୋଇଥିଲା । ଏହି ନାଟକର ଉପଦେଷ୍ଟା ତପନ କୁମାର ନାୟକ, ମୁଖ୍ୟ ଓଡ଼ିଆ ବିଭାଗ, ସୁନ୍ଦର ଶୈଳୀରେ ପିଲାମାନଙ୍କୁ ନେଇ ପରିବେଷଣ କରିଥିଲେ । ଏଡି କାର୍ଯ୍ୟକ୍ରମ ମାଧମରେ ଏସିଡ଼ ଆକ୍ରମଣ ଉପରେ ସଚେତନତା ବାର୍ତ୍ତା ଏବଂ ଲଲାଟେନ୍ଦୁ ମହାନ୍ତିଙ୍କ ଦ୍ୱାରା ଆୟୋଜିତ ଏସିଡ୍ ଆକ୍ରମଣର ସୁନ୍ଦର ପ୍ରଦର୍ଶନ ଟିଏ ଯାହାକି ପିଲାଙ୍କ ପାଇଁ ଅତ୍ୟନ୍ତ ଆବଶ୍ୟକ ସେସବୁକୁ ସେ ସେହି ଭିଡ଼ିଓ ମାଧମରେ ପ୍ରଦର୍ଶିତ କରିଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନଙ୍କ ମଧ୍ୟରେ ଅଂଶୁମାନ ଦ୍ୱିବେଦୀ, ଅତିରିକ୍ତ ଆରକ୍ଷୀ ଅଧିକାରୀ, ଭଦ୍ରକ, ଲଲାଟେନ୍ଦୁ ମହାନ୍ତି, ନିର୍ଦ୍ଦେଶକ, ଫେଲୋସିପ୍, ଭଦ୍ରକ ଡ଼ଃ. ତାପସ କୁମର ମହାନ୍ତି, ସହକାରୀ ପ୍ରତିପକ୍ଷ ଓକିଲ, ଭଦ୍ରକ, ହିମାଦ୍ରୀ ନନ୍ଦିନୀ ବିଶ୍ୱାଳ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ, ଭଦ୍ରକ, ଅମରେନ୍ଦ୍ର ଦାସ, ଅଧକ୍ଷ ଚରମ୍ପା ମହାବିଦ୍ୟାଳୟ, ଭଦ୍ରକ ତଥା ତପନ କୁମାର ନାୟକ, ଅଧାପକ, ଓଡ଼ିଆ ବିଭାଗ ମୁଖ୍ୟ , ଡ଼. ସୁକାନ୍ତି ମହାପାତ୍ର, ଅଧାପିକ,ଇଂରାଜୀ ବିଭାଗ ମୁଖ୍ୟ ତଥା ମହାବିଦ୍ୟାଳୟର ଅନ୍ୟାନ୍ୟ ଅଧାପକ ଏବଂ ଅଧାପିକା, ମହାବିଦ୍ୟାଳୟର ସମସ୍ତ କର୍ମୀ ଏବଂ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର କର୍ମୀ ମଧ ଯୋଗଦେଇ ଥିଲେ । ଏହି କାର୍ଯ୍ୟକ୍ରମ ଜରିଆରେ ଜାତୀୟ ଆଇନ୍‌ସେବା ପ୍ରାଧିକରଣଙ୍କ ପ୍ରଦତ୍ତ ଦେୟ ମୁକ୍ତ ନମ୍ବର ୧୫୧୦୦ ସାହାଯ୍ୟରେ ଜଣେ ଆଇନ୍ ସହାୟତା ପାଇପାରିବ ବୋଲି କୁହାଯାଇଥିଲା ।

## ରକ୍ତହୀନତା ଓ ଦୃଷ୍ଟିଜନିତ ସମସ୍ୟା ଦୂରୀକରଣ ଦିଗରେ ସଚେତନତା ନେଇ ଅଭିନବ ପ୍ରୟାସ କରିଛନ୍ତି ରାଜ୍ୟପାଳ

ମାଲକାନଗିରି, ୧୧/୦୯ (ନି.ପ୍ର): ଓଡ଼ିଶାର ରାଜ୍ୟପାଳ ଡ଼ ହରିବାବୁ କମ୍ଭମପାଟି ଦିନିକିଆ ମାଲକାନଗିରି ଗସ୍ତରେ ଆସି ଖଇରପୁଟ ବ୍ଲକ ଆଦିମ ଜନଜାତି ବଣ୍ଡା ସମ୍ପ୍ରଦାୟ ବସବାସ କରୁଥିବା ମୁଦୁଲିପଡ଼ା ପଞ୍ଚାୟତ ସ୍ଥିତ ସରକାରୀ ଏସଏସଡି ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଛାତ୍ରୀ ମାନଙ୍କ ମଧ୍ୟରେ ଦେଖା ଯାଉଥିବା ରକ୍ତ ହୀନତା ଓ ଦୃଷ୍ଟି ଜନିତ ସମସ୍ୟା ଉପରେ ସଚେତନ କରିଛନ୍ତି ରାଜ୍ୟପାଳ । ଏହି କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କ ପାଇଁ ୧୨ ଗୋଟି ଦୃଷ୍ଟି ଜନିତ ସମସ୍ୟା ଚିହ୍ନଟ କରିବା ଯନ୍ତ୍ର (ଫୋଲ୍ଡିଙ୍ଗ ଓରପ୍ଟର) ପ୍ରଦାନ କରିଛନ୍ତି। ସୂଚନା ଯୋଗ୍ୟ ଏଲ ଭି ଆଇ ପ୍ରସାଦ ଆଇ ଇନଷ୍ଟିଚ୍ୟୁଟ୍ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଭାଗ ସହଯୋଗ ରେ ଏହାକୁ ପ୍ରଦାନ କରାଯାଇଛି ।ତତ୍ ସହିତ ୫୦ ଜଣ ଶିକ୍ଷକଙ୍କୁ ଦୃଷ୍ଟି ଜନିତ ସମସ୍ୟା ଚିହ୍ନଟ କରିବା ଯନ୍ତ୍ର(ଫୋଲ୍ଡିଙ୍ଗ ଓରପ୍ଟର) ର ବ୍ୟବହାର ସମ୍ପର୍କରେ ତାଲିମ୍ ଦିଆଯାଇଛି। ଆଜି ଏସଏସଡି ଉଚ୍ଚ ବିଦ୍ୟାଳୟ ପରିସରରେ ଏକ କ୍ୟାମ୍ପ କରାଯାଇ ଛାତ୍ରୀ ମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇଛି। ସେହିପରି ଏହି ବିଦ୍ୟାଳୟରେ ଅଧୟନରତ ଛାତ୍ରୀ ମାନଙ୍କୁ ରକ୍ତହୀନତା (ଏନେମିଆ) ଉପରେ ସଚେତନ କରାଯାଇଛି । ରାଜ ଭବନ ପକ୍ଷରୁ ଏହି ବିଦ୍ୟାଳୟରେ ଅଧୟନରତ ଛାତ୍ରୀ ମାନଙ୍କୁ ଦୁଇ ମାସ ପର୍ଯ୍ୟନ୍ତ ବିଟ୍, ଗାଜର ଓ ବାଦାମ ଲଡୁ ( ଚିକି) ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି। ସୂଚନା ଥାଉ କି ଏହି ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ ରାଜ୍ୟପାଳ ଏହି ବିଦ୍ୟାଳୟରେ ଆରମ୍ଭ କରିଛନ୍ତି ଏବଂ ଏହାର ସମସ୍ତ ଖର୍ଚ୍ଚ ରାଜ ଭବନ ପକ୍ଷରୁ ବହନ କରାଯିବ। ଆଜି ରାଜ୍ୟପାଳଙ୍କ ଉପସ୍ଥିତିରେ ଛାତ୍ରୀ ମାନେ ଗାଜର ଓ ବିଟ୍ ଜୁସ୍ ପିଇବା ସହ ଗୋଟିଏ ଲେଖାଏ ବାଦାମ ଲଡୁ (ଚିକି) ଖାଇଛନ୍ତି। ପ୍ରତ୍ୟେକ ଦିନ ସକାଳ ନଅଟାରେ ଛାତ୍ରୀ ମାନଙ୍କୁ ଗୋଟିଏ ଗ୍ଲାସ୍ ଗାଜର ଓ ବିଟ୍ ଜୁସ୍ ସହ ଗୋଟିଏ ଲେଖାଏ ବାଦାମ ଲଡୁ (ଚିକି) ଦିଆଯିବ ।ଏହି ସ୍ୱତନ୍ତ୍ର ଶୁଭାରମ୍ଭ କାର୍ଯ୍ୟକ୍ରମ ରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, କମିଶନର ତଥା ସଚିବ ରୂପା ରୋଶନ ସାହୁ, ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍ ଓ ବନଖଣ୍ଡ ଅଧିକାରୀ ସାଇ କିରଣ ଉପସ୍ଥିତ ଥିଲେ।

## ବିଦ୍ୟାର୍ଥୀ ପରିଷଦର ସଦସ୍ୟତା ଅଭିଯାନ

କେନ୍ଦୁଝର, ୧୧/୦୯ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର୍ ନଗର ତରଫରୁ ବ୍ରଜବନ୍ଧୁ ମାହାବିଦ୍ୟାଳୟରେ ମହା ସଦସ୍ୟତା ଦିବସରେ ସଦସ୍ୟତା ହୋଇଯାଇଛି। ଆଜିର ଏହି କାର୍ଯ୍ୟକ୍ରମ ରେ ପାଂଚ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସଦସ୍ୟତା ଗ୍ରହଣ କରିଥିଲେ।

## ରୟାଲିୟନ୍ସ କ୍ଲବ ତରଫରୁ ରାମ ଲାଲାଙ୍କୁ ଅଶ୍ରୁଳ ବିଦାୟ

ଭୁବନ, ୧୧/୦୯ (ନି.ପ୍ର): ରୟାଲିୟନ୍ସ କ୍ଲବ ୨୦୧୨ ମାଟ୍ରିକ ବ୍ୟାଚ୍ ତରଫରୁ ୧୨ ବର୍ଷ ପୂର୍ତି ଅବସରରେ ପ୍ରସିଦ୍ଧ ଗଣେଶ ପୂଜାରେ ହାଇସ୍କୁଲ ପଡ଼ିଆରେ ଅଯୋଧ୍ୟା ରାମ ମନ୍ଦିର ଆକୃତି ର ତୋରଣ କରି ସାରା ରାଜ୍ୟରେ ଚର୍ଚ୍ଚିତ ହୋଇଥିଲା । ଦୀର୍ଘ ୧୫ ଦିନ ଧରି ରାମ ଲାଲାଙ୍କୁ ପୂଜାର୍ଚ୍ଚନା କରାଯାଉଥିବା ବେଳେ ଲକ୍ଷାଧିକ ଲୋକ ରାମ ଲାଲାଙ୍କୁ ଦର୍ଶନ କରିଥିଲେ । ବୁଧବାର ଅପରାହ୍ନରେ ଲଉଡି ବାଡି ଖେଳ, ବାଜା ବାଣରେ ରାମ ଲାଲାଙ୍କୁ ଏକ ସୁସଜ୍ଜିତ ରଥରେ ସହର ପରିକ୍ରମା କରାଯାଇଥିଲା । ବିଭିନ୍ନ ସ୍ଥାନରେ ମହିଳାମାନେ ପ୍ରଭୁ ରାମଲାଲାଙ୍କୁ ବନ୍ଦାପନା କରିଥିଲେ ।

## ଅସ୍ଥାୟୀ ଦୋକାନ ଉଚ୍ଛେଦ, ଥଇଥାନ ପାଇଁ ଦାବି

ଭୁବନ, ୧୧/୦୯ (ନି.ପ୍ର): ଭୁବନ ଏନ୍ ଏ ସି ଅନ୍ତର୍ଗତ ନୂଆ ବଜାର (ବସଷ୍ଟାଣ୍ଡ) ଠାରୁ କାଳୀ ବଜାର ରାସ୍ତା ଅବରୋଧ କରି ଅସ୍ଥାୟୀ ଭାବେ ଦୋକାନ ଗୁଡ଼ିକୁ ବୁଧବାର ଦିନ ଉଚ୍ଛେଦ କରାଯାଇଛି । ଏହି ରାସ୍ତା ସର୍ବଦା ଜାମ ରହୁଥିବାରୁ ରାସ୍ତା ଚଉଡ଼ା କରିବା ସକାଶେ ବାରମ୍ବାର ନୋଟିସ ଦେବା ସତ୍ୱେ ଅସ୍ଥାୟୀ ଦୋକାନ କରି ଜୀବିକା ନିର୍ବାହ କରୁଥିବା ବ୍ୟକ୍ତି ମାନେ ଦୋକାନ ଉଚ୍ଛେଦ କରୁ ନଥିବାରୁ ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ,ନିର୍ବାହୀ ଅଧିକାରୀ ପ୍ରଦତ ସାହୁ,ଆଇ ଆଇ ସି ଜିତେନ୍ଦ୍ର ମଲ୍ଲିକ ପୋଲିସ ଫୋର୍ସ ଙ୍କ ସହାୟତାରେ ଜେ ସି ବି ଲଗାଇ ବଳ ପୂର୍ବକ ଉଚ୍ଛେଦ କରିଥିଲେ । ପ୍ରାୟ ୫୦ ରୁ ଉର୍ଦ୍ଧ୍ୱ ଅସ୍ଥାୟୀ ଦୋକାନ ଓ ରାସ୍ତାକୁ ମାଡ଼ି ଥିବା ଦୋକାନ ଉଚ୍ଛେଦ କରାଯିବା ପରେ ଜୀବିକା ହରାଇ ବ୍ୟବସାୟୀ ମାନେ ହତୋତ୍ସାହ ହୋଇ ପଡିଛନ୍ତି । ଯଥାଶୀଘ୍ର ସେମାନଙ୍କୁ ଥଇଥାନ କରାଯିବାକୁ ଜନ ସାଧାରଣରେ ଦାବି ହୋଇଛି ।

## ମାଛ ବନ୍ଧ କରି ପାଣି ଅଟକାଉଥିବା ବନ୍ଧକୁ କାଟିଦେଲେ ତହସିଲଦାର

ଭଦ୍ରକ, ୧୧/୦୯ (ନି.ପ୍ର): ଅନବରତ ବର୍ଷା ଯୋଗୁଁ ଧାମନଗର ଅଞ୍ଚଳ ରେ ୪ ଥର ବନ୍ୟା ଆସି ବ୍ୟାପକକ୍ଷତି ଘଟାଇ ଥିବା ବେଳେ କେତେକ ବ୍ୟକ୍ତି ମାଛ ଧରିବା ପାଇଁ ନଦୀ ରେ ବନ୍ଧ ବାନ୍ଧି ଦେବାରୁ ଚାଷ ଜମିରୁ ପାଣି କମୁନଥିବାରୁ ବୁଧବାର ତହସିଲଦାର ପୋଲିସ ସହାୟତା ରେ ଉକ୍ତ ବନ୍ଧ କୁ କାଟିଦେଇଥିଲେ ଫଳରେ ଚାଷ ଜମିରୁ ପାଣି କମିଥିଲା। ଫଳରେ ଧାମନଗର ବ୍ଲକ ଦଳାଙ୍ଗ, ରାଧାବଲ୍ଲବପୁର, ଭଟ୍ଟସାହି ଓ ବୟାଳଙ୍ଗଡିହି ପଞ୍ଚାୟତର ଶହ ଶହ ଚାଷୀଙ୍କ ଜମିରେ ପାଣି ଜମି ରହିବା ସମସ୍ୟାର ସମାଧାନ ହୋଇଛି। ପ୍ରକାଶ ଥାଉକି ଗେଙ୍ଗୁଟିନଦୀର ସୋଲଗାଁ ନିକଟରେ ଶାଖା ନାଳରେ ହୋଇଥିବା ମାଟିବନ୍ଧ କୁ ଧାମନଗର ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ ଧାମନଗର, ଧୁଷୁରୀ ପୋଲିସ, ଧାମନଗର ଅଗ୍ନିଶମ କର୍ମଚାରୀ ଏବଂ ସ୍ଥାନୀୟ ଲୋକଙ୍କ ସହାୟତାରେ ଭାଙ୍ଗି ଦେଇଛନ୍ତି। ଫଳରେ ଏହାର ଉପର ମୁଣ୍ଡରେ ଜମି ରହିଥିବା ପାଣି ଜମିରୁ ନିଷ୍କାସିତ ହେବା ଆରମ୍ଭ ହୋଇଛି। କିଛି ଲୋକ ମାଛ ଧରିବା ଲାଗି ନାଳରେ ବନ୍ଧ ବାନ୍ଧି ଦେଇଥିଲେ। ଅଗଷ୍ଟ ମାସରୁ ଲଗାଣ ବର୍ଷା ହେବା ଫଳରେ ଦଳାଙ୍ଗ, ବିରୁହାଁ, ଜାହାଙ୍ଗୀର, ଡାହି, ମୁଲଣାଡିହ, ଆମ୍ବିଳିଗାଁ, ପୁରୁଷୋତ୍ତମପୁରବିନ୍ଧା ଓ ବୟାଳଙ୍ଗଡିହି ଗାଁର ଚାଷ ଜମିରେ ପାଣି ଜମି ରହୁଥିଲା। ମାସେ ଧରି ପାଣି ରହିବାରୁ ଧାନ ଚାଷ ନଷ୍ଟ ହେବାରେ ଲାଗିଥିଲା। ଅଧିକାଂଶ ଜମିରେ ଗଛ ପଚିବାରୁ ପୋକ ଲାଗିବା ଆରମ୍ଭ ହୋଇଥିଲା। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଚିନ୍ତାରକାରଣ ହୋଇଥିଲା। ସ୍ଥାନୀୟ ଲୋକେ ଧାମନଗର ତହସିଲଦାରଙ୍କୁ ଭେଟି ଅଭିଯୋଗ କରିଥିଲେ।

## ଛାତ୍ରୀଙ୍କୁ ଦୁଷ୍କର୍ମ ଓ ଅଶ୍ଳୀଳ ଭିଡ଼ିଓ ଭାଇରାଲ ଘଟଣା: ଅଧ୍ୟାପକଙ୍କୁ ୨୦ବର୍ଷ କାରାଦଣ୍ଡାଦେଶ

ବାରିପଦା, ୧୧/୦୯ (ନି.ପ୍ର): ମୟୂରଭଞ୍ଜ ଆଡ଼ ହକ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ ପୋକସୋ କୋର୍ଟରେ ଏକ କଲେଜ ଛାତ୍ରୀଙ୍କୁ ଦୁଷ୍କର୍ମ ଓ ତାଙ୍କର ଅଶ୍ଳୀଳ ଭିଡ଼ିଓ ଭାଇରାଲ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ସନ୍ତୋଷ କୁମାର ନାୟକ ଏହାର ବିଚାର କରି ଅଭିଯୁକ୍ତକୁ ୨୦ବର୍ଷର କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୨,୧୦,୦୦୦ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୨ବର୍ଷ ୬ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଆସାମୀ ଜଣକ ହେଲେ ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ବୁଢ଼ୀମୁହାଁଣ ଅମ୍ବଦା ଗ୍ରାମର ମାନସ ରଞ୍ଜନ ବାରିକ(୨୭)। ସୂଚନାଯୋଗ୍ୟ, ଉଦଳା ସ୍ଥିତ ସାଇ ସାଧନା ଯୁକ୍ତ ଦୁଇ ମହାବିଦ୍ୟାଳୟରେ ମାନସ ଅଧ୍ୟାପକ ଭାବେ କାର୍ଯ୍ୟରତ ଥିଲେ। ସେଠାରେ ଜୈନିକା ନାବାଳିକା ଛାତ୍ରୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ସୃଷ୍ଟି ହୋଇଥିଲା। ଅନେକ ସମୟରେ ନାବାଳିକା ସହିତ ଶାରୀରିକ ସମ୍ପର୍କ ରଖିଥିବା ବେଳେ ଲୁଚାଇ କରି ଉକ୍ତ ସମୟର ଭିଡ଼ିଓ ଏବଂ ଫୋଟ ଉତୋଳନ କରି ରଖିଥିଲେ। ଏହାପରେ ଅଧ୍ୟାପକ ମାନସ ନାବାଳିକାକୁ ଶାରୀରିକ ସମ୍ପର୍କ ରଖିବାକୁ କହିଥିଲେ। କିନ୍ତୁ ସେ ରାଜି ନହେବାରୁ ଅଶ୍ଳୀଳ ଭିଡ଼ିଓ ଭାଇରାଲ କରି ଦେବାର ଧମକ ଦେଇଥିଲା। ଏନେଇ ନାବାଳିକା ଜଣକ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ଜଣାଇବାରୁ ସମସ୍ତ ଅଶ୍ଳୀଳ ଭିଡିଓ ଓ ଫୋଟକୁ ମାନସ ଭାଇରାଲ କରି ଦେଇଥିଲେ। ଏ ବାବଦରେ ପୀଡିତାଙ୍କ ପରିବାର ଲୋକେ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୁଲିସ ଏକ ମାମଲା ରୁଜୁ କରି ପୀଡିତାର ବୟାନ ରେକର୍ଡ କରିଥିଲେ। ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଓ ପୁଲିସର ତଦନ୍ତ ରିପୋର୍ଟକୁ ଭିତି କରି ଜଜ୍ ଉପରୋକ୍ତ ଶୁଣାଣୀ କରିଛନ୍ତି। ପୀଡିତାକୁ ୧ଲକ୍ଷ ଟଙ୍କାର ସହାୟତା ରାଶି ଦେବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ମାମଲାକୁ ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ପରିଚାଳନା କରୁଥିଲେ।

## ଜଙ୍ଗଲ ଜମିକୁ ବେଆଇନ ଭାବେ ଜବରଦଖଲ: ମେଡ଼ିକାଲ କଲେଜ ନିର୍ମାଣ ପାଇଁ କଟିଲା ଗଛ

ବାରିପଦା, ୧୧/୦୯ (ନି.ପ୍ର): ଜଙ୍ଗଲ ଜମିକୁ ବେଆଇନ ଭାବେ ଜବରଦଖଲ କରି ମେଡ଼ିକାଲ କଲେଜ ନିର୍ମାଣ ପାଇଁ ପ୍ରଚେଷ୍ଟା ହେଉଛି। ଯାହାକୁ ନେଇ ଅନେକ ସଂଖ୍ୟକ ଗଛ ଗୁଡ଼ିକ କଟାଯାଇଛି। ମୟୁରଭଞ୍ଜ ଜିଲ୍ଲା ବାରିପଦା ସଦର ବ୍ଲକ ଅନ୍ତର୍ଗତ ଭାଗବତଚନ୍ଦ୍ରପୁର ପଂଚାୟତ ସ୍ଥିତ ତସରୋଳା ମୌଜା ଅଧୀନସ୍ଥ ଏକ ଜଙ୍ଗଲରେ ବେଆଇନ ଭାବେ ଜବରଦଖଲ କାର୍ଯ୍ୟ ଚାଲିଛି। ଯାହାକୁ ନେଇ ଭଞ୍ଜସେନା ପକ୍ଷରୁ ବିରୋଧ କରି ଅଭିଯୋଗ କରିଛନ୍ତି। ବହୁ ଗଛ କାଟି ନିର୍ଦ୍ଦିଷ୍ଟ କୌଣସି ଏକ ନିର୍ମାଣାଧୀନ ସଂସ୍ଥା ମେଡ଼ିକାଲ କଲେଜ କରୁଥିବା ସୂଚନା ମିଳିଛି। ରାସ୍ତା ବାବଦରେ ସ୍ଥାନୀୟ ବାସିନ୍ଦାଙ୍କ ପାଖରୁ ଅଭିଯୋଗ ଓ ଫଟୋ ଭିଡିଓ ପାଇ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଏକ୍ସ ଯୋଗେ ମୁଖ୍ୟମନ୍ତ୍ରୀ, ଜଙ୍ଗଲ ବିଭାଗ ଏବଂ ଜିଲ୍ଲାପାଳ ପ୍ରମୁଖଙ୍କୁ ଅବଗତ କରିଛନ୍ତି। ଯଥାଶୀଘ୍ର ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଅନୁରୋଧ କରିଛନ୍ତି।

## ଶରଧାପୁର ଫୁଟବଲ ଲିଗ୍: ସେମିରେ ଯୋଗମାୟା କ୍ଲବ

ଖୋର୍ଦ୍ଧା, ୧୧/୦୯ (ନି.ପ୍ର): ଖୋର୍ଦ୍ଧା ଉପକଣ୍ଠ ଶରଧାପୁର ସ୍ପୋର୍ଟସ ଆସୋସିଏସନ୍ ଆନୁକୁଲ୍ୟରେ ସ୍ଥାନୀୟ ଖେଳ ପଡ଼ିଆରେ ଶରଧାପୁର ଫୁଟବଲର ତୃତୀୟ କ୍ୟୁଟାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଆଜିର ଖେଳ ରାଇଜିଂ ଷ୍ଟାର୍ ତରତୁଆ ସହିତ ଯୋଗମାୟା କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତେବେ ଖେଳର ପ୍ରଥମାର୍ଦ୍ଧ ସଂଘର୍ଷପୂର୍ଣ୍ଣ ହୋଇଥିଲା। ମାତ୍ର କେହି କାହାରିକୁ ଗୋଲ ଦେଇପାରିନଥିଲେ ।ପରେ ଖେଳର ଦ୍ୱିତୀଆର୍ଦ୍ଧରେ ଯୋଗମାୟା କ୍ଲବ ୨ଟି ଗୋଲ ଦେଇ ବିଜୟୀ ହୋଇଥିଲା। ଫଳରେ ଯୋଗମାୟା କ୍ଲବ ତୃତୀୟ ଦଳ ଭାବେ ସେମିଫାଇନାଲକୁ ପ୍ରବେଶ କରିଛି ।ଆଜିର ମ୍ୟାଚରେ ଅତିଥି ଭାବେ ଶରଧାପୁର ଗାଁ ର ସଭାପତି ଅଲ୍ଲୀ ଅହେମ୍ମଦ, ସଂଘର୍ ସଭାପତି ମହମ୍ମଦ ଜମିରୁଲ ରହେମନ,ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ବଡଜେନା,ମୀନକେତନ ବଡଜେନା, ଜାପାନୀ ନାୟକ, ଲକ୍ଷ୍ମୀଧର ଘଡ଼େଇ ପ୍ରମୁଖ ଯୋଗ ଦେଇଥିଲେ। ଆଜିର ଖେଳକୁ ସାଗିର ଅହମ୍ମଦ ପରିଚାଳନା କରିଥିବା ବେଳେ ଇଜାଜ ହୁସେନ, ଅମଜଦ ଖାଁ ଓ ସୌକତ ଅହମ୍ମଦ ତାଙ୍କୁ ଲାଇନରେ ସହାୟତା କରିଥିଲ । ଆସନ୍ତାକାଲି ଚତୁର୍ଥ ତଥା ଅନ୍ତିମ କ୍ୟୁଟାର ଫାଇନାଲ ମ୍ୟାଚରେ ଶରଧାପୁର ସ୍ପୋର୍ଟସ ଆସୋସିଏସନ୍ ସହିତ ଡାଇନାମିକ କ୍ଲବ ଜଟଣୀ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ଲବ ସମ୍ପାଦକ ଏସ ଇ ହୁଦା ସୁଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### କେବେ ଚେତିବେ...

ଅନାଗ୍ରହ ମଧ୍ୟରେ ପାଣ୍ଡିଆନଙ୍କ ହାକିମାତି କ୍ରମାଗତ ଭାବେ ବରିଷ୍ଠ ନେତାଙ୍କୁ ଅସନ୍ତୁଷ୍ଟ କରୁଥିଲେ ମଧ୍ୟ ବିକଳ୍ପ ନଥିବାରୁ ଦଳରେ ମୁହଁ ମାଡ଼ି ରହିବାକୁ ବାଧ୍ୟ ହୋଇଛନ୍ତି । କେବଳ ଏହି କାରଣରୁ ଦକ୍ଷିଣ ଓଡ଼ିଶାର ପ୍ରଭାବଶାଳୀ ନେତା ଏନ ଭାସ୍କରରାଓ ଓ ତାଙ୍କ ସହଯୋଗୀମାନେ ବିଜେଡିକୁ ବାଏବାଏ କରି ସାରିଥିବାବେଳେ ଦଳର ବରିଷ୍ଠ ନେତା ଦେବାଶୀଷ ସାମନ୍ତରାୟ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରଫୁଲ୍ଲ ମଲ୍ଲିକ, ଅଶୋକ ଚନ୍ଦ୍ର ପଣ୍ଡା, ବଦ୍ରି ନାରାୟଣ ପାତ୍ର ଓ ଅରୁଣ ସାହୁଙ୍କ ଭଳି ନେତାମାନେ ବୁଲେଇବଙ୍କେଇ ବିଜେଡିରେ ପାଣ୍ଡିଆନଙ୍କୁ ଟାର୍ଗେଟ୍ କରିବାରେ ଲାଗିଛନ୍ତି । ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ର ଆଉ ଦୁଇ ପାଦ ଆଗେଇ ଯାଇ ମହାଭାରତ ଉପାଖ୍ୟାନ କଥା କହି ଉଭୟ ନବୀନ ଓ ପାଣ୍ଡିଆନଙ୍କୁ ଟାର୍ଗେଟ୍ କରିବାକୁ ପଛାଇ ନାହାନ୍ତି । ତେବେ ଦଳର ଏହି ନେତାମାନେ ସମସ୍ତେ ବୁଲେଇବଙ୍କେଇ ପାଣ୍ଡିଆନଙ୍କୁ ଟାର୍ଗେଟ୍ କରୁଥିଲେ ମଧ୍ୟ ସେମାନଙ୍କୁ ଡାକି ଦଳୀୟ ଫୋରମରେ ଆଲୋଚନା କରିବା ପରିବର୍ତ୍ତେ ଏହି ବରିଷ୍ଠ ନେତାମାନଙ୍କୁ କିଭଳି ଢଙ୍ଗରେ ଅପମାନିତ କରିହେବ ସେନେଇ ପରଦା ପଛରେ ରହି ପାଣ୍ଡିଆନ ହିଁ ରଣନୀତି କରୁଥିବା ଦଳୀୟ ସୂତ୍ରରୁ ସୂଚନା ମିଳିଛି । ଦଳର ସାଂଗଠନିକ ପରିଚାଳନାକୁ ନେଇ ଏବେ ରାଜ୍ୟର ବିଭିନ୍ନ ଭାଗରୁ ନିର୍ବାଚିତ ଲୋକପ୍ରତିନିଧିମାନେ ଇସ୍ତଫା ଦେବାରେ ଲାଗିଛନ୍ତି । ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ସଭାପତି ତଥା ଛାତ୍ର ବିଜେଡି ନେତା ହରିଶଙ୍କର ରାଉତ ଆଜି ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେବା ସହ ପାଣ୍ଡିଆନଙ୍କ ଉପରେ ବର୍ଷିଛନ୍ତି । ଦୀର୍ଘ ୨୦ ବର୍ଷ ଧରି ସେ ବିଜେଡି ସହିତ ରହି କଠିନ ପରିଶ୍ରମ କରି ସଂଗଠନକୁ ସୁଦୃଢ଼ କରିବା ଦିଗରେ କାର୍ଯ୍ୟ କରିଥିଲେ ମଧ୍ୟ ସେ ପାଣ୍ଡିଆନଙ୍କ ଚାଟୁକାର ହୋଇନଥିବାରୁ ତାଙ୍କୁ ଦଳରେ ଅଣଦେଖା କରାଯାଇଥିବା ଅଭିଯୋଗ କରିଛନ୍ତି । ସ୍ୱାଭିମାନୀ ଓଡିଆ କେବେ ବି ଅଣଓଡ଼ିଆ ପାଣ୍ଡିଆନ ଆଗରେ ମୁଣ୍ଡ ନୁଆଁଇବେ ନାହିଁ । ପାଣ୍ଡିଆନଙ୍କ ଯୋଗୁଁ ବିଜେଡି ଭାଙ୍ଗୁଛି । ଆଗାମୀ ସମୟରେ ବିଜେଡି ଭବିଷ୍ୟତ ଅନ୍ଧାର ବୋଲି କହିବା ପାଣ୍ଡିଆନଙ୍କୁ କଡ଼ା ଭାଷାରେ କଟାକ୍ଷ କରିଛନ୍ତି । ସେହିପରି ବରିଷ୍ଠ ନେତା ପ୍ରଫୁଲ୍ଲ ମଲ୍ଲିକ ମଧ୍ୟ ବିଜେଡିକୁ ତାଗିଦ୍ କରିଛନ୍ତି ।

### ମହାନଦୀ ରିଭରଫ୍ରଣ୍ଟ...

ଦ୍ୱିତୀୟଟି ଭୁବନେଶ୍ୱର ପାଣ୍ଡରା ନିକଟ କୂଆଖାଇ ଓ କୁଶଭଦ୍ରା ନଦୀରେ, ଯେଉଁଥିରେ ସୁରକ୍ଷା କାର୍ଯ୍ୟ, ଘାଟ ବିକାଶ, ରିଙ୍ଗ୍ ରୋଡ୍, ଭ୍ୟୁ ପଏଣ୍ଟ, ଭାସମାନ ଜେଟି, ଲକଗ୍ଲେଟ୍, ସେତୁ, ପାର୍କିଂ, କାଫେଟେରିଆ, ଶୌଚାଳୟ, ନଦୀପଥ ସହ ଆଭ୍ୟନ୍ତରୀଣ ପାଦଚାଳନା ରାସ୍ତା ନିର୍ମାଣ ହେବ। ଏଥିପାଇଁ ୮୦ କୋଟି ଟଙ୍କା ବିନିଯୋଗ କରାଯିବ।

### ସରିଲା ରତ୍ନଭଣ୍ଡାର ...

ବିଭିନ୍ନ ପ୍ରକଳ୍ପର ବାକି ଥିବା କାମ ସାରିବାକୁ ଦିଆଯାଇଛି ସମୟସୀମା । ତେବେ ସରକାର ଯୋଜନା କରିଥିବା ପୁରୀର ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରାଯାଇଛି । ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁରୀ ଜିଲ୍ଲାପାଳ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ, ଓବିସିସି କର୍ମଚାରୀ ଉପସ୍ଥିତ ରହିଥିଲେ । ମନ୍ଦିର ପରିକ୍ରମାଠାରୁ ଆରମ୍ଭ କରି ବିଭିନ୍ନ ପ୍ରକଳ୍ପର ସ୍ଥିତି କଣ ଅଛି କେବେ ସରିବ ସେନେଇ ସମୟସୀମା ଧାର୍ଯ୍ୟ କରି ଡେଡ୍‌ଲାଇନ ଦିଆଯାଇଛି । ୫ଟି ପୁଷ୍କରିଣୀ ସଂରକ୍ଷଣ, ପୁରୀ ଟ୍ରାଫିକ ସମସ୍ୟା ଦୂରୀକରଣ, ପ୍ରମୋଦ ଉଦ୍ୟାନ ଓ ଗୁରୁକୁଳ ପ୍ରକଳ୍ପ, ସେବାୟତଙ୍କ ହାଉସିଂ ପ୍ରୋଜେକ୍ଟ, ଏସଜେଟିର ଷ୍ଟାଫ କ୍ୱାର୍ଟର ଆଦି ସବୁ ବାବଦରେ ଆଲୋଚନା ହୋଇଛି । ବିଭିନ୍ନ ପ୍ରକଳ୍ପର ଭିନ୍ନ ଭିନ୍ନ ସମୟସୀମା ଧାର୍ଯ୍ୟ ହୋଇଛି । ଏହାରି ଭିତରେ କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି । ଗୋଟେ ଗୋଟେ ସ୍ୱତନ୍ତ୍ର ଟିମ ହୋଇଛି ପ୍ରୋଜେକ୍ଟ ପାଇଁ । ସେମାନେ କାର୍ଯ୍ୟ କରିବେ । ବିଭାଗ ମଧ୍ୟ ଧାର୍ଯ୍ୟ ସମୟରେ ପ୍ରକଳ୍ପ ଗୁଡିକ ସାରିବା ପାଇଁ ଯତ୍ନବାନ ରହିବ । ଏଥିପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ।

### ରାଜ୍ୟ ସରକାରଙ୍କ...

ଅଧୀକ୍ଷଣ ଯନ୍ତ୍ରୀମାନେ ୧ କୋଟିରୁ ୪ କୋଟି ପର୍ଯ୍ୟନ୍ତ ଏବଂ ୪ କୋଟିରୁ ଅଧିକ ପ୍ରକଳ୍ପ ମୁଖ୍ୟ ଯନ୍ତ୍ରୀଙ୍କ ଦ୍ୱାରା ବୈଷୟିକ ମଞ୍ଜୁରୀ ପ୍ରଦାନ କରାଯିବ। ଅନ୍ୟପକ୍ଷେ ଏମ୍‌ଜିଏନ୍‌ଆରଇଜିଏସ୍ ଅଧୀନରେ ବିକାଶମୂଳକ କାର୍ଯ୍ୟ ପାଇଁ କନିଷ୍ଠ/ସହାୟକ ଯନ୍ତ୍ରୀ/ଗ୍ରାମ ପଞ୍ଚାୟତ ବୈଷୟିକ ସହାୟକମାନେ ଏବେ ୫ ଲକ୍ଷ ପର୍ଯ୍ୟନ୍ତ ବୈଷୟିକ ମଞ୍ଜୁରୀ ପ୍ରଦାନ କରିପାରିବେ। ଯେତେବେଳେ କି ସହକାରୀ ନିର୍ବାହୀ ଯନ୍ତ୍ରୀମାନଙ୍କୁ ୫ ଲକ୍ଷରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ଷମତା ଦିଆଯାଇଛି। ଅନୁରୂପ ଭାବେ ନିର୍ବାହୀ ଯନ୍ତ୍ରୀ/ଅତିରିକ୍ତ ନିର୍ବାହୀ ଅଧିକାରୀ(ବୈଷୟିକ) ମାନେ ୨୦ ଲକ୍ଷରୁ ୧ କୋଟି, ଅଧୀକ୍ଷଣ ଯନ୍ତ୍ରୀମାନେ ୧ କୋଟିରୁ ୪ କୋଟି ଏବଂ ୪ କୋଟି ଟଙ୍କାରୁ ଅଧିକ ପ୍ରକଳ୍ପ ମୁଖ୍ୟ ଯନ୍ତ୍ରୀଙ୍କ ଦ୍ୱାରା ବୈଷୟିକ ମଞ୍ଜୁରୀ ପ୍ରଦାନ କରାଯାଇପାରିବ। ସେହିପରି ସାଧାରଣ ବିକାଶମୂଳକ ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍ ବ୍ୟତୀତ)ରେ ପ୍ରଶାସନିକ ଅନୁମୋଦନ କ୍ଷମତା ମଧ୍ୟ ବୃଦ୍ଧି କରାଯାଇଛି। ବିଡିଓ ୨୦ ଲକ୍ଷ ପର୍ଯ୍ୟନ୍ତ, ପଞ୍ଚାୟତ ସମିତି ଅଧକ୍ଷ ୨୦ ଲକ୍ଷରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏବଂ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ ୫୦ ଲକ୍ଷରୁ ଅଧିକ ଟଙ୍କାର ପ୍ରକଳ୍ପରେ ଅନୁମୋଦନ ପ୍ରଦାନ କରିପାରିବେ। ସେହିପରି ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନା ଅଧୀନରେ ବିକାଶମୂଳକ କାର୍ଯ୍ୟ ପାଇଁ ପ୍ରଶାସନିକ ଅନୁମୋଦନ କ୍ଷମତା ମଧ୍ୟ ବୃଦ୍ଧି କରାଯାଇଛି। ବିଡିଓମାନେ ୨୦ ଲକ୍ଷ ପର୍ଯ୍ୟନ୍ତ, ପଞ୍ଚାୟତ ସମିତି ଅଧକ୍ଷ ୨୦ ଲକ୍ଷରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏବଂ ଜିଲାପାଳ ୫୦ ଲକ୍ଷ ଟଙ୍କାରୁ ଅଧିକ ପ୍ରକଳ୍ପ ନିମନ୍ତେ ଅନୁମୋଦନ ପ୍ରଦାନ କରିପାରିବେ। ଏହି ସଂଶୋଧନଗୁଡ଼ିକ ବିଲ୍ ପାସ୍ କରିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ ଏବଂ ସମସ୍ତ ପଞ୍ଚାୟତ ସମିତିରେ ବିକାଶମୂଳକ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ଦିଗରେ ସହାୟକ ହେବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

### ପ୍ରଧାନମନ୍ତ୍ରୀ ମୋଦୀ ...

ଦ୍ୱିପାକ୍ଷିକ ଆଲୋଚନା ହୋଇଛି । ଭାରତ ଏବଂ ମରିସସ୍ ଏକ ପରିବାର, କେବଳ ଏକ ଔପଚାରିକତା ନୁହେଁ ବରଂ ଏକ ଆଧାତ୍ମିକ ମିଳନ। ଭାରତ ସର୍ବଦା ମରିସସ୍‌ର ପ୍ରଗତି ଏବଂ ବିକାଶର ଯାତ୍ରାରେ ତାଙ୍କ ସହିତ ରହିଛି। ବାରାଣସୀ ପହଞ୍ଚିବା ପରେ ମୋ ପତ୍ନୀ ଏବଂ ମୁଁ ଆମକୁ ମିଳିଥିବା ସ୍ୱାଗତରେ ଆଶ୍ଚର୍ଯ୍ୟ । ଆଇଆଇଟି ମାଡ୍ରାସ ଏବଂ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ପ୍ଲାଣ୍ଟେସନ୍ ମ୍ୟାନେଜମେଣ୍ଟ ମରିସସ୍ ବିଶ୍ୱବିଦ୍ୟାଳୟ ସହିତ ଚୁକ୍ତି । ମରିସସ୍‌ର ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ରକୁ ସୁରକ୍ଷା ଦେବା ଏବଂ ସାମୁଦ୍ରିକ କ୍ଷମତାକୁ ସୁଦୃଢ଼ କରିବା ପାଇଁ ଭାରତ ସମ୍ପୂର୍ଣ୍ଣ ପ୍ରତିବଦ୍ଧ। ମରିସସ୍ ଭାରତର 'ପଡ଼ୋଶୀ ପ୍ରଥମ' ନୀତି ଏବଂ 'ଭିଜନ ସାଗର'ର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ମରିସସ୍‌ର ଆବଶ୍ୟକତାକୁ ଧ୍ୟାନରେ ରଖି ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ୍ ଉପରେ ନିଷ୍ପତ୍ତି ନିଆଯାଇଛି। ଭାରତ ବାହାରେ ପ୍ରଥମ ଜନ ଔଷଧି କେନ୍ଦ୍ର ଏବେ ମରିସସ୍‌ରେ ପ୍ରତିଷ୍ଠିତ ହୋଇଛି।

### ଆମେରିକା ରାଷ୍ଟ୍ରପତି ...

ଏହି କାର୍ଯ୍ୟକ୍ରମରେ ଭାଷଣ ଦେବା ବେଳେ ତାଙ୍କ ଉପରକୁ ଗୁଳି ମାଡ଼ ହୋଇଥିଲା । କଞ୍ଜରଭେଟିଭ୍ ୟୁଥ୍ ଆସୋସିଏସନ- 'ଟର୍ନିଂ ପଏଣ୍ଟ ୟୁଏସଏ'ର ସିଇଓ ଥିଲେ ଚାର୍ଲି କିର୍କ। ଆତତାୟୀ ଦର୍ଶକଙ୍କ ଭିତରେ ଥାଇ ଗୁଳି ମାଡ଼ କରିଥିବା ପ୍ରାଥମିକ ସୂଚନା ମିଳିଛି । ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ ୫୦ରୁ ୧୦୦ ଫୁଟ ଉଚ୍ଚରୁ ଚାର୍ଲି କିର୍କଙ୍କୁ ଗୁଳି କରାଯାଇଛି । ଏହି କାର୍ଯ୍ୟକ୍ରମରେ ୩ ହଜାର ଲୋକ ଏକାଠି ହୋଇଥିଲେ । ନିଜେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆରେ ପୋଷ୍ଟ କରି ଚାର୍ଲିଙ୍କ ମୃତ୍ୟୁ ଖବର ସମ୍ପର୍କରେ ସୂଚନା ଦେଇଥିଲେ। ଚାର୍ଲିଙ୍କୁ ମହାନ ଓ ଲିଜେଣ୍ଡ କହିବା ସହ ଶୋକପ୍ରକାଶ କରିଛନ୍ତି ଟ୍ରମ୍ପ। ଚାର୍ଲିଙ୍କ ମୃତ୍ୟୁ ଆମେରିକା ପାଇଁ କଳା ମୁହୂର୍ତ୍ତ ବୋଲି କହିଛନ୍ତି ଡୋନାଲ୍ଡ ଟ୍ରମ୍ପ। ୨ ଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା ପରେ ଛାଡ଼ିଛି ପୋଲିସ। ଘଟଣାର ତଦନ୍ତ କରୁଛି ଏଫବିଆଇ ।

### ବାଣୀବିହାର କ୍ୟାମ୍ପସରେ...

ନା ମାସେ ନା ବର୍ଷେ... ରହୁଥିଲେ ୪ ଦଶନ୍ଧୀ ଧରି। ଅର୍ଥାତ ପିଲାବେଳୁ ରହିଆସୁଛନ୍ତି ବାଣୀବିହାର କ୍ୟାମ୍ପସରେ। କେବେ ବିଶ୍ୱବିଦ୍ୟାଳୟର ବାବୁ ମାନଙ୍କ ଘରେ ତ ଆଉ କେବେ ତତ୍କାଳୀନ କୁଳପତିଙ୍କ ଘରେ କାମ କରିବା ଆଳରେ ୪୦ ବର୍ଷ ହେଲା ରହିଆସୁଥିଲେ। କାଳକ୍ରମେ ଏବଂ ପରିବାର ହେବା ପରେ ଗୁଜରାଣ ମେଣ୍ଟାଇବା ପାଇଁ ରଂଗମିସ୍ତ୍ରୀ ସାଜି କ୍ୱାର୍ଟର୍ସରେ ରହୁଥିଲେ। ଆଉ ଗୋଟିଏ ହେଉଛନ୍ତି ଅନୁଗୁଳ ହିନ୍ଦୋଳରୁ ଆସିଥିବା ପରିବାର। ଗତ ୫ ବର୍ଷ ହେଲାଣି କ୍ୟାମ୍ପସରେ ରହୁଥିଲେ। ବିଜୁଳି ବିଲ୍ ଦେବାକୁ ପଡୁନଥିବାରୁ ଗ୍ୟାସ୍ ବଦଳରେ ହିଟର୍ ରଖିଥିଲେ। ବାଡ଼ିରେ କିସମ କିସମର ପରିବା ଫଳାଇ ମାସିକ ଖର୍ଚ୍ଚରୁ ବର୍ତ୍ତିଯାଉଥିଲେ। ତାଙ୍କ କହିବା କଥା ଅନାବନା ଘାସଲତା ହଟାଇ ରହିଆସୁଥିଲେ ଏହି ବିପଦସଙ୍କୁଳ ସରକାରୀ ଘରେ। କିନ୍ତୁ ଆଜି ଉଚ୍ଛେଦ ହେବାକୁ ପଡ଼ିଛି ତାଙ୍କୁ।

### ପୂଜା ଦେଖିବେନି ଦାଗୀ...

ଦାଗୀମାନେ ସହରରେ ରହିଲେ ଲୋକଙ୍କ ପାଇଁ ବିପଦ ଥିବାରୁ ଏହି ପଦକ୍ଷେପ ନେଇଛି ଓଡ଼ିଶା ପୁଲିସ । ପର୍ବପର୍ବାଣୀକୁ ଧୁମଧାମରେ ପାଳନ ପାଇଁ ଆରମ୍ଭ ହୋଇଛି ଅପରେସନ୍ - ଡ୍ରାଇଭ ଏଗେନଷ୍ଟ ଆଣ୍ଟିସୋସିଆଲ । ସେପଟେ ଗତ ସପ୍ତାହେ ମଧ୍ୟରେ ରାଜ୍ୟରେ 'ଅପରେସନ୍ ପ୍ରହାର'କୁ ଜୋରଦାର କରାଯାଇଛି । ଗଞ୍ଜେଇ, ବ୍ରାଉନସୁଗାର, କଫ ସିରପ୍ ଚୋରାଚାଲାଣର ପର୍ଦ୍ଦାଫାସ ହୋଇଛି । ସାରା ରାଜ୍ୟରେ ଏବେ ଅପରାଧ ଉପରମୁହାଁ । ଅପରାଧୀଙ୍କୁ ସାବାଡ଼୍ କରିବା ପୁଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ।

### ନେପାଳରୁ ଫେରିଲେ ...

ନିର୍ଦ୍ଦେଶାଳୟ, ଓଡ଼ିଶା ସରକାରଙ୍କ ନୂଆଦିଲ୍ଲୀ ସ୍ଥିତ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ, ନେପାଳ କାଠମାଣ୍ଡୁ ସ୍ଥିତ ଭାରତର ଦୂତାବାସ କାର୍ଯ୍ୟାଳୟ, ରୋମାନିଆ ପାଇଁ ରହିଥିବା ଭାରତର ରାଷ୍ଟ୍ରଦୂତ ଡ଼. ମନୋଜ କୁମାର ମହାପାତ୍ରଙ୍କ ମିଳିତ ସହଯୋଗରେ ନେପାଳରେ ଫସି ରହିଥିବା ୨୩ଜଣ ଓଡ଼ିଆ ଯାତ୍ରୀମାନଙ୍କୁ ନେପାଳରୁ ଭାରତକୁ ଫେରାଇ ଅଣାଯାଇଛି।

## ବିଷ୍ଣୁବିନ୍ଧା ଉ.ପ୍ରା. ବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା

ବାସୁଦେବପୁର, ୧୦/୯ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବିଷ୍ଣୁବିନ୍ଧା ଉ ପ୍ରା ବିଦ୍ୟାଳୟ ପରିସରରେ ମୁଖ୍ୟ ମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ଶିକ୍ଷୟତ୍ରୀ ପ୍ରଭାତୀ ବିଶ୍ୱାଳ ଙ୍କୁ ବିଷ୍ଣୁବିନ୍ଧା ଉ ପ୍ରା ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀମତୀ ବିଶ୍ୱାଳ ବେଷ୍ଟ ଏଫ୍ ଏଲ ଏନ୍ ଟିଚର୍ ଭାବେ ସମ୍ବର୍ଦ୍ଧିତ ହୋଇଛନ୍ତି। ଏହି ସମ୍ବର୍ଦ୍ଧନା ସଭାରେ ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମାଳତୀ ଲତା ବାରିକ୍। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଗଜେନ୍ଦ୍ର ପ୍ରସାଦ ରାଉଳ, ପଦ୍ମିନୀ ପାଣିଗ୍ରାହୀ, ବୀରେନ୍ଦ୍ର କୁମାର ବଳ, ଦେବେନ୍ଦ୍ର ପ୍ରସାଦ ବାରିକ୍, ସାବିତ୍ରୀ ବାରିକ୍ ପ୍ରମୁଖ ଏହି ଅବସରରେ ଯୋଗ ଦେଇଥିଲେ ଏବଂ ଶିକ୍ଷୟିତ୍ରୀ ପ୍ରଭାତୀ ବିଶ୍ୱାଳଙ୍କୁ



ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଇତି ପୂର୍ବରୁ ପ୍ରଭାତୀ ବିଶ୍ୱାଳ ପବିତ୍ର ଗୁରୁ ଦିବସ ରେ ଭଦ୍ରକ ଜିଲ୍ଲା ସ୍ତରୀୟ ସମ୍ବର୍ଦ୍ଧନା ସମାରୋହରେ ପୁରସ୍କୃତ ହୋଇଥିଲେ। ଏହା ବ୍ୟତୀତ ବେତଡା କ୍ଲଷ୍ଟର ତରଫରୁ ଶିକ୍ଷୟିତ୍ରୀ ପ୍ରଭାତୀ ଦିଦିଙ୍କୁ ନରସିଂହପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇ ସାରିବା ପରେ ଆଦର୍ଶ ଶିକ୍ଷୟତ୍ରୀ ଶ୍ରୀମତୀ ବିଶ୍ୱାଳ ବାସୁଦେବପୁର ବ୍ଲକ ପାଇଁ ଗର୍ବ ଓ ଗୌରବ ଆଣି ଦେଇଛନ୍ତି। ସମସ୍ତ ଛାତ୍ର ଛାତ୍ରୀ ଏହି ଉତ୍ସବରେ ଯୋଗ ଦେଇଥିଲେ ଏବଂ ସମସ୍ତେ ପ୍ରଭାତୀ ଦିଦି ଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ।

## କରଞ୍ଜିଆଠାରେ ୨୮ତମ ଶାରଦୀୟ ଦୁର୍ଗାପୂଜା ନିମନ୍ତେ ପ୍ରସ୍ତୁତି ବୈଠକ

ବେତନଟୀ, ୧୦/୯ (ନି.ପ୍ର): ଦାନ୍ତିଆମୁହାଁ ଉପକଣ୍ଠ କରଞ୍ଜିଆ ଠାରେ ୨୮ତମ ଶାରଦୀୟ ଦୁର୍ଗାପୂଜା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି । ଦାତିଆମୁହାଁରେ ଏକମାତ୍ର ସାର୍ବଜନୀନ ଦୁର୍ଗାପୂଜାରେ ଦାନ୍ତିଆମୁହାଁ ସମେତ ବେତନଟୀ, ମୋରଡା ଏବଂ ବାରିପଦା ସଦରବ୍ଲକର ଆଖପାଖ ସୀମାବର୍ତ୍ତି ପଞ୍ଚାୟତ ମାନଙ୍କରୁ ହଜାର ହଜାର ଶ୍ରଦ୍ଧାଳୁଙ୍କର ସମାଗମ ଦେଖିବାକୁ ମିଳିଥାଏ । ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଆୟୋଜକ କମିଟି ପକ୍ଷରୁ ସମସ୍ତ ପ୍ରକାର ବନ୍ଦବସ୍ତ କରାଯାଉଥିବା ବେଳେ ସମସ୍ତ କାର୍ଯ୍ୟକର୍ତ୍ତା ଏବଂ ସଦସ୍ୟଗଣ ସକ୍ରିୟତାର ସହିତ ଦାୟୀତ୍ୱ ସମ୍ପାଦନ କରୁଛନ୍ତି । ଏହି ଅବସରରେ ପ୍ରତ୍ୟେକବର୍ଷ ଭଳି ଚଳିତବର୍ଷ ମଧ୍ୟ ସାମୁହିକ ପ୍ରସାଦସେବନ ବ୍ୟବସ୍ଥାରେ ହଜାର ହଜାର ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ଆୟୋଜକ କମିଟି ପକ୍ଷରୁ ସତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି । ଆୟୋଜକ କମିଟି ପକ୍ଷରୁ ବଂଶୀଧର ବେହେରା, ସମାଜସେବୀ ହୋସଲା ପ୍ରସାଦ ଯାଦବ, ସୁଶାନ୍ତ ମିଶ୍ର, ସୁଦର୍ଶନ ମହାନ୍ତ, ବିଜୟ ମହାନ୍ତ, ଦୀପୁ ମିଶ୍ର, ଭବାନୀଶଙ୍କର ମହାନ୍ତ, ବାବୁଲି ମହାନ୍ତ, ସଞ୍ଜିତ ବେହେରା(ସୋନୁ), ସୁମନ୍ତ ମିଶ୍ର, ବାବୁଲା ପାତ୍ର, ଟୁଟୁ ଦାସ, ଦିବାକର ବେହେରା, ଜଗା ବେହେରା, ସୁରେଶ ଯାଦବ, ରୋହିତ ଯାଦବ, କୃଷ୍ଣ ସିଂ, ବିଜୟ ବେହେରା, ଭରତଚନ୍ଦ୍ର ମହାନ୍ତ, ହରେନ୍ଦ୍ର ସିଂ, ଦୀପୁ ମହାନ୍ତ, ବାଙ୍କୁ ପାତ୍ରଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ଏବଂ କାର୍ଯ୍ୟକର୍ତ୍ତାଗଣ ପ୍ରସ୍ତୁତିବୈଠକରେ ୨୮ତମ ଶାରଦୀୟ ଦୁର୍ଗା ପୂଜାକୁ ନେଇ ଗୁରୁତ୍ୱପୂର୍ଣ ପ୍ରସଙ୍ଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ।

## ଶାରଦୀୟ ଦୁର୍ଗାପୂଜା ଏବଂ ମେଳା ପାଇଁ ଶାନ୍ତିକମିଟି ବୈଠକ ଆୟୋଜିତ

ବେତନଟୀ, ୧୦/୯ (ନି.ପ୍ର): ବେତନଟୀର ପ୍ରସିଦ୍ଧ ତଥା ପ୍ରମୁଖ ଶାରଦୀୟ ଦୁର୍ଗାପୂଜା ଏବଂ ପୂଜାମେଳାକୁ ନେଇ ପୁଲିସ ପ୍ରଶାସନର ଅଧକ୍ଷତାରେ ଏକ ଶାନ୍ତିକମିଟି ବୈଠକ ଗୁରୁବାର ସ୍ଥାନୀୟ ଧର୍ମଶାଳା ପରିସରରେ ଆୟୋଜିତ ହୋଇଯାଇଛି । । ଶାନ୍ତିକମିଟି ସଭାପତି ସମାଜସେବୀ ପ୍ରକାଶ କୁମାର ବେହେରା (ରୁନାବାବୁ)ଙ୍କ ଅଧକ୍ଷତାରେ ଆୟୋଜିତ ଶାନ୍ତିକମିଟି ବୈଠକରେ ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳଙ୍କ ସମେତ ଆଇଆଇସି ସସ୍ମିତା ମହାନ୍ତ, ଅତିରିକ୍ତ ତହସିଲଦାର ଇଶ୍ୱରଚନ୍ଦ୍ର ରଣା, ଟାଟାପାୱାର ପକ୍ଷରୁ ବେତନଟୀ ଉପଖଣ୍ଡ ଅଧିକାରୀ ଇଂ. ଶୁଭଦୀପ୍ତ ମିଶ୍ର, ପୂର୍ତ୍ତବିଭାଗର ସହକାରୀ ନିର୍ବାହୀ ଅଧିକାରୀ ଇଂ. ଅରୋବିନ୍ଦ ମହାନ୍ତି, ଇଂ. ରବୀନ୍ଦ୍ର ମିଶ୍ର, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସହକାରୀ ଅଧିକାରୀ ଇଂ. ଜ୍ୟୋଅତିରଞ୍ଜନ ନାୟକ ପ୍ରମୁଖ ଅଧିକାରୀଗଣ ମଞ୍ଚାସୀନ ଥିଲେ ।



ବେତନଟୀ ଥାନା ଆଇଆଇସି ସସ୍ମିତା ମହାନ୍ତଙ୍କ ସଂଯୋଜନା ଏବଂ ପରିଚାଳନାରେ ଆୟୋଜିତ ଶାନ୍ତିକମିଟି ବୈଠକରେ ବେତନଟୀର ସର୍ବପୁରାତନ ବସଷ୍ଟାଣ୍ଡ ସାର୍ବଜନୀନ ଦୁର୍ଗାପୂଜାକମିଟି, ଆନନ୍ଦବଜାର ଦୁର୍ଗାପୂଜାକମିଟି, ବଙ୍ଗାଳଛକ ସାର୍ବଜନୀନ ଦୁର୍ଗାପୂଜା କମିଟି, କଙ୍କାକାଳିଆ ଦୁର୍ଗାପୂଜା କମିଟି ସମେତ ବାହାନଡା ଦୁର୍ଗାପୂଜା କମିଟି, ବାରମାଇଲ ଦୁର୍ଗାପୂଜା କମିଟି, ଦାନ୍ତିଆମୁହାଁ ଦୁର୍ଗାପୂଜା କମିଟିର କାର୍ଯ୍ୟକର୍ତ୍ତା, ସଦସ୍ୟ ପ୍ରମୁଖ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବେତନଟୀ ସରପଞ୍ଚ ପାନମଣୀ ମୁର୍ମୁ, ସଠିଲ ପଞ୍ଚାୟତ ପକ୍ଷରୁ ପ୍ରାକ୍ତନ ସରପଞ୍ଚ ତଥା ବର୍ତ୍ତମାନର ସରପଞ୍ଚ ଦେବୀମଣି ସିଂଙ୍କ ସ୍ୱାମୀ ବିଜୟ ସିଂ, ସଠିଲେ ସମିତିସଭ୍ୟ କିଶୋର କୁମାର ନାୟକ, ବେତନଟୀ ସମିତିସଭ୍ୟ ରଣଜିତ ସିଂ, ଅବକାରୀ ଅଧିକାରୀ ପ୍ରଦୀପ କୁମାର ବେହେରା, ବିଜେପି ମଣ୍ଡଳ ସଭାପତି ଜୀବନ କୁମାର ପରିଡା ସମେତ ଅଗ୍ନିଶମ ବିଭାଗର ଆଗ୍ନିକ ତଥା ବେତନଟୀ ବ୍ଲକ ସାମ୍ବାଦିକସଂଘର ସଭାପତି ସର୍ବେଶ୍ୱର ମହାନ୍ତ, ଉପ-ସଭାପତି ଗତିକୃଷ୍ଣ ମହାନ୍ତ, ଯୁବ ସାମ୍ବାଦିକ ଅନୁପ ଦଣ୍ଡପାଟ, କାର୍ଯ୍ୟକାରୀ ସଭାପତି ଶାନ୍ତନୁ ପଣ୍ଡା ବିଭିନ୍ନ ସାମାଜିକ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ଓ ସଦସ୍ୟ ପ୍ରମୁଖ ଯୋଗଦେଇଥିଲେ । ଶାନ୍ତିକମିଟି ବୈଠକରେ ପ୍ରମୁଖତଃ ଶାନ୍ତିଶୃଙ୍ଖଳାର ସହିତ ପୂଜାକାର୍ଯ୍ୟ ସମ୍ପାଦନ ଏବଂ ସମସ୍ତ କମିଟି ମଧ୍ୟରେ ପାରସ୍ପରିକ ସମନ୍ୱୟ ରକ୍ଷାକରି କିଭଳି ଭସାଣୀଯାତ୍ରାକୁ ବାଧାମୁକ୍ତ ଏବଂ ଶୃଙ୍ଖଳିତ କରାଯାଇପାରିବ ସେନେଇ ଆଲୋଚନା ହୋଇଥିଲା। ସେହିଭଳି ରାସ୍ତାଘାଟ ମରାମତି, ଡ୍ରେନସଫେଇ,ଆଲୋକ ବ୍ୟବସ୍ଥା ସମେତ ସମସ୍ତ ପୂଜାମଣ୍ଡପରେ ସିସିଟିଭି କ୍ୟାମେରା ବ୍ୟବସ୍ଥା ପାଇଁ ନିଷ୍ପତ୍ତି ସ୍ଥିରୀକୃତ ହୋଇଥିଲା। ଅଧିକ ପୁଲିସଫୋର୍ସ ମୁତୟନ ପୂର୍ବକ ଟ୍ରାଫିକ ନିୟନ୍ତ୍ରଣ, ଅପରାଧିକ କାର୍ଯ୍ୟକଳାପ ଉପରେ କଡାନଜର ରଖୁବା ସମେତ ସର୍ବପରି ହଜାର ହଜାର ଲୋକଙ୍କର ଭିଡନିୟନ୍ତ୍ରଣ ଏବଂ ଶାଧିଶୃଙ୍ଖଳାକୁ ପ୍ରାଥମିକତା ଭିତ୍ତିରେ କାର୍ଯ୍ୟକରିବା ନେଇ ଆଲୋଚନା ହୋଇଥିଲା । ଶାନ୍ତିକମିଟି ବୈଠକରେ ଉପସ୍ଥିତ ସମସ୍ତ ସାର୍ବଜନୀନ ଦୁର୍ଗାପୂଜା କମିଟିର କାର୍ଯ୍ୟକର୍ତ୍ତା, ସଦସ୍ୟଙ୍କ ସମେତ ଅଧିକାରୀଙ୍କ ଦ୍ୱାରା ଉପସ୍ଥାପିତ ବିଭିନ୍ନ ସମସ୍ୟା, ଦାବି ଏବଂ ପ୍ରସ୍ତାବ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ପୂର୍ବକ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ପରିଚାଳନାରେ ବେତନଟୀ ଥାନା କର୍ମଚାରୀ ସକ୍ରିୟ ଦାୟୀତ୍ୱ ସମ୍ପାଦନ କରିଥିବା ବେଳେ ଶାନ୍ତିକମିଟି ବୈଠକ ସଫଳ ସମପାନ ପରେ ଏସଡିପିଓ ମିନତୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ଚକଅର୍ଜୁନୀ ରାଧାକୃଷ୍ଣ ଭାଗବତ ଟୁଙ୍ଗିରେ ଭାଗବତ ଜନ୍ମ ମହୋତ୍ସବ ଅନୁଷ୍ଠିତ

ଜଳେଶ୍ୱର, ୧୦/୯ (ନି.ପ୍ର): ଆଗ କାଳରେ ସଂଧ୍ୟାବେଳେ ଭାଗବତ ଟୁଙ୍ଗିରେ ବସି ଭାଗବତ ପାଠ କରାଯାଉଥିଲା। ଗ୍ରାମବାସୀମାନେ ପ୍ରାୟ ବସି ଭାଗବତ ଶୁଣୁଥିଲେ।ଗାଁରେ ନାମ ସଂକୀର୍ତ୍ତନ ବୁଲୁଥିଲା।ମୃଦଙ୍ଗ,ଝାଞ୍ଜ ବଜାଇ ଗାଁର କିଛି ବ୍ୟକ୍ତି ସଂକୀର୍ତ୍ତନ କରି ଭାଗବତ ଘରେ ପହଞ୍ଚୁଥିଲେ। ଶେଷରେ ସମସ୍ତେ ଭୋଗ ପ୍ରସାଦ ପାଇ ଘରକୁ ଫେରୁଥିଲେ।ଗାଁର ଯେକୌଣସି କଳି,ମନୋମାଳିନ୍ୟ ସେହିଠାରେ ସମାଧାନ ହେଉଥିଲା। ସେଥିପାଇଁ ଥାନା,କଚେରୀ ଯିବାକୁ ପଡୁନଥିଲା। ଏବେ ସେ ସବୁ ନାହିଁ। କଥା କଥାକେ ଥାନା, କଚେରୀ।ଯାହା କି ଗ୍ରାମ୍ୟ ଜୀବନର ସାରଲ୍ୟକୁ ନଷ୍ଟ କରି ଦେଇଛି। ଗାଁର ଏକତା ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଛି। ଗାଁ ଗାଁ ମଧ୍ୟରେ ଯେଉଁ ଭାଇଚାରା ଥିଲା,ତାହା ମଧ୍ୟ ଆଉ ଦେଖିବାକୁ ମିଳୁନାହିଁ। ରାଜନୀତିର ପ୍ରଭାବରେ ଗାଁ ସବୁ ଭାଗ ଭାଗ ହୋଇଯାଇଛି। କିନ୍ତୁ ତାହା ଏବେ ପରିବର୍ତ୍ତନ ମୁହାଁ ହେଉଛନ୍ତି। ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଆରୁହା ଗ୍ରାମ ପଞ୍ଚାୟତ ସ୍ଥିତ ଚକଅର୍ଜୁନି ଗ୍ରାମରେ ୧୯୭୨ ମସିହାରୁ ଭାଗବତ ଟୁଙ୍ଗି ପ୍ରତିଷ୍ଠିତ ହୋଇ ସାରା ବର୍ଷ ବିଭିନ୍ନ ପର୍ବ ପର୍ବାଣୀ ଓ ଉତ୍ସବରେ ଅତ୍ୟନ୍ତ ଶ୍ରଦ୍ଧା ଓ ଭକ୍ତିର ସହିତ ପରିପାଳିତ ହୋଇଥାଏ।ଗତ ୭ ତାରିଖ ରବିବାର ଦିନ ଶ୍ରୀମଦ ଭାଗବତ ମହାପୁରାଣ ଜନ୍ମ ଜୟନ୍ତୀ ଗ୍ରାମବାସୀଙ୍କର ଆକୁଣ୍ଠ ଶ୍ରଦ୍ଧା ଓ ସମର୍ଥନରେ ପାଳିତ ହୋଇଛି। ପ୍ରଭାତ ୭ ଘଟିକାରେ ଭକ୍ତମାନେ ହରିନାମ ମହାମନ୍ତ୍ର ସଂକୀର୍ତ୍ତନ ପୂର୍ବକ ଗ୍ରାମ ପରିକ୍ରମା କରିଥିଲେ।ଶ୍ରୀମଦ



ଭାଗବତ ପୂଜନ, ପଠନ, ନାମ ସଂକୀର୍ତ୍ତନ, ଆଧାତ୍ମିକ ପ୍ରବଚନ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଦିବସ ବ୍ୟାପି ଅନୁଷ୍ଠିତ ହୋଇଥିଲା।ସନ୍ଧ୍ୟା ୬ ଘଟିକାରେ ଗ୍ରାମ୍ୟ ପରିଚାଳନା କମିଟିର ସଭାପତି ଅଧାପକ ଶ୍ରୀଯୁକ୍ତ କାର୍ତ୍ତିକେଶ୍ୱର ପାତ୍ରଙ୍କ ଅଧକ୍ଷତାରେ ଏକ ସାଧାରଣ ସଭାର ଆୟୋଜନ କରା ଯାଇଥିଲା।ଟୁଙ୍ଗିର ସଂଚାଳକ ଶ୍ରୀଯୁକ୍ତ ଲକ୍ଷ୍ମୀଧର ଦେ ପ୍ରାରମ୍ଭିକ ଅଭିଭାଷଣ ଓ ଶ୍ରୀଯୁକ୍ତ ଜଗନ୍ନାଥ ପାତ୍ର, ବାର୍ଷିକ ବିବରଣୀ ପାଠ କରିଥିଲେ। ବାଲେଶ୍ୱର ଜିଲ୍ଲା ପରିଷଦ ଉପାଧକ୍ଷା ଶ୍ରୀମତୀ ଅନୁସୂୟା ପ୍ରଧାନ ପରିଚାଳନା କମିଟିର ସମ୍ପାଦକ ଶ୍ରୀଯୁକ୍ତ ରାଜେନ୍ଦ୍ର ନାରାୟଣ ଦାସ, ଶିକ୍ଷାବିତ ଶ୍ରୀଯୁକ୍ତ ଲେଲିନ କୁମାର ପ୍ରଧାନ,ନାଟ୍ୟକାର ଡ .ପଦ୍ମନାଭ ପ୍ରଧାନ ପ୍ରମୁଖ ଅତିଥି ମାନେ ଉକ୍ତ ସଭାରେ ଯୋଗଦେଇ ଅଧୁନା ସମାଜରେ ଭାଗବତ ବାଣୀର ଉପାଦେୟତା ସମ୍ପର୍କରେ ସ୍ୱକୀୟ ଅଭିମତ ଉପସ୍ଥାପିତ କରିଥିଲେ। ଶ୍ରୀଯୁକ୍ତ ଶରତ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।ଉକ୍ତ ପ୍ରାଚୀନ ଟୁଙ୍ଗି ନିମନ୍ତେ ଏକ ସ୍ଥାୟୀ ମନ୍ଦିର ନିର୍ମାଣ ପାଇଁ ସରକାରୀ ସହାୟତା ଅତ୍ୟନ୍ତ ଆବଶ୍ୟକ ବୋଲି ଉପସ୍ଥିତ ଭକ୍ତମାନେ ମତ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୱାର୍ଡ଼ ସଭ୍ୟ ଶ୍ରୀଯୁକ୍ତ ମଧୁସୂଦନ ପ୍ରଧାନ,ନିଖିଲ କୁମାର ପ୍ରଧାନ, ପଣ୍ଡିତ ପଙ୍କଜ ମହାପାତ୍ର, ପ୍ରଦୀପ ଭଞ୍ଜ, କବିତା ଦାସ, ସୁମତୀ ପ୍ରଧାନ, ସାଧନା ପ୍ରଧାନ, ଅନୀତା ପାତ୍ର,ଝରଣା ପାତ୍ର, ସାବିତ୍ରୀ ଭଞ୍ଜ ଓ କନକଲତା ପ୍ରଧାନ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ।

## ବାରବାଟୀ ସରକାରୀ ବାଳିକା ବିଦ୍ୟାଳୟରେ ୧୧୦ତମ ବାଘାଯତୀନ ଦିବସ ମହାସମାରୋହରେ ପାଳିତ

ବାଲେଶ୍ୱର, ୧୦/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ସରକାରୀ ବାଳିକା ବିଦ୍ୟାଳୟ ରେ ବାଘାଯତୀନ ଦିବସ ସଭାପତି ହରେନ୍ ରଣା ସଭାପତିତ୍ୱରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗ ଦେଇ ଜାତୀୟ ପତାକାକୁ ଉତ୍ତୋଳନ କରି ସହୀଦ ବାଘାଯତୀନ ଙ୍କ ଉଦ୍ଦେଶ୍ୟରେ ୧୦୮ ଦୀପ ପ୍ରଜ୍ୱଳନ କରିଥିଲେ । ସମ୍ମାନୀୟ ଅତିଥି ଭାବେ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ସୁଦୂର କଲିକତାରୁ ଆସିଥିବା ରକ୍ତତୀର୍ଥ ଯାତ୍ରୀ ରାଜୀବ ବେନାର୍ଜି , ପ୍ରବାଳ ମୁଖାର୍ଜୀ , ହେଡ ମାଷ୍ଟର ସୁଧାଂଶୁ ଶେଖର ଜେନା , କାର୍ଯ୍ୟକାରୀ ସଭାପତି ସୁରଜିତ ଦେବ ବାର୍ଷିକ ବିବରଣୀ ପାଠ କରିଥିଲେ ଓ



ବାଘାଯତୀନ ଙ୍କ ପିଲା ଦିନର ନାମ ଯତୀନ୍ଦ୍ର ନାଥ ଚକ୍ରବର୍ତ୍ତୀ ବୋଲି କହିଥିଲେ । ପିଲାଦିନର ସେ ବାଘ ସହିତ ଲଢେଇ କରି ବାଘକୁ ମାରି ଦେଇ ଥିବାରୁ ତାଙ୍କର ନାମ ବାଘାଯତୀନ ହୋଇଥିଲା । ବାଘାଯତୀନ ଇଂରେଜ ସହିତ ଲଢେଇ କରି ଦେଶକୁ ରକ୍ଷା କରିବା ପାଇଁ ଚେଷ୍ଟା କରିଥିଲେ । ଏପରିକି ସେ ଇଂରେଜ ମାନଙ୍କ ଗୁଳିରେ ରକ୍ତାକ୍ତ ହୋଇ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିଲେ । ଶେଷରେ ସେ ମୃତ୍ୟୁ ବରଣ କରିଥିଲେ। ବର୍ତ୍ତମାନ ସେହି ଡାକ୍ତରଖାନା ସରକାରୀ ବାଳିକା ବିଦ୍ୟାଳୟ ରେ ପରିଣତ ହୋଇଛି ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ମୁଖ୍ୟ ଅତିଥି ବିଧାୟକ ମାନସ କୁମାର ଦତ୍ତ ତାଙ୍କ ବକ୍ତବ୍ୟରେ କହିଥିଲେ ଏଭଳି ମହାନ୍ ପୁରୁଷ ଦେଶ ପାଇଁ ନିଜର ଜୀବନ ବଳିଦାନ ଦେଇଥିବାରୁ ଯୁଗେ ଯୁଗେ ଭାରତ ବର୍ଷର ଲୋକେ ତାଙ୍କର ଆମର ଆତ୍ମା ପାଇଁ ସତ୍ ଗତି କାମନା କରିବା ସହ ତାଙ୍କ ଦିବସକୁ ପାଳନ କରିବେ । ରକ୍ତ ତୀର୍ଥ ଯାତ୍ରୀ ରାଜୀବ ବେନାର୍ଜୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ବାରବାଟୀରେ ବାଘାଯତୀନ କମିଟି ବାଘାଯତୀନ ଙ୍କୁ ମନେ ରଖିବା ପାଇଁ ଆୟୋଜନ କରିଥିବାରୁ ଧନ୍ୟବାଦ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ କହିଥିଲେ । ବାଘାଯତୀନ ଜଣେ ମହାନ୍ ଜନ ନାୟକ ଦେଶ ଭକ୍ତ ତାଙ୍କୁ ଦେଶ ମାଟି ମା ମନେ ରଖିବ। ସଭାପତି ହରେନ ରଣା ମୁଖ୍ୟ ଅତିଥି ଓ ସମ୍ମାନୀୟ ଅତିଥି କମିଟିର ସଭ୍ୟ ସଭ୍ୟା ଉପସ୍ଥିତ ଥିବାରୁ ଧନ୍ୟବାଦ୍ ଦେଇଥିଲେ। ରଶ୍ମି ରେଖା ଦେବ , ଅପର୍ଣ୍ଣା କର , କାଉନସିଲର ନିତ୍ୟ ଗୋପାଳ ସିଂ , କାଉନସିଲର ପଦ୍ମଲୋଚନ ଲେଙ୍କା , ଅର୍ଚ୍ଚନା ନନ୍ଦୀ , ଶ୍ରଦ୍ଧାଞ୍ଜଳି ରାଓ , ଆଶ୍ରିତା ତରେଇ , ଗୌରାଙ୍ଗ ଦାସ, ଅଶୋକ ଦାସ , ମିହିର ବାରିକ , ଯଶୋଦା ନନ୍ଦ ଆଶ , ଭାରତୀ ପଣ୍ଡା , ସରସ୍ୱତୀ ମାଡାମ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### AFFIDAVIT

By virtue of an affidavit I, Niranjan Sahoo, S/o- Late Nishakar Sahoo, Resident of Balinagar, Basudevpur, Bhadrak, state that I renounce the use of the former name of my minor daughter Laxmipriya Sahoo and assume the name of Sonakshi Sahoo for her. Henceforth she shall be known as Sonakshi Sahoo in place of her former name Laxmipriya Sahoo for all purposes.

**Niranjan Sahoo**

ଶୁକ୍ରବାର, ସେପ୍ଟେମ୍ବର ୧୨, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# କାଲିର ଚାଟଶାଳୀ ସ୍ୱେଚ୍ଛାସେବୀ ହେଲେ ଆଜିର ରାଜନେତା

ଉଦଳା, ୧୦/୯ (ନି.ପ୍ର): ମୟୂରଭଂଜ ଜିଲ୍ଲାର ୧୩ ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟା ସୁନିତି ମାର୍ଣ୍ଡି ତାଙ୍କର ରାଜନୀତି ଜୀବନ ସମ୍ପର୍କରେ କହିବାକୁ ଯାଇ ଜିଲ୍ଲାରେ କାର୍ଯ୍ୟରତ ଲୋକ ସଂଗଠନ ଜନଜାଗୃତି ମଂଚ ରୁହିଁ ମୁଁ ରାଜନୀତି କରିବାର ରଣକୌଶଳ ଶିଖିଛି ବୋଲି କହିଛନ୍ତି । ସୁନିତି ଉଦଳା ମହାବିଦ୍ୟାଳୟରୁ କଳାରେ ସ୍ନାତକ ପାସ କରିବା ପରେ ଘରେ ବେକାର ଜୀବନ ବିତାଉଥିଲେ । କରୋନା ସମୟରେ ଜନଜାଗୃତି ମଂଚ ତରଫରୁ ବିଭିନ୍ନ ସ୍ଥାନରେ ଚାଟଶାଳିମାନ ଖୋଲା ଯାଇଥିଲା । ଉକ୍ତ ଚାଟଶାଳିରେ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ସୁନିତି ଜଣେ ସ୍ୱେଚ୍ଛାସେବି ଭାବରେ ନିଯୁକ୍ତି ପାଇଥିଲେ । ପରେ ସେ ମଂଚ ତରଫରୁ ଦିଆଯାଉଥିବା ବିଭିନ୍ନ ତାଲିମ ଓ ବୈଠକ ମାନଙ୍କରେ ଅଂଶ ଗ୍ରହଣ କରିଥିଲେ । ଏହିଭଳି ଭାବରେ ତାଙ୍କର ବେଶ ସୁନ୍ଦର ଜନସମ୍ପର୍କ ଗଢ଼ି ଉଠିବା ସହ ରାଜନୀତିରେ ଅଂଶ ଗ୍ରହଣ ପାଇଁ ସୁଯୋଗ ସୃଷ୍ଟି ହୋଇଥିଲା । ଏହାପରେ ସେ ଜିଲ୍ଲାର ୧୩ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟା ଭାବରେ ନିର୍ବାଚନର ରଣାଙ୍ଗନକୁ ଓହ୍ଲାଇଥିଲେ । ପୂର୍ବରୁ ଗଢ଼ି ଉଠିଥିବା ମଜଭୁତ ଜନସମ୍ପର୍କ ତାଙ୍କୁ ନିର୍ବାଚନରେ ଜିତିବା ସହଜ ହୋଇଥିଲା । ଏବେ ସେ ଦକ୍ଷତାର



ସହ ନିଜର ଦାୟିତ୍ୱ ତୁଲାଇ ଚାଲିଛନ୍ତି । ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର ଦିନକୁ ଦିନ ବଢ଼ିଚାଲିଥିବା ଯୋଗୁଁ ସୁନିତି ଏଥିରେ କ୍ଷୋଭ ପ୍ରକାଶ କରିବା ସହ ଏହାକୁ ରୋକିବା ପାଇଁ ସବୁ ସ୍ତରରେ ଉଦ୍ୟମ ଆରମ୍ଭ କରିବାକୁ ଅନୁରୋଧ ଜଣାଇଛନ୍ତି । ଦେଶ ଗଠନରେ ଜନଜାଗୃତି ମଂଚ ଚଳାଇଥିବା ଉଦ୍ୟମକୁ ସେ ଭୂୟସୀ ପ୍ରଶଂସା କରିଛନ୍ତି ।

# କଳିଙ୍ଗ ବାଲିଯାତ୍ରା ୨୦୨୫ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ପାରାଦ୍ୱୀପ, ୧୧/୯ : ଜଗତସିଂହପୁର ଜିଲ୍ଲାପାଳ ତଥା, ଅଧ୍ୟକ୍ଷ, କଳିଙ୍ଗ ବାଲିଯାତ୍ରା ପରିଚାଳନା କମିଟି, ଶ୍ରୀ ଜେ ସୋନାଲଙ୍କ ଅଧ୍ୟକ୍ଷତାରେ ଆଜି ଅପରାହ୍ନରେ ସ୍ଥାନୀୟ ଅଫିସରସ କ୍ଲବ୍ ଠାରେ କଳିଙ୍ଗ ବାଲିଯାତ୍ରା ୨୦୨୫ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଏହି ପ୍ରସ୍ତୁତି ବୈଠକ ରେ ମାନ୍ୟବର ମନ୍ତ୍ରୀ ଶିକ୍ଷ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ , ପାରାଦ୍ୱୀପ ତଥା କଳିଙ୍ଗ ବାଲିଯାତ୍ରା ପରିଚାଳନା କମିଟି ଉପାଧ୍ୟକ୍ଷ ଶ୍ରୀ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଶ୍ରୀ ରବି ନାରାୟଣ ଜେଠୀ ,ପାରାଦ୍ୱୀପ ପୌର ପରିଷଦ ଅଧ୍ୟକ୍ଷ ଶ୍ରୀ ବସନ୍ତ କୁମାର ବିଶ୍ୱାଳ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ପାରାଦ୍ୱୀପ, ତହସିଲଦାର କୁଜଙ୍ଗ, ପୌର




ନିର୍ବାହୀ ଅଧିକାରୀ ଶ୍ରୀ ଅଭିଷେକ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଆସନ୍ତା ନଭେମ୍ବର ୪ ତାରିଖ ରୁ ୧୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା କଳିଙ୍ଗ ବାଲିଯାତ୍ରା ୨୦୨୫ର ପ୍ରସ୍ତୁତି ବିଷୟ ରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ମନ୍ତ୍ରୀ ଶ୍ରୀ ସ୍ୱାଇଁ କଳିଙ୍ଗ ନୌବାଣିଜ୍ୟ ର ପ୍ରତୀକ ବାଲିଯାତ୍ରା କୁ ଭବ୍ୟ ଓ ଉତ୍ସବ ମୁଖର କରିବାକୁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଜିଲ୍ଲାପାଳ ଗତବର୍ଷ ଅପେକ୍ଷା ଏ ବର୍ଷ ଆହୁରି ସୁନ୍ଦର ଭାବେ ବାଲିଯାତ୍ରା ଅୟୋଜନ ଉପରେ ଗୁରୁତ୍ୱ ଦେଇଥିଲେ । ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଙ୍କିତ କୁମାର ବର୍ମା ଶାନ୍ତି ଶୃଙ୍ଖଳା ର ସହ ଏହି ଉତ୍ସବ ପାଳନ କରିବା ପାଇଁ ଉପଦେଶ ଦେଇଥିଲେ । ପାରାଦ୍ୱୀପ ପୌର ପରିଷଦ ଅଧ୍ୟକ୍ଷ ଶ୍ରୀ ବସନ୍ତ କୁମାର ବିଶ୍ୱାଳ କଳିଙ୍ଗ ବାଲିଯାତ୍ରା ଓଡ଼ିଶା ଐତିହ୍ୟ ର ମୂକସାକ୍ଷୀ ବୋଲି କହିଥିଲେ । ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ସୁନ୍ଦର ଭାବେ ଏହାର ପାଳନ କରାଯିବ ।ଏଥି ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ସବ କମିଟି ର କାର୍ଯ୍ୟକାରୀ ବୈଠକ ଡାକି କାମକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ବୈଠକ ରେ କଳିଙ୍ଗ ବାଲିଯାତ୍ରା ର ର ମଞ୍ଚ ନିର୍ମାଣ, ଅତିଥି ଚୟନ, ଶାନ୍ତି ଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ଆୟ ବ୍ୟୟ, ୭ ଦିନର କାର୍ଯ୍ୟସୂଚୀ , ସାଂସ୍କୃତିକ କାର୍ଯ୍ୟକ୍ରମ, ପାନୀୟ ଜଳ ଯୋଗାଣ, ଅସ୍ଥାୟୀ ଶୌଚାଳୟ ନିର୍ମାଣ, ବିଦ୍ୟୁତିକରଣ, ଆଦି ବିଷୟ ରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା । ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଉପସ୍ଥିତ ସମସ୍ତ ଅଧିକାରୀ ଙ୍କୁ ନିଜ ନିଜ ର ଦାୟିତ୍ୱ ସୂଚାରୁ ରୂପେ ପାଳନ କରିବା ପାଇଁ ପରାମର୍ଶ ଦେଇଥିଲେ । ବୈଠକ ର ପ୍ରାରମ୍ଭ ରେ ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ, ତଥା କଳିଙ୍ଗ ବାଲିଯାତ୍ରା ପରିଚାଳନା କମିଟି ର ଉପାଧ୍ୟକ୍ଷ ଶ୍ରୀ ନିରଞ୍ଜନ ବେହେରା ସ୍ୱାଗତ ଭାଷଣ ଓ କାର୍ଯ୍ୟ ସୂଚୀ ଅନୁଯାୟୀ ବୈଠକ କୁ ଆଗେଇ ନେଇଥିଲେ ଓ ଶେଷରେ ପାରାଦ୍ୱୀପ ପୌର ପରିଷଦ ନିର୍ବାହୀ ଅଧିକାରୀ ଶ୍ରୀ ଅଭିଷେକ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକ ରେ କମିଟି ର ସମସ୍ତ ସଦସ୍ୟ ସଦସ୍ୟା, ବିଭିନ୍ନ ଶିକ୍ଷ ଅନୁଷ୍ଠାନ ର କର୍ମକର୍ତ୍ତା, ବିଭାଗୀୟ ଅଧିକାରୀ, ସହର ର ବୁଦ୍ଧିଜୀବି ତଥା ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ଆଲୋଚନା ରେ ଅଂଶଗ୍ରହଣ କରିଥିଲେ ।

# ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅବ୍ୟବସ୍ଥା ନେଇ ଦେବସେନା ସଂଗଠନ ପକ୍ଷରୁ ଦ୍ୱିତୀୟ ଦିନରେ ଆମରଣ ଅନଶନ ପ୍ରତ୍ୟାହୃତ

ବସ୍ତା, ୧୦/୯ (ନି.ପ୍ର): ବସ୍ତା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ନେଇ ଦେବସେନା ସଂଗଠନ ପକ୍ଷରୁ ବୁଧବାର ଠାରୁ ଅହରାତ୍ର ଅନସନରେ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ବସିରହିଥିଲେ । ଗୁରୁବାର ଦିନ ୧୦ଟା ସମୟରେ ବସ୍ତା ଆଇ ଆଇସି ରଣଜିତ ସାହୁ ତହସିଲଦାର ସୁଶାନ୍ତ ପଟନାୟକ ଘଟଣାସ୍ଥଳରେ ପହଞ୍ଚି ବୁଝିଇଥିଲେ ଓ ସେମାନଙ୍କ ଦାବିଗୁଡିକ ବିଭାଗୀୟ ଅଧିକାରୀ ଓ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ ।ଅପରାହ୍ନରେ ବସ୍ତା ବିଧାୟକା ସୁବାସିନୀଜେନା ବସ୍ତାତହସିଲଦାର ଶୁସାନ୍ତ ପଟନାୟକ ଘଟଣା ସ୍ଥଳରେ ପହଞ୍ଚି ଅନସନ ରେ ବସିଥିବା ଆନ୍ଦୋଳନ କାରୀଙ୍କ ସମସ୍ତ ଦାବି ବୁଝିବେ ବୋଲି ପ୍ରତିଶୃତି ଦେଇଥିଲେ । ତେବେ ବି ପି ଏମ ଅରବିନ୍ଦ ଡିଣ୍ଡା ଙ୍କୁ ଯଥାଶିଘ୍ର ଏହି ମେଡିକାଲରୁ ଅନ୍ୟତ୍ର ବଦଳିକରିବା ପାଇଁ ଦେବସେନା ଅଡି




କରିବସିଥିଲେ । ତେବେ ଯଥାଶିଘ୍ର ତାଙ୍କୁ ବଦଳିକରାଯିବ ବୋଲି ପ୍ରତିଶୃତି ଦେବାପରେ ଅନଶନ ପ୍ରତ୍ୟାହୃତତ ହୋଇଥିଲା । ଜିଲ୍ଲା ସଭାପତି ଶଙ୍କର କୁମାର ଜେନା,ବ୍ଲକ ସଭାପତି ଅର୍ନ୍ତଯ୍ୟାମି ରାଉଳ ଆଇଟି ସେଲ ଅଧ୍ୟକ୍ଷା ସତ୍ୟ ରଞ୍ଜନ ପାଣି,ବାରିଷ୍ଟାନଗରିକ କୁମୁଦରଞ୍ଜନ ଗିରି କୋଷାଧ୍ୟକ୍ଷ ସୀତାକାନ୍ତ ଦାସ ଅର୍ଚ୍ଚନା ଦତ୍ତ,ସୁଜାତା ଜେନା,ଅନୁରାଧା ରାଉଳ,ସୁଦାମ ଚରଣ ଗାଣ,ରଶ୍ମିତା ରାଉଳ,ଅମର ଜିତ ଗିରି,ଅଜୟ ଦାସ, ଝୁନା ରାଣୀ ବେହେରା,ରଞ୍ଜିତା ବେହେରା, ଉମେଶ ଚନ୍ଦ୍ର ବେହେରା, ଦେବସେନା ସଂଗଠକ ଥିବା ବେଳେ ବସ୍ତା ବ୍ଲକ ଅଧ୍ୟକ୍ଷା ଅଞ୍ଜଳୀଦାସ ଜିଲ୍ଲାପରିଷଦ ବିର୍ଷ୍ଣୁପ୍ରିୟା ବୁଗୁଡି ସମାଜସେବୀ ମହାଦେବଦାସ ଅନିଲ ମହାନ୍ତି ପ୍ରଦୀପ ବିଶ୍ୱାଳ ଜୟପ୍ରକାଶ ବେହେରା ସତ୍ୟନାରାୟଣ ଗୁପ୍ତା ସୁଧାଶୁଂ ଜେନା ରବିନ୍ଦ୍ରଦାସ ମନୋଜ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ସମିର ପଣ୍ଡା ବସ୍ତା ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଜିଠାରୁ ନୂତନ ଦାଇତ୍ୱ ନେଲେ ।ସେ କେନ୍ଦ୍ରର ଦାଇତ୍ୱ ନେବାପରେ ଧିରେଧିରେ ସମସ୍ୟା ସମାଧାନ କରିବେ ବୋଲି ପ୍ରକାଶ କରିଥିଲେ ।

# ‘ଶିକ୍ଷା’ରେ ହିଁ ରହିଛି ଜୀବନ ବଂଚିବାର ରଣକୌଶଳ : ମେରିନା ପଣ୍ଡା

ଉଦଳା , ୧୦/୯ (ନି.ପ୍ର): ଉଦଳାସ୍ଥିତ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ଶିକ୍ଷା ବିଭାଗ ତରଫରୁ ନବାଗତ ଛାତ୍ରୀ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଅବସରରେ ଆୟୋଜିତ ଉତ୍ସବରେ ପୁରାତନ ଛାତ୍ରୀ ମାନେ ନବାଗତ ଭଉଣୀ ମାନଙ୍କୁ ଶଙ୍ଖ ବଜାଇ, ହୁଳହୁଳି ଦେଇ , ମସ୍ତକରେ ଚନ୍ଦନ ତିଳକ ପିନ୍ଧାଇ, ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଏହାପରେ ଆୟୋଜିତ ସାଧାରଣ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶଶିଭୂଷଣ ପାଣିଗ୍ରାହୀ ଅଧ୍ୟକ୍ଷତା କରି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରି କାର୍ଯ୍ୟକ୍ରମ ଆୟୋଜକ ମାନଙ୍କର ଉଦ୍ୟମକୁ ଭୁୟସୀ ପ୍ରଶଂସା କରିଥିଲେ । ଅଧ୍ୟାପିକା ମେରିନା ପଣ୍ଡା ମଂଚ ପରିଚାଳନା ଦାୟିତ୍ୱ ତୁଲାଇବା ସହ ଶିକ୍ଷା ଭିତରେ ହିଁ ଜୀବନ ବଂଚିବାରେ ରଣ କୌଶଳ ରହିଛି ବୋଲି ବ୍ୟକ୍ତ କରିଥିଲେ । ଅଧ୍ୟାପକ ରାଜକିଶୋର ବେହେରା ଶିକ୍ଷା ବିଷୟରେ ଅଧ୍ୟୟନ କରିବା ପାଇଁ ଛାତ୍ରୀମାନେ ମନବଳାଇଥିବାରୁ କୃତଜ୍ଞତା ଜଣାଇଥିଲେ । ଶେଷର ନବାଗତ ଛାତ୍ରୀ ମାନେ ସମସ୍ତେ ଜଣ ଜଣ କରି ନିଜ ନିଜର ପରିଚୟ ପ୍ରଦାନ ପୂର୍ବକ କାର୍ଯ୍ୟକ୍ରମର ଯବନିକା ପକାଇଥିଲେ ।

# ଜାନୁଆରୀରେ କାର୍ଯ୍ୟକ୍ଷମ ହେବ କଳିଙ୍ଗ ଷ୍ଟୁଡ଼ିଓ

ଭୁବନେଶ୍ୱର, ୧୦/୯ (ନି.ପ୍ର): ଆସନ୍ତା ଜାନୁଆରୀ ମାସରେ କଳିଙ୍ଗ ଷ୍ଟୁଡ଼ିଓ କାର୍ଯ୍ୟକ୍ଷମ ହେବ। ଏଥିପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ଏହାପରେ ଓଡ଼ିଆ ସିନେ ନିର୍ମାତା ପୁଣି କଳିଙ୍ଗ ଷ୍ଟୁଡ଼ିଓରେ ସୁଟିଂ କରିପାରିବେ। ଗୁରୁବାର ଦିନ ୭ ଜଣିଆ ବିଧାୟକ ଦଳ କମିଟି କଳିଙ୍ଗ ଷ୍ଟୁଡ଼ିଓ ପରିଦର୍ଶନ କରିଥିବା ବେଳେ ଭିତିଭୂମିର ଯାଂଚ ସାଙ୍ଗକୁ ବିଭିନ୍ନ ଆଲୋଚନା କରିଥିଲେ। ଏହି କମିଟିରେ ଚେୟାରମ୍ୟାନ ବିଧାୟକ ଦୁଷ୍ମନ୍ତ ସ୍ୱାଇଁଙ୍କ ସମେତ ଛବି ମଲ୍ଲିକ, ଅରବିନ୍ଦ ମହାପାତ୍ର, ଲକ୍ଷ୍ମଣ ବାଗ, ପ୍ରତାପ ଚନ୍ଦ୍ର ପ୍ରଧାନ, ରୂପେଶ କୁମାର ପାଣିଗ୍ରାହୀ, ସତ୍ୟଜିତ ଗମାଙ୍ଗ ପ୍ରମୁଖ କଳିଙ୍ଗ ଷ୍ଟୁଡ଼ିଓର କାର୍ଯ୍ୟସମୀକ୍ଷା କରିଛନ୍ତି।

# ବ୍ଲକ ସ୍ତରୀୟ ଜନଶୁଣାଣି ଶିବିର



ବାଲିଆପାଳ , ୧୦/୯ (ନି.ପ୍ର): ବାଲିଆପାଳ ବ୍ଲକ ସଭାଗୃହ ମଧ୍ୟରେ ୨୦୨୫-୨୬ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ -୨୦୧୩ ଓ ମାହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅନ୍ତର୍ଗତ ସାମାଜିକ ସମୀକ୍ଷାର ବ୍ଲକ ସ୍ତରୀୟ ଜନଶୁଣାଣୀ ଶିବିର ଗୁରୁବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ରାସନ୍ ବିଭାଗରେ ୨୩୭ ଜଣ ମୃତ ବ୍ୟକ୍ତିଙ୍କ ନାମରେ ମାସକୁ ୩୮୪୬୧ କେଜି ଚାଉଳ ଚାଉଳ ଉଠାଯାଉଛି ବୋଲି ଅଭିଯୋଗ ଆସିଥିଲା ।ଅନ୍ୟ ପାଞ୍ଚଟି ଅଭିଯୋଗ ମାହାତ୍ମାଗାନ୍ଧି କର୍ମ ନିଯୁକ୍ତି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛି । ଶିବିରରେ ଉପଜିଲ୍ଲାପାଳ ସିଭ ମାଲଭିୟ, ବିଡିଓ ରାଧା ରଞ୍ଜନ ଦାଶ, ଏମବିଡ଼ି ଶରତ କୁମାର ମୁଦୁଲି, ଖାଦ୍ୟ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ,ଅ,ଇ,ଇ ଅମିତ କୁମାର ମୂର୍ମୁ,ଏପିଓ ସୈମ୍ୟକାନ୍ତ ଦାସ,ଜିପିଡିଓ ପ୍ରୀୟବ୍ରତ ଗିରି, ଫରେଷ୍ଟର ମନୋଜ ଧଡା, ବାଲେଶ୍ୱର ସାମାଜିକ ସମୀକ୍ଷକ ସତ୍ୟ ରଞ୍ଜନ ବେହେରା, ବ୍ଲକ ସମୀକ୍ଷକ ସଞ୍ଜିପ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଗୁଡିକ ଥିଲେ । ଏହି ଅବସରରେ ସ୍ୱଚ୍ଛତା ହିଁ ସେବାରେ ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା ।ସମସ୍ତ ସରପଞ୍ଚ, ସଦସ୍ୟ,ପିଇଓ,ଏଡିଓ ମାନେ ଉପସ୍ଥିତ ଥିଲେ ।

# ବାଲିମାଫିଆଙ୍କ ଆତଙ୍କରାଜ: ପୋଲିସ କବଜାରୁ ଜୋରଜବରଦସ୍ତି ଚୋରା ବାଲିବୋଝେଇ ଟ୍ରାକ୍ଟରକୁ ଅପହରଣ କଲେ ବାଲିମାଫିଆ

ନୀଳଗିରି , ୧୦/୯ (ନି.ପ୍ର): ଦିନକୁଦିନ ବଢ଼ୁଛି ବାଲିମାଫିଆଙ୍କ ଆତଙ୍କରାଜ । ପ୍ରଶାସନକୁ ଖୋଲା ଚ୍ୟାଲେଞ୍ଜ ଦେଇ ମାଫିଆମାନେ ଶହଶହ ଟ୍ରିପ୍ ସୋନନଦୀରୁ ବାଲି ଚୋରାଚାଲାଣ କରି ମାଲେମାଲ୍ ହେଉଥିବାରୁ ବାରମ୍ବାର ଗାଁଲୋକ ଅଭିଯୋଗ କରିଆସୁଥିଲେ । ବାଲି ମାଫିଆମାନେ ଲକ୍ଷଲକ୍ଷ ଟଙ୍କାର ରାଜସ୍ୱ ଫାଙ୍କି ନିଜର ଫାଇଦା ଉଠାଇବାକୁ ଯାଇ ଚଢ଼ାଦରରେ ପୋଡଶୀ ମୟୂରଭଞ୍ଜ , ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ବାଲି ଚୋରାଚାଲାଣ କରୁଛନ୍ତି । ବାଲି ମାଫିଆମାନଙ୍କୁ ଧରିବାପାଇଁ ବହୁବାର ଖଣିଜବିଭାଗ ଚଢ଼ାଉ କରୁଥିଲେ ହେଁ ବାଲିମାଫିଆ ମାନେ ଖବରପାଇ ଘଟଣା ସ୍ଥଳରୁ ଫେରାର ହୋଇଯାଉଥିଲେ । ବୁଧବାର ବିଶେଷସୂତ୍ରରୁ ଖବରପାଇ ଦିନ ପ୍ରାୟ ୧୦ଟା ସମୟରେ ମାଇନିଙ୍ଗ ବିଭାଗ ଓ ପୋଲିସ ବିଭାଗ ଦିନପ୍ରାୟ ୧୦ଟା ସମୟରେ ମିଳିତ ଭାବେ ବାଲିପାଳ



ପୋଲ ନିକଟରେ ଗୋଟିଏ ଚୋରାବାଲି ଟ୍ରକକୁ ଜବତ କରିଥିଲେ । ଉକ୍ତ ବାଲି ବୋଝେଇ ଚୋରା ଟ୍ରାକ୍ଟରକୁ ଥାନାକୁ ନେଇ ଆସୁଥିବା ବେଳେ ତିନିଦେଶ ଅଞ୍ଚଳର ପ୍ରାୟ ୨୦/୨୫ଜଣ ବାଲିମାଫିଆ ଏପିଆର ଷ୍ଟାଫ ଉମାକାନ୍ତ ସିଂଙ୍କୁ ଧମକାଇ ଉକ୍ତ ଚୋରାବାଲି ଟ୍ରାକ୍ଟର ସହ ସଂପୃକ୍ତ ପୋଲିସ କନେଷ୍ଟବଳକୁ ଅପହରଣ କରିନେଥିଲେ । କିଛିବାଟ ଯିବାପରେ ପ୍ରତାପୁର ଠାରେ ଟ୍ରାକ୍ଟରରେ ବସିଥିବା ପୋଲିସକୁ ଟ୍ରାକ୍ଟରରୁ ଠେଲିଦେଇ ଟ୍ରାକ୍ଟର ନେଇ ଚଂପଟ ମାରିଥିଲେ । ଅପହରଣକାରୀ ମାନଙ୍କୁ ପଛପଟୁ ମାଇନିଙ୍ଗ ବିଭାଗ ଓ ପୋଲିସ ବିଭାଗ ପିଛାକରି ପୋଲିସ କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ । ହେଲେ ଚୋରାବାଲି ବୋଝେଇ ଟ୍ରାକ୍ଟରଟିକୁ ନେଇ ଚମ୍ପଟ ମାରିଥିଲେ ମାଫିଆ । ଏହି ଟ୍ରାକ୍ଟରକୁ ଧରିବାପାଇଁ ପୋଲିସ ତନାଘନା ଚଳାଇଥିଲେ ମଧ୍ୟ ଖବର ଲେଖାହେବ ବେଳକୁ ଉକ୍ତ ଚୋରା ଟ୍ରାକ୍ଟରଟି ଧରାପଡ଼ିନଥିବା ସୂଚନା ମିଳିଛି । ତେବେ ମାଇନିଙ୍ଗ ଅଧିକାରୀ ଜୀତେନ୍ଦ୍ର କୁମାର ଦାସ, ସମ୍ବିତ କୁମାର ମଣି ନୀଳଗିରି ଥାନାରେ ଏକ ଲିଖିତ ଅଭିଯୋଗ ପରେ ପୋଲିସ ୩୬୩/୨୫ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ସୂଚନା ମିଳିଛି ।କିଛି ମାସ ପୂର୍ବରୁ ସେହି ଅଞ୍ଚଳରେ ମାଇନିଙ୍ଗ ଅଧିକାରୀଙ୍କୁ ଦୁର୍ବ୍ୟବହାର ସହ ମାଡ଼ମାରିବା ଘଟଣା ଲୋକଙ୍କ ମନରୁ ଲିଭିନଥିବା ବେଳେ ପୁଣି ଏହି ଘଟଣା ଘଟିବା କେଉଁଠି ନା କେଉଁଠି ପ୍ରଶାସନର ପାରିବାପାଣିଆ ଉପରେ ପ୍ରଶ୍ନ ଉଠିଛି ।ଯଦି ଏଠି ପୋଲିସ ସୁରକ୍ଷିତ ନୁହନ୍ତି ତେବେ ସାଧାରଣ ଲୋକ କେତେ ସୁରକ୍ଷିତ ତାହା ଏବେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ବାଇକ ଚୋରି କରୁଥିବା ସମୟରେ ବନ୍ଧା ହୋଇ ଛେଚା ଖାଇଲା ଚୋର

ବାଲିଆପାଳ , ୧୦/୯ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଖଗଡ଼ପାଳ ଗ୍ରାମ ରେ ବାଇକ ଚୋରି କରୁଥିବା ସମୟରେ ଗ୍ରାମବାସୀଙ୍କ ଦ୍ୱାରା ଗଛରେ ବନ୍ଧା ହୋଇ ଛେଞ୍ଚା ଖାଇଲେ ଯୁବକ ।ଯୁବକ ଜଣକ ହେଲେ ଖଗଡାପାଳ ଗ୍ରାମର ବାଇନ ଦାସ ।ଏଭଳି ଘଟଣା ଘଟିଛି ବାଲିଆପାଳ ଥାନା ଖଗଡାପାଳ ଗ୍ରାମରେ ଥିବା ଶିବମନ୍ଦିର ପାଖ ରାସ୍ତା ଉପରେ ଶୁଶାନ୍ତ ସାମଲଙ୍କ ବାଇକ ଛିଡା ହୋଇଥିବା ବେଳେ ଗ୍ରାମର ବାଇନ ଦାସ ନାମକ ଯୁବକ ଚୋରି କରିବାକୁ ଉଦ୍ୟମ କରୁଥିବା ସମୟରେ ଲୋକମାନେ ଜାଣି ପାରି ବାଇନକୁ ଧରି ଏକ ଗଛରେ ବାନ୍ଧି ଦେଇ ଉତ୍ତମ ମଧ୍ୟମ ଦେଇଥିଲେ । ଖବର ପାଇ ଘଟଣା ସ୍ଥଳରେ ବାଲିଆପାଳ ପୋଲିସ ପହଂଚି ବାଇକ ଚୋରକୁ ଥାନାକୁ ନେଇ ଅଧିକ ତଦନ୍ତ ଜାରୀ ରଖିଛି ।

# ସ୍ୱାସ୍ଥ୍ୟ ବିଭାଗର ବିଚିତ୍ର ନୀତି ସୁଇପରଙ୍କ ହାତରେ ଚିକିତ୍ସା ବ୍ୟବସ୍ଥା

ବାଲିଆପାଳ, ୧୦/୯ (ନି.ପ୍ର): ବାଲିଆପାଳ ବ୍ଲକରେ ଏବେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇପଡିଛି । ସୁଇପର, ସିକ୍ୟୁରିଟ ଗାର୍ଡ ଚିକିତ୍ସା କରିବାର ଦେଖିବାକୁ ମିଳିଛି । ସୂଚନାରୁ ପ୍ରକାଶ ବାଲିଆପାଳ ବ୍ଲକ ଡଗରା ଗାଁରେ ଜୈନିକ ମହିଳା ବୁଧବାର ରାତିରେ ଗାଡ଼ିରୁ ପଡିଯାଇ ଆହାତ ହୋଇଥିଲେ । ସଙ୍ଗେ ସଙ୍ଗେ ମହିଳାଙ୍କ ସ୍ୱାମୀ ଏବଂ ତାଙ୍କ ଭାଇ ପ୍ରତାପପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ । ହସ୍ପିଟାଲରେ ଡାକ୍ତର ଉପସ୍ଥିତ ନଥିବା ବେଳେ ସୁଇପର ଜଣଙ୍କ ପେସେଣ୍ଟର ଆଖି ପାଖରେ ହୋଇଥିବା କ୍ଷତକୁ କାଲୁଆ ଇଞ୍ଜେକ୍ସନ ନଦେଇ ଷ୍ଟିଜ କରିଥିଲେ । ଡାକ୍ତର ବିଳମ୍ବରେ ବିନା ଇୟୁନିଫର୍ମରେ ପହଞ୍ଚିଥିଲେ । ମହିଳାଙ୍କ ସ୍ୱାମୀ ପ୍ରତିବାଦ କରିବାରୁ ଡାକ୍ତର ତାଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ଗୁରୁବାର ବାଲିଆପାଳ ଥାନାରେ



କାର୍ଯ୍ୟରତ ଥିବା ଡ଼ାକ୍ତରଙ୍କ ବିରୋଧ ଅଭିଯୋଗ ହୋଇଛି । ଏହି ଘଟଣା ପରେ ରାତିରେ କିଛି ଅସାମାଜିକ ଲୋକ ହସ୍ପିଟାଲରକୁ ଆସି ଚିକିତ୍ସା କରିବାରେ ବାଧା ସୃଷ୍ଟି କରୁଛନ୍ତି । ହସ୍ପିଟାଲର ଡାକ୍ତର ଏବଂ ଷ୍ଟାଫ୍ ଏବଂ ଅନ୍ୟ ପେସେଣ୍ଟ ମାନଙ୍କୁ ହାରାସମେଣ୍ଟ କରାଯାଉଛି ବୋଲି ଥାନାରେ ପାଲାଟା ଅଭିଯୋଗ କରିଛନ୍ତି କାର୍ଯ୍ୟରତ ଡାକ୍ତର । ଏନେଇ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରାପ୍ରାପ୍ତ ଅଧିକାରୀ ପ୍ରୀତମ ସାହୁ କହିଛନ୍ତି ହସ୍ପିଟାଲରେ ଷ୍ଟାଫ୍ କମ୍ ଅଛନ୍ତି ତେଣୁ ସୁଇପରଙ୍କୁ ଡାକ୍ତରଙ୍କ ଉପସ୍ଥିତିରେ ଷ୍ଟିଜ ପକାଇବା ପାଇଁ କୁହାଯାଇଛି । କାର୍ଯ୍ୟରତ ଥିବା ଡ଼ାକ୍ତର ବାଥରୁମରେରେ ଥିଲେ କିଛି ବ୍ୟକ୍ତି ପାଟିତୁଣ୍ଡ କରିବାରୁ ସେ ବିନା ଇୟୁନିଫର୍ମରେ ପହଞ୍ଚିଥିଲେ । ହସ୍ପିଟାଲରେ ସିସିଟିଭି ଫୁଟେଜ ଜବତ କରାଯିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାଲିଆପାଳ ପୋଲିସ କହିଛି ।

## ରାଷ୍ଟ୍ରୀୟ ଲୋକଅଦାଲତ ପରିପ୍ରେକ୍ଷୀରେ ପ୍ରାକ୍ ବୁଝାମଣା ଶିବିର ଅନୁଷ୍ଠିତ

ଭୁବନେଶ୍ୱର, ୧୦/୯ (ନି.ପ୍ର): ରାଷ୍ଟ୍ରୀୟ ଲୋକଅଦାଲତ ଆସନ୍ତା ୧୩ ତାରିଖରେ ଆୟୋଜିତ ହେଉଛି । ଏହି ପରିପ୍ରେକ୍ଷୀରେ ପ୍ରାକ୍ ବୁଝାମଣା ଶିବିର ଆଜି ଅନୁଷ୍ଠିତ ହୋଇଛି । ଜାତୀୟ ଲୋକଅଦାଲତର ଅବ୍ୟବହିତ ପୂର୍ବରୁ ଭୁବନେଶ୍ୱରଠାରେ ଗାଡ଼ିମୋଟର ଦୁର୍ଘଟଣାଜନିତ ମାମଲାର ଆଗୁଆ ଫଇସଲା କରାଯାଇଛି ।

# କୁଳଡ଼ିହା ବନ ବିଭାଗର ଚଢ଼ାଉ: ଦୁଇ ଚୋରା କରତକଳ ଯନ୍ତ୍ରାଂଶ ଏବଂ ମୂଲ୍ୟବାନ କାଠ ଜବତ

ନୀଳଗିରି, ୧୦/୯ (ନି.ପ୍ର): ନୀଳଗିରି ଆକ୍ସନ ମୋଡ୍‌ରେ ନୀଳଗିରି କୁଳଡ଼ିହା ବନବିଭାଗ । ଆଜି ବନବିଭାଗ ପକ୍ଷରୁ ଅଭୟାରଣ୍ୟ ସୀମାନ୍ତ ହାତୀଖୁଲିଆ ସେକ୍ସନ ଅଞ୍ଚଳରେ ଚାଲିଥିବା ୨ଟି ବେଆଇନ କରତକଳରେ ଚଢ଼ାଉକରି ପ୍ରାୟ ୧୦ ଲକ୍ଷ ଟଙ୍କାର ଯନ୍ତ୍ରାଂଶ ଓ ମୂଲ୍ୟବାନ କାଠ ଜବତ କରିଛି କୁଳଡିହା ବନବିଭାଗ । ସୂଚନାଯୋଗ୍ୟ ବାଲେଶ୍ୱରରେ ନୂତନ କରି ଡିଏଫଓ କାର୍ଯ୍ୟରେ ଯୋଗଦାନ କରିବାପରେ ଜିଲ୍ଲାର ୫ଟି ରେଞ୍ଜର ଅଧିକାରୀ ଓ



କର୍ମଚାରୀ ମାନଙ୍କୁ ଡକାଇ କୌଣସି ବେଇଆନ କାର୍ଯ୍ୟକୁ ପ୍ରଶୟ ନଦେବାକୁ ତାଗିଦ କରିଥିଲେ ।ଏହାପରେ କୁଳଡିହା ରେଞ୍ଜର ଦାୟିତ୍ୱରେ ଥିବା ଏସିଏଫ ସୁବ୍ରତ ବେହେରା ଆକ୍ସନ ମୋଡକୁ ଆସିଥିବା ଦେଖିବାକୁ ମିଳିଛି । ଗୁରୁବାର ଭୋର ସମୟରେ କୁଳଡିହା ବନବିଭାଗ ହାତୀଖୁଲିଆ ସେକ୍ସନ ଅଧିନ ଜଗନ୍ନାଥପୁର ଓ ଦହିପୁର ଅଞ୍ଚଳରେ ଚାଲିଥିବା ବେଆଇନ କରତକଳ ଉପରେ ଅଚାନକ ଚଢ଼ାଉ କରିଥିଲେ । ଚଢାଉରେ ୧୦ ଲକ୍ଷ ଟଙ୍କାର ଯନ୍ତ୍ରାଂଶ ଓ କାଠ ଜବତ କରିଥିବାବେଳେ କରତକଳ ଫେକ୍ଟ୍ରିକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି । ତେବେ ମାଲିକ ଫେରାର ହୋଇଯାଇଥିବା ଜଣାପଡିଛି । ଅପରପକ୍ଷରେ ଯେଉଁ ଜାଗାରେ କରତକଳ ଚାଲୁଥିଲା ସେହି ଜାଗାର ମାଲିକଙ୍କ ନାମରେ ମାମଲା ରୁଜୁ କରାଯିବ ବୋଲି ରେଞ୍ଜର ଶ୍ରୀଯୁକ୍ତ ବେହେରା କହିଛନ୍ତି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida